ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ...

ଖୁବ୍ ଶୀଘ୍ର ପ୍ରକାଶ ପାଇବ
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

ବାଲେଶ୍ୱର ❑ ମଙ୍ଗଳବାର ୧୩ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 13 JANUARY 2026
Vol.No. 36 ■ No.13 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

## ବଦଳିବ ବିଧାନସଭା ଓ ଲୋକସେବା ଭବନର କାୟାକଳ୍ପ: ୧୪୭ରୁ ବଢ଼ିକି ହୋଇପାରେ ୨୦୦ ସିଟ୍





ଭୁବନେଶ୍ୱର, ୧୨/୧ (ନି.ପ୍ର): ବିଧାନସଭା ଆସନ ସଂଖ୍ୟା ବଢ଼ିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସଂକେତ ପରେ ଓଡ଼ିଶା ରାଜନୀତିରେ ହଟଚମଟ । ମୁଖ୍ୟମନ୍ତ୍ରୀଙ୍କ କଥା ଶୁଣି ଆଶାୟୀଙ୍କ ଆଶା ଆକାଶଛୁଆଁ ହେଲାଣି । ନିର୍ବାଚନମଣ୍ଡଳୀର ସୀମା ବଦଳିଲେ ନେତାଙ୍କ ଭାଗ୍ୟ ବଦଳିବ । କିଏ ଲାଭରେ ରହିବ ତ ପୁଣି କିଏ କ୍ଷତି ସହିବ । ତାହାକୁ ନେଇ ଏବେଠୁ ଆରମ୍ଭ ହେଲାଣି ଅଙ୍କକଷା । ୨୦୨୯ ସାଧାରଣ ନିର୍ବାଚନ ବେଳକୁ ବଦଳିଯାଇଥିବ ଓଡ଼ିଶାର ରାଜନୈତିକ ଦୃଶ୍ୟପଟ୍ଟ । ଜନ୍ମ ନେଇଥିବ ନୂଆ ନିର୍ବାଚନମଣ୍ଡଳୀ । ବିଧାନସଭାରେ ପ୍ରତିନିଧିତ୍ୱ କରିବାକୁ ଅନେକ ନେତାଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି ହେବ । ଏଭଳି ଆକଳନକୁ ଖୋରାକ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ନୂଆ ଲୋକସେବା ଭବନ ଓ ବିଧାନସଭା ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଏଭଳି ସଂକେତ ଦେଇଛନ୍ତି । କହିଛନ୍ତି, ୩୦୦ ଆସନ ବିଶିଷ୍ଟ ନୂଆ ବିଧାନସଭା ନିର୍ମାଣ ହେବ । ସୀମା ପୁନଃନିର୍ଦ୍ଧାରଣ ହେଲେ ପାଖାପାଖି ୫୦ରୁ ଅଧିକ ସିଟ୍ ବଢ଼ିବ । ଓଡ଼ିଶାର ବିଧାନସଭା ବିଧାୟକଙ୍କ ସଂଖ୍ୟା ୨୦୦ ଛୁଇଁବ । ଦିଲ୍ଲୀର ସେଣ୍ଟ୍ରାଲ ଭିଷ୍ଟା ଭଳି ହେବ ଓଡ଼ିଶାର ବିଧାନସଭା । ୨୦୨୭ ଜନଗଣନା ପରେ ସୀମା ପୁନଃନିର୍ଦ୍ଧାରଣ ସହ ନୂଆ ନିର୍ବାଚନମଣ୍ଡଳୀ ପାଇଁ ବାଟ ଫିଟିବ । ଏନେଇ ଜାତୀୟ ଗଣମାଧ୍ୟମରେ ପୂର୍ବରୁ ରିପୋର୍ଟ ପ୍ରକାଶ ପାଇଛି । ନୂଆ ନିର୍ବାଚନମଣ୍ଡଳୀ ଗଠନ ପାଇଁ ୨ଟି ମାପଦଣ୍ଡ ରହିଛି । ଜନସଂଖ୍ୟା ଓ ଭୌଗୋଳିକ ଦୃଷ୍ଟିକୋଣକୁ ନଜରରେ ରଖି ନୂଆ ନିର୍ବାଚନମଣ୍ଡଳୀ କଥା ବିଚାରକୁ ନିଆଯାଇଥାଏ । ଗଞ୍ଜାମ, ମୟୂରଭଞ୍ଜ, ସୁନ୍ଦରଗଡ଼, ସମ୍ବଲପୁର, କଟକ, କୋରାପୁଟ, ବଲାଙ୍ଗୀର, କେନ୍ଦୁଝର, ବାଲେଶ୍ୱର, କନ୍ଧମାଳ, ଖୋର୍ଦ୍ଧା ଜିଲ୍ଲାରେ ବଢିପାରେ ବିଧାନସଭା ନିର୍ବାଚନମଣ୍ଡଳୀ ସଂଖ୍ୟା । ମୁଖ୍ୟମନ୍ତ୍ରୀଙ୍କ ସଂକେତ ପରେ ବଢିଲାଣି ରାଜନୈତିକ ଚର୍ଚ୍ଚା । ଶେଷଥର ପାଇଁ ୧୯୭୩ ମସିହାରେ ଓଡ଼ିଶା ବିଧାନସଭା ଆସନ ସଂଖ୍ୟା ୧୪୦ରୁ ବଢ଼ି ୧୪୭ ହୋଇଥିଲା । ଶେଷଥର ପାଇଁ ୨୦୦୯ରେ ସୀମା ପୁନଃନିର୍ଦ୍ଧାରଣ ସହ ବଦଳିଥିଲା ନିର୍ବାଚନମଣ୍ଡଳୀର ଭୌଗୋଳିକ ପରିସୀମା ।

## ପରୀକ୍ଷାର୍ଥୀଙ୍କୁ ଅଭିଯୁକ୍ତ ଦର୍ଶାଇଥିବା ଏସଡିପିଓ ଏବେ ନିଜେ ଅଭିଯୁକ୍ତ: ସଙ୍ଗୀନ ମାମଲା ରୁଜୁ କଲା ଏଚଆରପିସି

ଭୁବନେଶ୍ୱର, ୧୨/୧ (ନି.ପ୍ର): ସମୟ ବଡ଼ ବଳବାନ । ଚାକିରି ଆଶାୟୀ ପରୀକ୍ଷାର୍ଥୀଙ୍କୁ ରାତାରାତି ଅଭିଯୁକ୍ତ ଦର୍ଶାଇ ଜେଲ ପଠାଇଥିବା ପୁଲିସ ଅଫିସର ଏବେ ନିଜେ ଅଭିଯୁକ୍ତ । ହାଇକୋର୍ଟଙ୍କ କଡ଼ା ତାଗିଦ୍ ପରେ ଏଚଆରପିସି(ମାନବାଧିକାର ସୁରକ୍ଷା ସେଲ) ପକ୍ଷରୁ ଗତ ଦୁଇଦିନ ତଳେ ସଙ୍ଗୀନ ମାମଲା ରୁଜୁ ହୋଇଛି । କ୍ଷମତାର ଅପବ୍ୟହବାର କରି ଭୁବନେଶ୍ୱରରୁ ଜଣେ ବ୍ୟକ୍ତିଙ୍କୁ ଉଠାଇ ନେଇ ବେଆଇନ ଅଟକ ରଖିବା, ଶାରୀରିକ ନିର୍ଯାତନା ଦେବା ଭଳି ଅଭିଯୋଗରେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଟାଉନ୍ ଏସଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ ଓ ବଡ଼ବଜାର ଥାନା ଆଇଆଇସି ବାବା ଶଙ୍କର ସରାଫଙ୍କ ବିରୋଧରେ ସଙ୍ଗୀନ ଦଫାରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ମାତ୍ର ୩ମାସ ତଳେ ୧୧୪ଜଣ ଚାକିରି ଆଶାୟୀଙ୍କୁ ଜେଲ୍ ପଠାଇ ସେମାନଙ୍କର ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଇଥିବା ବ୍ରହ୍ମପୁର ଏସଡିପିଓ ଶ୍ରୀ ଛୋଟରାୟ ଏବେ ନିଜେ ଆଇନର ଜାଲରେ ଛନ୍ଦି ହୋଇପଡ଼ିଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ମୁସ୍ତାକିମ ଖାନ ନାମକ ଜଣେ ଯୁବକଙ୍କୁ ବେଆଇନ ଭାବେ ଅଟକ ରଖିବା ବ୍ରହ୍ମପୁର ପୁଲିସ ଏସଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ ଓ ବ୍ରହ୍ମପୁର ବଡ଼ବଜାର ଥାନା ଆଇଆଇସି ବାବାଶଙ୍କର ସରାଫଙ୍କୁ ମହଙ୍ଗା ପଡ଼ିଛି । ମୁସ୍ତାକିମଙ୍କୁ ୨୦୨୫ ଅଗଷ୍ଟ ୧୨ତାରିଖରେ ଭୁବନେଶ୍ୱରରୁ ଉଠାଇ ନିଆଯାଇ ଦୀର୍ଘ ୧୦ ◆◆ପୃଷ୍ଠା ୭

## ସ୍ପଷ୍ଟକଲେ ବାଚସ୍ପତି: ଫେବୃଆରି ୧ରେ କେନ୍ଦ୍ର ବଜେଟ୍

ନୂଆଦିଲ୍ଲୀ,୧୨/୧ :୨୦୨୬-୨୭ ଆର୍ଥିକବର୍ଷର ବଜେଟ୍ ଆସନ୍ତା ଫେବ୍ରୁଆରି ୧ ତାରିଖରେ ଉପସ୍ଥାପିତ ହେବ । ଲୋକସଭା ବାଚସ୍ପତି ଓମ୍ ପ୍ରକାଶ ବିର୍ଲା ସୋମବାର ଏହା ସ୍ପଷ୍ଟ କରିଛନ୍ତି ବୋଲି ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ କରିଛି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କର ଏହା ହେବ ୯ମ ବଜେଟ୍ । ଉଲ୍ଲେଖଯୋଗ୍ୟ ସଂସଦର ବଜେଟ୍ ଅଧିବେଶନ ଚଳିତମାସ ୨୮ ତାରିଖରୁ ଆରମ୍ଭ ହେବ ବୋଲି ନିକଟରେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଥିଲେ । ବଜେଟ୍ ଅଧିବେଶନ ଆସନ୍ତା ଏପ୍ରିଲ ୨ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଚାଲିବ । ପ୍ରଥମ ପର୍ଯ୍ୟାୟ ଫେବ୍ରୁଆରି ୧୩ରେ ଶେଷ ହେବ । ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୯ରୁ ଆରମ୍ଭ ହୋଇ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ । ବଜେଟ୍ ଅଧିବେଶନର ପ୍ରଥମ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ ।

## ବାପାଙ୍କୁ ସାହସ ଦେଲେ ଝିଅ: ଓଡ଼ିଶାରେ ପରିବର୍ତ୍ତନ ପାଇଁ ଯୁବବର୍ଗଙ୍କୁ ଏକାଠି ହେବାକୁ ମୋକିମଙ୍କ ଆହ୍ୱାନ



ଭୁବନେଶ୍ୱର, ୧୨/୧ (ନି.ପ୍ର): ମୋକିମ ଫାଉଣ୍ଡେସନ ସାମାଜିକ କାର୍ଯ୍ୟକ୍ରମ ଗଣ୍ଡିରୁ ବାହାରି ପ୍ରଥମଥର ପାଇଁ ରାଜନୈତିକ କାର୍ଯ୍ୟକ୍ରମ ଆୟୋଜନ କରିଛି । ଯୁବ ସମାବେଶ ଜରିଆରେ ଓଡ଼ିଶାରେ ପରିବର୍ତ୍ତନ ପାଇଁ ଯୁବବର୍ଗଙ୍କୁ ଏକାଠି ହେବାକୁ ଆହ୍ୱାନ ଦେଇଛନ୍ତି । ହେଲେ ଝିଅ ସୋଫିଆଙ୍କୁ ଛାଡିଦେଲେ ନିମନ୍ତ୍ରଣ ପାଇଥିବା ଅନ୍ୟ ଯୁବ ନେତୃତ୍ୱ ମୋକିମଙ୍କ ସାଥିରେ ଯାଇନାହାନ୍ତି। ମୋକିମ ଫାଉଣ୍ଡେସନର ଯୁବ ସମାବେଶ ଓଡ଼ିଶା ରାଜନୀତିକୁ ଭିନ୍ନ ମୋଡ଼ ଦେଇଛି । ନୂଆ ଆଞ୍ଚଳିକ ଦଳ ପାଇଁ ପଡ଼ିଛି ମୂଳଦୂଆ । ଯୁବ ସମାବେଶ ଜରିଆରେ ଅନୁଭବୀ ନେତା ନୁହେଁ ବରଂ ନବାଗତଙ୍କୁ ନେଇ ଆଗକୁ ବଢିବାକୁ ଚାହିଁଛନ୍ତି ମୋକିମ । ଏହି କ୍ରମରେ ଅତିଥି ଭାବେ ଅନେକ ଯୁବ ଚେହେରାଙ୍କ ସହଯୋଗ ଲୋଡିଥିଲେ ମଧ୍ୟ ଝିଅକୁ ଛାଡ଼ିଦେଲେ ସାଥି ଦେବାକୁ କେହି ଆସିନଥିଲେ । ପ୍ରଥମ କାର୍ଯ୍ୟକ୍ରମରୁ ହିଁ ମଞ୍ଚରେ ନିରାଶ ହୋଇଛନ୍ତି ମୋକିମ । ◆◆ପୃଷ୍ଠା ୭

## ଦୁର୍ଘଟଣା ବଢୁଛି, ମୁଣ୍ଡ ଗଡୁଛି: ରୋକିବାକୁ ମୁଖ୍ୟମନ୍ତ୍ରୀଙ୍କ ୪-ଇ ଫର୍ମୁଲା



ଭୁବନେଶ୍ୱର, ୧୨/୧ (ନି.ପ୍ର): ରାଜ୍ୟରେ ପ୍ରତିଦିନ କେଉଁଠି ନା କେଉଁଠି ସଡ଼କ ଦୁର୍ଘଟଣା ଘଟୁଛି । ଆଉ ଅକାରଣରେ ଲୋକଙ୍କ ଜୀବନ ଚାଲିଯାଉଛି । କେଉଁଠି ଚାଳକଙ୍କ ଭୁଲ ତ କେଉଁଠି ରାସ୍ତା ଓ ଗାଡି ଖରାପ ଯୋଗୁ ଦୁର୍ଘଟଣାଜନିତ ମୃତ୍ୟୁ ବଢିବାରେ ଲାଗିଛି । ଏହାରି ଭିତରେ ଦୁର୍ଘଟଣା ହ୍ରାସ କରିବାକୁ ୪ଇ- ନୀତି ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ସେପଟେ ଦୁର୍ଘଟଣା ପାଇଁ ପୂର୍ତ୍ତ ବିଭାଗକୁ ଦୋଷ ଦେଇଛନ୍ତି ପରିବହନ ମନ୍ତ୍ରୀ । ରାଜ୍ୟରେ ବଢୁଥିବା ଦୁର୍ଘଟଣାଜନିତ ମୃତ୍ୟୁକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ◆◆ପୃଷ୍ଠା ୭

## ଓଡ଼ିଶାରେ ବଡ଼ ଧରଣର ସାଇବର ଲୁଟ୍‌ର ପର୍ଦ୍ଦାଫାଶ: ଆସାମରୁ ବନ୍ଧାହେଲେ ଲୁଟେରା

ଭୁବନେଶ୍ୱର, ୧୨/୧ (ନି.ପ୍ର): ଓଡ଼ିଶାରେ ସାଇବର ଲୁଟ୍ ଆସାମ ରୁ ବନ୍ଧା ହେଲେ ସାଇବର ଲୁଟେରା । ଟ୍ରେଡିଂ କାରବାର ନରେ ସାଇବର ଠକେଇ ଆସାମରୁ ହୋଇଥିଲା ସାଇବର ଅପରେସନ । ୬ କୋଟିରୁ ଉର୍ଦ୍ଧ ଟଙ୍କା ସାଇବର ଠକେଇ ଦୁଇଟି ଭିନ୍ନ ଭିନ୍ନ ମାମଲାରେ ତିନି ଜଣ ସାଇବର ଲୁଟେରା ଗିରଫ କରିଚି କ୍ରାଇମ ବ୍ରାଞ୍ଚ । ଅଭିଯୁକ୍ତ ମାନେ ହେଲେ ଆସାମର ଅନିକେତ ରାୟ, ଭିକି ଦତ୍ତ । ସେହିପରି ଅନ୍ୟ ଏକ ସାଇବର ଠକେଇ ମାମଲାରେ ଆସାମର ଆସଗର ଅଲ୍ଲୀ ଏହି ତିନି ଅଭିଯୁକ୍ତ ଗିରଫ ହୋଇଛନ୍ତି । କ୍ରାଇମ ବ୍ରାଞ୍ଚ ସେମାନଙ୍କୁ ଟ୍ରାନ୍ଜିଟରିମାଣ୍ଡରେ ଓଡ଼ିଶା ଆଣିଥିବା ବେଳେ ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯିବ । ୫ କୋଟିରୁ ଉର୍ଦ୍ଧ ଟଙ୍କା ସାଇବର ଠକେଇ ମାମଲାରେ ଅନିକେତ ଏବଂ ଭିକି ଧରାପଡ଼ିଥିବା ବେଳେ ୧ କୋଟିରୁ ଉର୍ଦ୍ଧ ଟଙ୍କାର ସାଇବର ଠକେଇ ମାମଲାରେ ଅସଗର ବନ୍ଧ ହୋଇଚଛି । କ୍ରାଇମବ୍ରାଞ୍ଚ ସୂଚନା ଅନୁସାରେ ଭୁବନେଶ୍ୱରର ଜଣେ ବ୍ୟବସିୟୀଙ୍କୁ ସାଇବର ଠକେଇ ଲାଗି ଅନିକେତ ଏବଂ ଭିକି ସାଇବର ଲୁଟେରାଙ୍କୁ ସହଯୋଗ କରିଥିଲେ ।

## ନିର୍ଦ୍ଦେଶକ ପ୍ରଣବ ଦାସ ପାଇବେ ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ

ଭୁବନେଶ୍ୱର, ୧୨/୧ (ନି.ପ୍ର): ଓଡ଼ିଆ ଚଳଚ୍ଚିତ୍ର ଜଗତ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଚଳଚିତ୍ର ନିର୍ଦ୍ଦେଶକ ଓ ସଂଳାପ ଲେଖକ ପ୍ରଣବ ଦାସ ଚଳିତ ବର୍ଷ ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ଅଭିନବ ଭାରତୀୟ ଚଳଚ୍ଚିତ୍ରର ଜନକ ପ୍ରମୋଦ ପତିଙ୍କ ୯୪ ତମ ଜୟନ୍ତୀ ଅବସରରେ ଆସନ୍ତା ଜାନୁଆରୀ ୧୫ ତାରିଖରେ ଭୁବନେଶ୍ୱରସ୍ଥ ବୁଦ୍ଧ ମନ୍ଦିରଠାରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ପ୍ରମୋଦ ପତି ଟ୍ରଷ୍ଟର ଅଧକ୍ଷ ଶ୍ୟାମସୁନ୍ଦର ମହାପାତ୍ର ଓ ସମ୍ପାଦକ ଗୋଲକ ବିହାରୀ ସିଂହ ଜଣାଇଛନ୍ତି। ପ୍ରଣବ ଦାସ ଜଣାଶୁଣା ଓଡ଼ିଆ ଚଳଚ୍ଚିତ୍ର ଶେଷ ପ୍ରତୀକ୍ଷା,ହାକିମ ବାବୁ ଓ ଅଗ୍ନି ସଂକେତ ପାଇଁ ରାଜ୍ୟ ପୁରସ୍କାର ପାଇବା ସହ ଜାତୀୟ ଚଳଚ୍ଚିତ୍ର ପୁରସ୍କାର କମିଟିର ବିଚାରକ ଭାବେ ରହି ଓଡ଼ିଶାର ଗୌରବ ବୃଦ୍ଧି କରିଛନ୍ତି। ସେ ମଧ ଅନେକ ଟିଭି ଧାରାବାହିକ ଓ ମଞ୍ଚ ନାଟକରେ ନିର୍ଦ୍ଦେଶନା ଦେଇ ସୁଖ୍ୟାତି ଅର୍ଜନ କରିଛନ୍ତି।

## ପରମାଣୁ କାର୍ଯ୍ୟକ୍ରମ ବିଷୟରେ ଆମେରିକା ସହ ଆଲୋଚନା ପାଇଁ ଇରାନ ପ୍ରସ୍ତୁତ : ତେହେରାନ

ନୂଆଦିଲ୍ଲୀ,୧୨/୧ : ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି କହିଛନ୍ତି ଯେ, ଇରାନ ଆମେରିକା ସହ ଏହାର ଆଣବିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବାକୁ ଇଚ୍ଛୁକ। କିନ୍ତୁ ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ଉପରେ ସେ କୌଣସି ମନ୍ତବ୍ୟ ଦେଇନାହାନ୍ତି, ଯିଏ କହିଛନ୍ତି ଇରାନ ଆମେରିକା ସହ ଏକ ବୈଠକ କରିବାକୁ ତାଙ୍କୁ ଫୋନ କରି କହିଛି। ଇରାନରେ ହସ୍ତକ୍ଷେପ ପାଇଁ ଧମକ ଦେଇଥିବା ଆମେରିକାର ରାଷ୍ଟ୍ରପତି ରବିବାର କହିଛନ୍ତି ଯେ,ଏଭଳି ବୈଠକ ପାଇଁ ଯୋଜନା କରାଯାଉଛି, କିନ୍ତୁ ବୈଠକ ପୂର୍ବରୁ ଯାହା ଘଟୁଛି ସେଥିପାଇଁ ଆମକୁ କାର୍ଯ୍ୟ କରିବାକୁ ପଡିପାରେ । ରବିବାର ରାତିରେ ଏୟାର ଫୋର୍ସ ୱାନରେ ସାମ୍ବାଦିକମାନଙ୍କୁ ଟ୍ରମ୍ପ କହିଛନ୍ତି, ଇରାନ ଫୋନ୍ କରିଛି, ସେମାନେ ମୋ ସହ ଆଲୋଚନା କରିବାକୁ ଚାହୁଁଛନ୍ତି । ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ୍ ବାଘେଇ କହିଛନ୍ତି ଯେ, ଆମେରିକା ସହିତ ଯୋଗାଯୋଗ ଲାଇନ୍ ଖୋଲା ରହିଛି। ସେ ଆହୁରି ଦାବି କରିଛନ୍ତି ଯେ, ଦେଶବ୍ୟାପୀ ଶାସନବିରୋଧୀ ବିକ୍ଷୋଭ ବିରୋଧରେ କର୍ତ୍ତୃପକ୍ଷ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ ଇରାନରେ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଛି । ଟ୍ରମ୍ପ ଏୟାର ଫୋର୍ସ ୱାନରେ ତାଙ୍କ ମନ୍ତବ୍ୟରେ କହିଛନ୍ତି ଯେ ଇରାନ ଆଲୋଚନା ଚାହୁଁଛି କାରଣ ମୁଁ ଭାବୁଛି ସେମାନେ ଆମେରିକା ଦ୍ୱାରା ମାଡ଼ ଖାଇବାରେ ଥକି ଯାଇଛନ୍ତି। ଇରାନ ବୁଝାମଣା କରିବାକୁ ଚାହୁଁଛି।

## ପୋଲାଭରମ ପ୍ରକଳ୍ପ ନେଇ ତେଲେଙ୍ଗାନା ରିଟ୍ ପିଟିସନ ଗ୍ରହଣଯୋଗ୍ୟ ନୁହେଁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୨/୧ : ଆନ୍ଧ୍ର ପ୍ରଦେଶ ଏବଂ ଏହାର ଏଜେନ୍ସିଗୁଡ଼ିକୁ ପୋଲାଭରମ୍-ବାନାକାଚେର୍ଲା/ନଲ୍ଲମାଲାସାଗର ଲିଙ୍କ୍ ପ୍ରକଳ୍ପ ସମ୍ବନ୍ଧୀୟ କାର୍ଯ୍ୟକଳାପରୁ ଆଗକୁ ବଢ଼ିବାରୁ ରୋକିବାକୁ ତେଲଙ୍ଗାନା ସରକାରଙ୍କ ଦ୍ୱାରା ଦାୟର ରିଟ୍ ପିଟିସନକୁ ସୁପ୍ରିମକୋର୍ଟ ସୋମବାର ପ୍ରଥମ ଦୃଷ୍ଟିରୁ ଗ୍ରହଣଯୋଗ୍ୟ ନୁହେଁ ବୋଲି ଦର୍ଶାଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ, ସମସ୍ତ ପ୍ରଭାବିତ ରାଜ୍ୟମାନଙ୍କୁ ନେଇ ମାମଲା ମାଧ୍ୟମରେ ବିବାଦର ସମାଧାନ ଅଧିକ ଉପଯୁକ୍ତ ହେବ । ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଆବେଦନର ସମାଧାନ କରି ତେଲଙ୍ଗାନାକୁ ମାମଲା ଦାୟର କରିବା ସମେତ ଆଇନରେ ଉପଲବ୍ଧ ଅନ୍ୟ ଯେକୌଣସି ଉପଯୁକ୍ତ ପ୍ରତିକାର ପାଇବା ଏବଂ ବର୍ତ୍ତମାନର କାର୍ଯ୍ୟପନ୍ଥାରେ ଆଗ୍ରହୀ ସମସ୍ତ ବିବାଦ ଉଠାଇବା ପାଇଁ ସ୍ୱାଧୀନତା ପ୍ରଦାନ କରିଛନ୍ତି । ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି ଯେ, ପ୍ରଥମ ଦୃଷ୍ଟିରୁ ରିଟ୍ ପିଟିସନକୁ କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ ବୋଲି ବିଚାର କରାଯାଉଛି । ଆବେଦନକାରୀଙ୍କୁ ଆଇନ ଅନୁଯାୟୀ ଉପଯୁକ୍ତ ପ୍ରତିକାର ପାଇବା ଏବଂ ତୁରନ୍ତ ଆବେଦନରେ ନିଆଯାଇଥିବା ସମସ୍ତ ବିବାଦ ଉଠାଇବାର ସ୍ୱାଧୀନତା ଦିଆଯାଇଛି । ତେଲଙ୍ଗାନା ସରକାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭୀ ସମ୍ବିଧାନର ଧାରା ୩୨ ର ଆବେଦନକୁ ଯଥାର୍ଥ ବୋଲି ଦର୍ଶାଇବାକୁ ଚେଷ୍ଟା କରିଥିଲେ। । ସିଂଘଭୀ ଦର୍ଶାଇଥିଲେ ଯେ ତେଲଙ୍ଗାନା ଗୋଦାବରୀ ନଦୀ ଜଳ ଆବଣ୍ଟନକୁ ନିୟନ୍ତ୍ରଣ କରୁଥିବା ଟ୍ରିବ୍ୟୁନାଲ ଆୱାର୍ଡର ସ୍ପଷ୍ଟ ଉଲ୍ଲଂଘନ ଦୃଷ୍ଟିରୁ ରିଟ୍ ପିଟିସନ୍ ଦାଖଲ କରିଛି । ଗୋଦାବରୀ ଜଳ ବ୍ୟବହାର ନେଇ ଏକ ନିର୍ଦ୍ଦିଷ୍ଟ ସୀମା ରହିଛି, ଏହାଠାରୁ ଅଧିକ ଜଳ ବ୍ୟବହାର ଅବୈଧ । ତେବେ କୋର୍ଟ କହିଥିଲେ ଏହି ବିବାଦ କେବଳ ତେଲଙ୍ଗାନା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ସୀମିତ ନୁହେଁ । କର୍ଣ୍ଣାଟକ ଓ ମହାରାଷ୍ଟ୍ର ପରି ଅନ୍ୟ ରାଜ୍ୟ ମଧ୍ୟ ଅଛନ୍ତି । କିନ୍ତୁ ରିଟ୍ ପିଟିସନରେ ସେମାନଙ୍କୁ ପକ୍ଷଭୁକ୍ତ କରାଯାଇନାହିଁ । ବରିଷ୍ଠ ଓକିଲ ମୁକୁଲ ରୋହତଗୀ ଆନ୍ଧ୍ର ପ୍ରଦେଶ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ । ଏହି ବିବାଦ ଆନ୍ଧ୍ର ପ୍ରଦେଶର ଗୋଦାବରୀ ନଦୀର ବଳକା ଜଳକୁ ପୋଲାଭରମ୍ ଜଳଭଣ୍ଡାରରୁ ମରୁଡ଼ିଗ୍ରସ୍ତ ରାୟଲସୀମାର ବାନାକାଚେ?ଲା ଅଞ୍ଚଳକୁ ପ୍ରଦାନ କରିବା ପ୍ରସ୍ତାବକୁ ନେଇ କେନ୍ଦ୍ରିତ ହୋଇଛି । ତେଲଙ୍ଗାନା ଆନ୍ଧ୍ର ପ୍ରଦେଶ ସରକାରଙ୍କ ପ୍ରସ୍ତାବକୁ ଲଗାତାର ବିରୋଧ କରିଆସୁଛି ।

## କୁଖ୍ୟାତ ସ୍ନାଚର ଶଙ୍କର ରେଡି ଗିରଫ

ଭୁବନେଶ୍ୱର, ୧୨/୧ (ନି.ପ୍ର): କୁଖ୍ୟାତ ସ୍ନାଚର ଶଙ୍କର ରେଡି ଗିରଫ । ଶଙ୍କର ସହ ସହଯୋଗୀ କୁନାଲ ବେହେରାକୁ ଗିରଫ କରିଛି ନାୟପଲ୍ଲୀ ଥାନା ପୋଲିସ୍ । ଗତକାଲି ଫ୍ଲାୱାର ସୋ ଦେଖିବାକୁ ଆସିଥିବା ମହିଳା ଫୋନ ଯୋଗେ କଥା ହେଉଥିବା ବେଳେ ଏମାନେ ଦ୍ରୁତ ବେଗରେ ଆସି ମୋବାଇଲ ଝାମ୍ପି ନେଇଥିଲେ। ନୟାପଲ୍ଲୀ ଥାନାରେ ରିପୋର୍ଟ ପରେ ପୋଲିସ ଏମାନଙ୍କୁ ଗିରଫ କରିଛି । ଗତକାଲି ଏକାମ୍ର ପାର୍କ ସାମ୍ନାରୁ ଜଣେ ମହିଳାଙ୍କ ମୋବାଇଲ ଝାମ୍ପି ଧରାପଡ଼ିଛନ୍ତି ଦୁଇଜଣ। ୧୦ରୁ ଉର୍ଦ୍ଧ୍ୱ ଅପରାଧିକ ମାମଲାରେ ଗିରଫ ହୋଇଛି ଶଙ୍କର।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ଆଶା କର୍ମୀ ସଂଘ

ଜୟପୁର,୧୨/୧ (ନି.ପ୍ର): ଭାରତୀୟ ମଜଦୂର ସଂଘର ସଭାପତି/ସାଧାରଣ ସମ୍ପାଦକଙ୍କ ନେତୃତ୍ୱରେ ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ, (ବିଏମ୍‌ଏସ) ନେତୃ ମଣ୍ଡଳୀର ଅଧିକାରୀ ମାନେ ଓଡ଼ିଶାର ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ. ମୁକେଶ ମହାଲିଙ୍ଗଙ୍କ ବାସଭବନ କାର୍ଯ୍ୟାଳୟରେ ସାକ୍ଷାତ କରି ଓଡ଼ିଶାରେ କାର୍ଯ୍ୟରତ ଆଶା କର୍ମୀ ମାନଙ୍କର ବହୁବିଧ ସମସ୍ୟା ତଥା ବେତନ ବୃଦ୍ଧି ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଅଖିଳ ଭାରତୀୟ ସହ ସଙ୍ଗଠନ ମନ୍ତ୍ରୀ, (ନୂଆଦିଲ୍ଲୀ) ଆଶା ଭଉଣୀ ମାନଙ୍କୁ ବେତନ ପ୍ରଦାନରେ ଅନିୟମିତତା ଏବଂ ପ୍ରତିକୂଳ ପରିସ୍ଥିତିରେ ସ୍ୱଳ୍ପ ବେତନରେ କରୁଥିବା ସ୍ୱାସ୍ଥ୍ୟ ସେବା କାର୍ଯ୍ୟ ସମ୍ବନ୍ଧରେ ଅବଗତ କଲେ। ଅଖିଳ ଭାରତୀୟ ଆଶା କର୍ମଚାରୀ ସଂଘର ସଭାନେତ୍ରୀ ଶ୍ରୀମତୀ ଜିମି ଖୋରା ଓ ଓଡ଼ିଶା ରାଜ୍ୟ ଆଶା କର୍ମଚାରୀ ସଂଘ ସଧାରଣ ସମ୍ପାଦିକା ଶ୍ରୀମତୀ କମଳା ବେହେରା, ଓଡ଼ିଶାର ବିଭିନ୍ନ ସ୍ଥାନରେ ଆଶା ଭଉଣୀ ମାନଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାର ଓ ବାସ୍ତବିକ ସମସ୍ୟା ସମ୍ବନ୍ଧରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଡଃ. ମୁକେଶ ମହାଲିଙ୍ଗ ଓଡ଼ିଶା ଆଶା କର୍ମଚାରୀ ସଂଘ (ବିଏମ୍‌ଏସ)ଙ୍କ ଦ୍ୱାରା ଉପସ୍ଥାପିତ ସମସ୍ତ ଦାବୀ ଉପରେ ଓଡ଼ିଶା ସରକାର ସମ୍ବେଦନଶୀଳ ସହିତ ବିଚାର କରୁଛନ୍ତି । ଯଥାଶୀଘ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏକ ସ୍ୱତନ୍ତ୍ର ବୈଠକ ମାଧ୍ୟମରେ ଦାବି ଗୁଡ଼ିକ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ପୃଥ୍ୱିରାଜ ପଣ୍ଡା ରାଜ୍ୟ ସାଧାରଣ ସମ୍ପାଦକ ଓଡ଼ିଶା, ସ୍ୱାସ୍ଥ୍ୟ ମନ୍ତ୍ରୀ ମାହୋଦୟଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ସୌଜନ୍ୟମୂଳକ ସାକ୍ଷାତକାର ବୈଠକରେ ଅଖିଳ ଭାରତୀୟ ସହ ସଙ୍ଗଠନ ମନ୍ତ୍ରୀ ଗଣେଷ ମିଶ୍ର, ବିଏମଏସ୍ ରାଜ୍ୟ ସଭାପତି ବାଦଲ ମହାରଣା, ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱିରାଜ ପଣ୍ଡା, ସଂଗଠନ ମନ୍ତ୍ରୀ ଲକ୍ଷଣ ଦାସ, ଆଶା ସହ ପ୍ରଭାରୀ ମୁକ୍ତିକାନ୍ତ ସାହୁ, କେନ୍ଦ୍ର କାର୍ଯ୍ୟକାରିଣି ସଦସ୍ୟ ବିନୟ ତ୍ରିପାଠୀ, ଆଶା ମହାସଂଘ ସଭାନେତ୍ରୀ ଜିମି ଖୋରା, ସାଧାରଣ ସମ୍ପାଦିକା କମଳା ବେହେରା, ସମ୍ପାଦିକା ଧରିତ୍ରୀ ବାରିକ, ପ୍ରମିଳା ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।

# 'ଶିଶିର ସରସ-୨୦୨୬'ର ଦ୍ୱିତୀୟ ସନ୍ଧ୍ୟାରେ ନୃତ୍ୟ-ସଙ୍ଗୀତର ଝଙ୍କାର: ଇଡକୋ ପଡ଼ିଆରେ ଜମିଲା ଭିଡ଼

ଭୁବନେଶ୍ୱର,୧୨/୧ (ନି.ପ୍ର): ଶୀତୁଆ ସନ୍ଧ୍ୟାରେ ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ମତୁଆଲା ହେଉଛନ୍ତି ରାଜଧାନୀବାସୀ। ଓରମାସ ଏବଂ ସୁଭଦ୍ରା ଶକ୍ତିର ମିଳିତ ଉଦ୍ୟମରେ ଆୟୋଜିତ 'ଶିଶିର ସରସ ୨୦୨୬' ଦ୍ୱିତୀୟ ଦିନରେ ପହଂଚିଛି। ରବିବାର ସନ୍ଧ୍ୟାରେ କଳାହାଣ୍ଡିର ପ୍ରସିଦ୍ଧ ଘୁମୁରା ନୃତ୍ୟର ରଙ୍ଗୀନ ପ୍ରସ୍ତୁତି ଦର୍ଶକଙ୍କ ମନମୋହିବା ସହ, ରାୟଗଡ଼ାର ଢେମସା ଏବଂ ରାଜସ୍ଥାନୀ ଲୋକନୃତ୍ୟ ମଂଚକୁ ଲୋକସଂସ୍କୃତିର ଏକ ସଜୀବ ଚିତ୍ରରେ ପରିଣତ କରିଥିଲା। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଭାବେ ବଲିଉଡ୍‌ର ଲୋକପ୍ରିୟ କଣ୍ଠଶିଳ୍ପୀ ଦିବ୍ୟ କୁମାରଙ୍କ ସଙ୍ଗୀତମୟ ପ୍ରସ୍ତୁତି ଶ୍ରୋତାଙ୍କୁ ବାନ୍ଧି ରଖିଥିବା ବେଳେ, ଗୀତର ତାଳେ ତାଳେ ଝୁମୁଥାନ୍ତି ଦର୍ଶକ। ମେଳାର ଆଗାମୀ ଦିନଗୁଡ଼ିକରେ ବିଭିନ୍ନ ରାଜ୍ୟର ଲୋକନୃତ୍ୟ ସହ ଓଲିଉଡ଼ର ପ୍ରସିଦ୍ଧ କଳାକାରମାନେ ସଙ୍ଗୀତ ପରିବେଷଣ କରିବେ। ସୂଚନାଯୋଗ୍ୟ ଯେ, ଆସନ୍ତା ବୁଧବାର ସନ୍ଧ୍ୟାରେ ଗାୟକ କୁଳଦୀପ ପଟ୍ଟନାୟକଙ୍କ ସଙ୍ଗୀତମୟ ପ୍ରସ୍ତୁତି, ଗୁରୁବାର ଓଡ଼ିଆ ସଙ୍ଗୀତ ଜଗତର ଅମର ସ୍ୱର-ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ସ୍ମୃତିରେ 'ହ୍ୟୁମାନ ସାଗର ନାଇଟ୍' ଏବଂ ଶୁକ୍ରବାର ଦିନ 'ଫ୍ୟାସନ ଶୋ' ଆୟୋଜିତ ହେବ। ଅପର ପକ୍ଷରେ ରବିବାର, କେରଳର ସେଂଟ୍ରାଲ ପ୍ଲାଂଟେସନ୍ କ୍ରପ୍ସ ରିସର୍ଚ୍ଚ ଇନ୍‌ଷ୍ଟିଟ୍ୟୁଟ (ସିପିସିଆରଆଇ) ପକ୍ଷରୁ 'ନଡ଼ିଆ ଓ ପ୍ଲାଂଟେସନ୍ ଫସଲର: ଫାର୍ମରୁ ବଜାର ପର୍ଯ୍ୟନ୍ତ ମୂଲ୍ୟ ସଂଯୋଜନ ଓ ଉଦ୍ୟମ ସୁଯୋଗ' ବିଷୟରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ଯୋଗଦେଇଥିବା ଅଂଶଗ୍ରହଣକାରୀମାନେ ପୁରୀ, କେନ୍ଦୁଝର, ବାଲେଶ୍ୱର, ଜଗତସିଂହପୁର, ଭଦ୍ରକ ଓ ଖୋର୍ଦ୍ଧା ଜିଲ୍ଲାରୁ ଆସିଥିଲେ।

# ରାଜ୍ୟ ବ୍ରାହ୍ମଣ ମହାସଂଘର ବାର୍ଷିକ ଉତ୍ସବ

କେନ୍ଦ୍ରାପଡା,୧୨/୧ (ନି.ପ୍ର): ବ୍ରାହ୍ମଣ ମହାସଂଘ ଓଡିଶା କେନ୍ଦ୍ରାପଡା ଶାଖାର ଚତୁର୍ଥ ବାର୍ଷିକ ଉତ୍ସବ କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଇଛାପୁର ଯାତ୍ରୀ ନିବସରେ ଅନୁଷ୍ଠିତ ହୋଇ ଯାଇଛି । ଡ଼ଃ ସୌମ୍ୟରଂଜନ ମହାପାତ୍ରଙ୍କ ଅଧ୍ୟକ୍ଷତା ରେ ଏହି ବୈଠକରେ ଅତିରିକ୍ତ ଜଙ୍ଗଲ ଅଧିକାରୀ ଶରତ ଚନ୍ଦ୍ର ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଡ଼ଃ ସଂଜୟ କୁମାର ରଥ, ବ୍ରାହ୍ମଣ ସଂଘର ସଭାପତି ଚିତ ରଂଜନ ମିଶ୍ର, ସଂଯୋଜକ ପ୍ରିୟବ୍ରତ ଷଡଙ୍ଗୀ, ଉପ ସଭାପତି ଦେବାଶିଷ ନନ୍ଦ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାରଦାସ, ସମ୍ମାନିତ ଅତିଥି କିଶୋର କୁମାର ପଣ୍ଡା, ମାଧବ ଚନ୍ଦ୍ର ପତ୍ରୀ ପ୍ରମୁଖ ଯୋଗ ଦେଇ ସଭା ପ୍ରାରମ୍ଭରେ ବେଦ ପାଠ, ପ୍ରତି ଜିଲ୍ଲା ସ୍ତରରେ ବ୍ରାହ୍ମଣ ସେଲ, ବ୍ରାହ୍ମଣ ସମାଜପାଇଁ ବେଦ ବିଦ୍ୟାଳୟ ଏବଂ ୬୦ ବର୍ଷ ପରେ ଅବସର କାଳୀନ ପେନଶନ, ମନ୍ଦିର ପୂଜାରୀଙ୍କ ପାଇଁ ମାସିକ ସହାୟତା ଆଦି ଦାବି ଗୁଡିକ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରାଯାଇଛି। ଏହି ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ବ୍ରାହ୍ମଣ ମାନେ ଯୋଗ ଦେଇଥିଲେ। ଡ଼ଃ ପଂଚାନନ ସୁନ୍ଦର ପାଣି ମଂଚ ପରିଚାଳନା କରିଥିବା ବେଳେ ଦେବାଶିଷ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଂସ୍କୃତଭାରତୀ ଦ୍ୱାରା ଗୀତା ଜୟନ୍ତୀ ସମାରୋହ ଆୟୋଜିତ

ବଲାଙ୍ଗିର,୧୨/୧ (ନି.ପ୍ର): ଶ୍ରୀମଦ ଭଗବତ ଗୀତା ଜ୍ଞାନ ଜୀବନାଭିମୁଖୀ କରି ସଂସ୍କୃତ ଭାଷାର ପ୍ରଚାର ପ୍ରସାର ହେତୁ ଜନଜାଗରଣ ସୃଷ୍ଟି କରିବା ପାଇଁ ସଂସ୍କୃତ ଭାରତୀ ଦ୍ୱାରା ଜିଲ୍ଲା ସ୍ତରୀୟ ଗୀତା ଜୟନ୍ତୀ ସମାରୋହ ରବିବାର ଦିନ ବଲାଙ୍ଗୀର ନଗର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଗୀତା ଦ୍ୱାରା ଆଧୁନିକ ସମାଜ ସମୁଚିତ ମାର୍ଗ ଅନୁସରଣ କରିବ ବୋଲି ମୁଖ୍ୟ ବକ୍ତା ରୂପେ ସଂସ୍କୃତ ଭାରତୀ, ପଶ୍ଚିମ ଓଡ଼ିଶାର ପ୍ରାନ୍ତ ସମ୍ପାଦକ ଅଜିତ କୁମାର ପଣ୍ଡା ମତପୋଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଅର୍ଥନୀତି ବିଭାଗାଧ୍ୟକ୍ଷ ବିଭୂତିଭୂଷଣ ସାହୁ ଆଜିର ଯୁଗରେ, ଯେଉଁଠି ଚାପ, ଅଶାନ୍ତି ଓ ଅସ୍ଥିରତା ବଢୁଛି, ସେଠାରେ ଗୀତାର ବାଣୀ ଆମ ପାଇଁ ଏକ ଆଲୋକସ୍ତମ୍ଭ ସଦୃଶ। ଏବଂ ମୁଖ୍ୟ ଅତିଥି ରୂପେ ପ୍ରଜ୍ଞାନ ମିଶନ, ବଲାଙ୍ଗିର ଜିଲ୍ଲା ସଂଯୋଜକ ଚିତ ରଞ୍ଜନ ଷଡ଼ଙ୍ଗୀ ଗୀତା ଅଧ୍ୟୟନ ଦ୍ୱାରା ବିଦ୍ୟାର୍ଥୀଙ୍କ ସର୍ବାଙ୍ଗୀଣ ଉନ୍ନତି ହୁଏ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥି ରୂପେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ର ସଂସ୍କୃତ ବିଭାଗାଧ୍ୟକ୍ଷ ଅମରେଶ୍ୱର ନାୟକ ଯୋଗଦେଇ ଥିବା ବେଳେ ଉଦ୍ଘାଟନ କାର୍ଯ୍ୟକ୍ରମ ରେ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରାନ୍ତ ପ୍ରଚାର ପ୍ରମୁଖ ତଥା ଆଦର୍ଶ ବିଦ୍ୟାଳୟ ପଥରଚେପାର ଶେଷଦେବ ମିଶ୍ର, ଉଦ୍ଦେଶ୍ୟ ଜ୍ଞାପନ ପ୍ରାନ୍ତ ସହମନ୍ତ୍ରୀ ଡ଼. ମାନସରଞ୍ଜନ ସାହୁ, ଧନ୍ୟବାଦ ଜ୍ଞାପନ ଶିକ୍ଷକ ବୀରକିଶୋର ସୁନା ଏବଂ ସଭା ସଂଚାଳନ ରୀନା ମିଶ୍ର କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନେ ଏହି ଅବସରରେ ପୁରସ୍କୃତ ହୋଇଥିଲେ। ପ୍ରସନ୍ନ ଗଡତ୍ୟା, ଶ୍ୱେତପଦ୍ମା ଷଡ଼ଙ୍ଗୀ, ଆଦର୍ଶ ମହାପାତ୍ର, ଦେବଦତ ଦ୍ୱିବେଦୀ, ପଦ୍ମାଳୟା ତ୍ରିପାଠୀ, ପଦ୍ମାବତୀ ଜାଲ, ସ୍ୱାଗତିକା ପଟେଲ, ଅର୍ଚ୍ଚନା ତାଣ୍ଡି, ଭାଗିରଥୀ ସାହୁ, ସ୍ୱାଗତିକା ଷଡ଼ଙ୍ଗୀ, ଶକୁନ୍ତଳା ମାଝୀ, ଆନନ୍ଦ କୁମାର ସାହୁ, ଉର୍ମିଳା ସ୍ୱାଇଁ ଆଦି କାର୍ଯ୍ୟକର୍ତା ମାନେ ସହଯୋଗ କରିଥିଲେ।

# ଜୟପୁର ସାଂସ୍କୃତିକ ଅନୁଷ୍ଠାନର ନାଟକ ପ୍ରତିଯୋଗିତାରେ ସଫଳତା

ଜୟପୁର,୧୨/୧ (ନି.ପ୍ର): ନବମ ରାଜ୍ୟ ସ୍ତରୀୟ ମଂଚ ନାଟକ ତଥା ୩୫ତମ ଗଞ୍ଜାମ କଳା ପରିଷଦ ମଂଚ କଳାକାର ପରିଚାଳିତ ନାଟକ ପ୍ରତିଗୋଟିତାରେ ଜୟପୁର ସାଂସ୍କୃତିକ ଅନୁଷ୍ଠାନ ଜୟପୁର ଦ୍ୱାରା ଅଭିନୀତ ନାଟକ, 'ମା ଲୋ ଚାମ୍ପର ' ଆଣି ଦେଇଛି କୋରାପୁଟକୁ ନୂଆବର୍ଷ ଭେଟି। ଜଗଦୀଶ ଅଧିକାରୀଙ୍କ ରଚିତ ଓ ନିରଞ୍ଜନ ପାଣିଗ୍ରାହୀଙ୍କ ଦ୍ୱାରା ନିର୍ଦ୍ଦେଶିତ, ପରିଚାଳିତ ଏବଂ ଜି. ମହେଶ, ରାମ ନିଗମ ମହାନ୍ତିଙ୍କ ସଙ୍ଗୀତ ତଥା ସୁରେଶ ହୋତା, ପଂଚାନନ ମିଶ୍ର, ବୃସିଂହ ଷଡ଼ଙ୍ଗୀ, ସରୋଜ ମିଶ୍ର, ନିରଞ୍ଜନ ପାଣିଗ୍ରାହୀ, ପବିତ୍ର ମଲ୍ଲିକ, ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ ଏବଂ ନିବେଦନ ପାଣିଗ୍ରାହୀଙ୍କ ଅଭିନୀତ ନାଟକ ବ୍ରହ୍ମପୁର ମଂଚରେ ଦ୍ୱିତୀୟ ସର୍ବଶେଷ୍ଠ ନାଟକ ଦଳ, ସର୍ବଶେଷ୍ଠ ହାସ୍ୟ କଳାକାର ପବିତ୍ର ମଲ୍ଲିକ, ସର୍ବଶେଷ୍ଠ ପାର୍ଶ୍ୱ ଅଭିନେତା ନୃସିଂହ ଷଡ଼ଙ୍ଗୀ ଦ୍ୱିତୀୟ ସର୍ବଶେଷ୍ଠ ନାଟ୍ୟକାର ଜଗଦୀଶ ଅଧିକାରୀ ପୁରସ୍କୃତ ହେଇଛନ୍ତି। ନାଟକଟି କୋଟିଆର କରୁଣ କାହାଣୀ ତଥା ସେଠାକାର ଅଧିବାସୀ ଏବଂ ଓକିଲଙ୍କ ସଂଘର୍ଷ ଉପରେ ଆଧାରିତ ଥିଲା ଏବଂ ଦର୍ଶକଙ୍କୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବାନ୍ଧୀ ରଖି ବାରେ ସଫଳତା ହାସଲ କରି ପାରିଥିଲା।

# ପ୍ରଦୂଷଣ ସାର୍ଟିଫିକେଟ ନାମରେ ଗାଡି ଚାଳକଙ୍କୁ ଲୁଟ୍ କରିବା ବନ୍ଦ କର : ସିପିଆଇ

ଭୁବନେଶ୍ୱର,୧୨/୧ (ନି.ପ୍ର): ମୋଟର ଭେହିକ୍ଲ ଆଇନର ସଂଶୋଧନ ନାମରେ ଲୁନା, ସ୍କୁଟର ଠାରୁ ଆରମ୍ଭ କରି, ଅଟୋ, କାର, ବସ୍, ଟ୍ରକ ସମସ୍ତ ପ୍ରକାରର ମୋଟର ଯାନ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ନାମରେ ତଥାକଥିତ ଜାଂଚ୍ ଆଳରେ ସରକାର ସମ୍ପୃକ୍ତ ମୋଟର ଯାନ ମାଲିକ/ ଚାଳକଙ୍କୁ ଦିନ ଦିନ ଧରି ଧାଡିରେ ଛିଡା ହେବାର ଦଣ୍ଡ ଦେଉଛନ୍ତି। ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ଅତ୍ୟଧିକ ଜୋରିମାନା ବୋଝ ଗାଡି ବିକ୍ରୀ କରିବାକୁ ବାଧ କରାଯାଉଛି। ପ୍ରଦୂଷଣ ର ମାତ୍ରା ଯେଉଁ ବେଗରେ ବଢୁଛି, ସେଥିରେ ଭାରତ ସରକାର ଓ ରାଜ୍ୟ ସରକାର ମାନଙ୍କ ଅବହେଳା ସୀମା ଲଙ୍ଘନ କରୁଥିବା ବେଳେ ସରକାର ଯେଉଁ ଦିଗ ପ୍ରତି ଅଧିକ ଧ୍ୟାନ ଦେବା କଥା ତାହା କରୁ ନାହାନ୍ତି। ବିପଜ୍ଜନକ ପ୍ରଦୂଷଣ ବନ୍ଦ ପାଇଁ କେନ୍ଦ୍ର ସରକାର ପ୍ୟାରିସ ଚୁକ୍ତିନାମା କାର୍ଯ୍ୟକାରୀ କରି ଜୀବାଶ୍ମ ଇନ୍ଧନ ବନ୍ଦ କରି, ଜଙ୍ଗଲ କାଟ କରି ପ୍ରତିଷ୍ଠା କରୁଥିବା ଖଣିଜ ଶିଳ୍ପାୟନ ବନ୍ଦ କରି, ବିଲଡର ମାନଙ୍କ ଅସୁରକ୍ଷିତ ତଥା ପ୍ରଦୂଷିତ ନିର୍ମାଣ ଶୈଳୀ ଉପରେ ଅଙ୍କୁଶ ଲଗାଇବା ସହ ପ୍ରଦୂଷଣ ମୁକ୍ତ ମୋଟରଯାନ ଉତ୍ପାଦନ ଉପରେ ଗୁରୁତ୍ୱ ନଦେଇ ସରକାର ଲୋକଙ୍କୁ ଦଣ୍ଡ ଦେବାକୁ ବସିଛନ୍ତି। ଜନଗଣଙ୍କ ଉପରୁ ପ୍ରଦୂଷଣ ସାର୍ଟିଫିକେଟ ନାମରେ ଜୋରିମାନା ରେ ଦେଶ ଚଳାଇବାର ରୁଗ୍ଣ ମାନସିକତା ପ୍ରତିବାଦରେ ଆଜି ଭୁବନେଶ୍ୱର ରାଜମହଲ ଛକରେ ସିପିଆଇ ଓ ଏଆଇକେଏମ୍‌ୟୁ ପକ୍ଷରୁ ବିକ୍ଷୋଭ ଓ ରାସ୍ତା ରୋକ ଅନୁଷ୍ଠିତ ହୋଇଯାଇଛି। ଏହି ବିକ୍ଷୋଭ ରେ ସିପିଆଇର ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସୁର ଜେନା, ଭୁବନେଶ୍ୱର ଅଂଚଳ ସମ୍ପାଦକ କୈଳାସ ପୁହାଣ, ସହ ସମ୍ପାଦକ ବିଶ୍ୱଜିତ ନାୟକ ଓ ଶଙ୍କର ବାରିକ, ରାଧାକାନ୍ତ ଶତପଥୀ, ଶରତ ସ୍ୱାଇଁ, ମନୋଜ ବାରିକ, ପଂଚାନନ ସାହୁ, ଛେଡମ୍ବର ଭୋଇ, ମୁରଲୀ ଭୋଇ ଓ ଶିବ ବେହେରା ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ସୁଦେଷ୍ଣା ଦୈନିକ ଖବର କାଗଜର ବାର୍ଷିକ ଉତ୍ସବ



ଏରସମା ,ତା ୧୧/୧)୨୬ଜାନୁଆରୀ ୧୧ ତାରିଖ ରବିବାର ମକରଧ୍ୱଜ ଶିକ୍ଷ ତାଲିମ୍ କେନ୍ଦ୍ର ଠାରେ ପୁରୀ ଜିଲ୍ଲା କଣାସ ଅଞ୍ଚଳର ଅଗ୍ରଣି ସାହିତ୍ୟ ଅନୁଷ୍ଠାନ 'ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦ ଓ ନିର୍ଭୀକ ନିରପେକ୍ଷ ଦୈନିକ ଖବରକାଗଜ'ସୁଦେଷ୍ଣା'ର ମିଳିତ ଆନୁକୂଲ୍ୟରେ ବାର୍ଷିକ ଉତ୍ସବ ସଂସଦ ତଥା ଖବରକାଗଜର ସଭାପତି ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ରାଉତରାୟଙ୍କ ସଭାପତିତ୍ୱରେ ଏବଂ ଉପସଭାପତି ଡକ୍ଟର ବସନ୍ତ ମଞ୍ଜରୀ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ ପଣ୍ଡିତ ନାଗୁ ଚରଣ ଦେବତା (ସଭାପତି ,ପୂଜ୍ୟପୂଜା ସଂସଦ ଓ ସମ୍ପାଦକ ପ୍ରେରଣା) ଏବଂ ମୁଖ୍ୟ ଅତିଥି ଭାବେ 'ନବକାକଳୀ'ର ସମ୍ପାଦକ ସ୍ୱପ୍ନିଳ କବି ସୁରେନ୍ଦ୍ର ନାଥ ତ୍ରିପାଠୀ ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ସମ୍ବାଦ ସାହିତ୍ୟଘର (ଏରସମା)ର ସଭାପତି ଶ୍ରୀଯୁକ୍ତ ମହେଶ୍ୱର ସ୍ୱାଇଁ ଯୋଗଦାନ କରିଥିଲେ । ବିଶିଷ୍ଟ ଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ବରେଣ୍ୟ ଅତିଥି ଭାବେ ସୁଦେଷ୍ଣା ଦୈନିକ ଖବରକାଗଜର ଆଇନ ପରାମର୍ଶଦାତ୍ରୀ ଆଇନଜୀବୀ ମଞ୍ଜୁଲତା ରାଉତ , ପବ୍ଲିକ ସ୍କୁଲ ଚେୟାରମ୍ୟାନ୍ ଶ୍ରୀଯୁକ୍ତ ରବିନ୍ଦ୍ରନାଥ ସ୍ୱାଇଁ , ସୁଦେଷ୍ଣା ଦୈନିକ ଖବରକାଗଜର ଉପସଭାପତି ତଥା ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ସମ୍ପାଦିକା ଡକ୍ଟର ବସନ୍ତ ମଞ୍ଜରୀ ଦାସଙ୍କ ସମେତ ସୁଦେଷ୍ଣାର ସହସମ୍ପାଦକ ଶ୍ରୀଯୁକ୍ତ ଭୁବନ ମୋହନ ମହାନ୍ତି , ସୁଦେଷ୍ଣା ଦୈନିକ ଖବରକାଗଜର ସମ୍ପାଦକ (ପ୍ରତିଷ୍ଠାତା) କାବ୍ୟଭୂଷଣ ଶିବ ପ୍ରସାଦ ବାହିନୀପତି ମଞ୍ଚାସୀନ ଥିଲେ । ଉକ୍ତ ଉତ୍ସବରେ ମୈନାକ ସାହିତ୍ୟ ସଂସଦର ସମ୍ପାଦକ ନଗେନ୍ଦ୍ରନାଥ ସ୍ୱାଇଁ ଅତିଥି ଆମନ୍ତ୍ରଣ କରିଥିବା ବେଳେ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ ସୁଦେଷ୍ଣା ସମ୍ପାଦକ(ପ୍ରତିଷ୍ଠାତା) କାବ୍ୟ ଭୂଷଣ ଶିବ ପ୍ରସାଦ ବାହିନୀପତି ଏବଂ ପ୍ରାକ୍ କଥନ ପଠନ କରିଥିଲେ ସହସମ୍ପାଦକ ଶ୍ରୀଯୁକ୍ତ ଭୁବନ ମୋହନ ମହାନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତାଧିକ କବି କବୟିତ୍ରୀ ଯୋଗଦାନ କରିଥିଲେ ଏବଂ କବିତା ସଂଯୋଜନା କରିଥିଲେ ସୂର୍ଯ୍ୟୋଦୟ ସଭାପତି ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ସେଠୀ । ସୁଦେଷ୍ଣା ଖବରକାଗଜରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁଦେଷ୍ଣାର ଖବର ଦାତା ଯଯାତି କେଶରୀ ସାମନ୍ତରାୟ , ଶ୍ୟାମଳେନ୍ଦୁ ପରିଡ଼ା, ସହସମ୍ପାଦକ ଶ୍ରୀଯୁକ୍ତ ଭୁବନ ମୋହନ ମହାନ୍ତି, ପ୍ରଶାନ୍ତ ମହାପାତ୍ର , ଅଂଶୁମାନ ମିଶ୍ର,ଚନ୍ଦ୍ରଜିତ ଦାସ , ତୃପ୍ତି ରଞ୍ଜନ ମହାନ୍ତି , ତନ୍ମୟ ସେଠୀ,ବଲ୍ଲଭ ପ୍ରଧାନ , ବୈଦ୍ୟନାଥ ସାହୁ , ଅରୁପାନନ୍ଦ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ କାବ୍ୟଭୂଷଣ ଶିବ ପ୍ରସାଦ ବାହିନୀପତି।

# ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ୨୫ଟି ବୁଲେଟ୍ ଜବତ

ଜୟପୁର,୧୨/୧ (ନି.ପ୍ର): ଜୟପୁର ସହରରେ ବିକଟାଳ ଶବ୍ଦ କରୁଥିବା ବୁଲେଟକୁ ଜବତ କରିଛି ଟାଉନ ପୋଲିସ । ମୋଡି ଫାଇ ସାଇଲେନ୍ସର ଲଗାଇଥିବା ବୁଲେଟକୁ ଜବତ କରିଛି । ଏମାନେ ବିକଟାଳ ଶବ୍ଦ ସୃଷ୍ଟି କରି ଲୋକଙ୍କୁ ହଇରାଣ କରୁଥିଲେ। ସହରର ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ସେମାନଙ୍କୁ ଚିହ୍ନଟ କରାଯାଇ ୨୫ଟି ମୋଡି ଫାଇ ସାଇଲେନ୍ସର ଜବତ ହୋଇଛି । ବୁଲେଟ ମାଲିକ ମାନେ କମ୍ପାନି ଦେଇଥିବା ସାଇଲେନ୍ସରକୁ ଲଗାଇ ଥିଲେ । ପରେ ଟାଉନ ପୋଲିସ ତରଫରୁ ଜୋରିମାନା ଆଦାୟ କରାଯାଇ ବୁଲଟେକୁ ଛଡାଯାଇଛି । ଆଗାମୀ ଦିନରେ ମଧ୍ୟ ଏପରି ଚଢଉ ଜୋରସୋରରେ ହେବ ବୋଲି ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# କର୍ମଚାରୀଙ୍କର ସମସ୍ୟାର ସମାଧାନ ପାଇଁ ମିଳିତ କର୍ମଚାରୀ ମହାସଂଘର ଆହ୍ୱାନ

ଭୁବନେଶ୍ୱର,୧୨/୧ (ନି.ପ୍ର): ଭୁବନେଶ୍ୱର ରେଡକ୍ରସ୍ ପ୍ରେକ୍ଷାଳୟରେ ସାଥୀ ସୁଜିତ୍ କୁମାର ନାୟକଙ୍କ ଅଧ୍ୟକ୍ଷତା କରିଥିଲେ । ସର୍ବଭାରତୀୟ ରାଜ୍ୟ କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦକ ସାଥୀ ଏ. ଶ୍ରୀକୁମାରଙ୍କ ସଦୟ ଉପସ୍ଥିତିରେ ଓଡ଼ିଶା ରାଜ୍ୟ କର୍ମଚାରୀ ମହାସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକକୁ କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ, ଓଡ଼ିଶା ରାଜ୍ୟ ସମନ୍ୱୟ ସମିତିର ସଭାପତି ସାଥୀ ରବୀନ୍ଦ୍ରନାଥ ଧଳ ଉଦ୍ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ସାଥୀ ଶ୍ରୀକୁମାର ସାମ୍ପ୍ରତିକ ପରିସ୍ଥିତିରେ ଦେଶର ଶ୍ରମିକ, କର୍ମଚାରୀ ଓ ପେନ୍ସନଭୋଗୀଙ୍କ ଉପରେ କ୍ରମାଗତ ଭାବେ ଚାଲିଥିବା ଆକ୍ରମଣ ଓ ତାକୁ ପ୍ରତିହତ କରିବା ପାଇଁ ସମସ୍ତେ ନିଜ ନିଜର ଭିତରେ ଏକତା ବଜାୟ ରଖିବାକୁ ମତବ୍ୟକ୍ତ କରିଥିଲେ । କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ, ଓଡ଼ିଶା ରାଜ୍ୟ ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ସାଥୀ ବୃହସ୍ପତି ସାମଲ ମୁଖ୍ୟବକ୍ତା ଭାବେ ଚାରୋଟି ଶ୍ରମ ସଂହିତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ପେନ୍ସନ୍ ଓ ଅଷ୍ଟମ ବେତନ ଆୟୋଗର ସର୍ତ୍ତାବଳୀରେ ଥିବା ନକରାତ୍ମକ ଦିଗ ଉପରେ ଆଲୋକପାତ କରିବା ସହ ସଗଠନକୁ ସବୁଦିଗରୁ ଦୃଢ କରି ଆଗାମୀ ୧୨ ଫେବୃୟାରୀ ୨୦୨୬ ରିଖରେ ସଂଗଠିତ ହେବାକୁ ଯାଉଥିବା ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଥୀ କ୍ଷେତ୍ରମୋହନ ଦାସ, ସୀତା ଭୋଳ, ମୀନାକ୍ଷୀରାଣୀ ମହାନ୍ତି, ଅହଲ୍ୟା ସୁନ୍ଦରୀ ଦେଇ, ମନୋଜ କୁମାର ମଲ୍ଲିକ ପ୍ରମୁଖ ସେମାନଙ୍କର ନିଜସ୍ୱ ମତ ରଖିଥିଲେ । ଏହି ବୈଠକରେ ଶିକ୍ଷା, କୃଷି, ସମବାୟ, ନଗର ଉନ୍ନୟନ, ସ୍ୱାସ୍ଥ୍ୟ, ସରକାରୀ ପ୍ରେସ୍, ପି.ଡବ୍ଲ୍ୟୁ.ଡି. ଏବଂ ଟ୍ରେଜେରୀ ଆଦି ବିଭାଗର ଶତାଧିକ କର୍ମଚାରୀ ଓ ପେନ୍ସନଭୋଗୀ ଯୋଗ ଦେଇଥିଲେ । ବୈଠକ ଶେଷରେ ଏକ ଆଡହକ୍ କମିଟି ଗଠନ କରାଯାଇଥିଲା । ସଭାପତି ଭାବେ ସାଥୀ ସୀତା ଭୋଳ, କାର୍ଯ୍ୟକାରୀ ସଭାପତି- ଶ୍ରୀମତୀ ମିନାକ୍ଷୀ ମହାନ୍ତି, ଆବାହକ- ସୁଜିତ୍ କୁମାର ନାୟକ, କୋଷାଧ୍ୟକ୍ଷ- ମନୋଜ କୁମାର ମଲ୍ଲିକ, କାର୍ଯ୍ୟକାରୀ ସଦସ୍ୟ - ଅଶୋକ କୁମାର ମୁଦୁଲି, ଅଜୟ କୁମାର ଜେନା, ଅଜିତ୍ କୁମାର ନାୟକ, କୃତିବାସ ସୂତାର, ପଦ୍ମିନୀ ପ୍ରଧାନ, ମଧୁମିତା ପାଲ୍ଟାସିଂହ, ପ୍ରବୀର କୁମାର ସ୍ୱାଇଁ, ସୂର୍ଯ୍ୟନାରାୟଣ ମିଶ୍ର, ସରୋଜ କୁମାର ନାୟକ, ମନୋଜ କୁମାର ଦାସ ପ୍ରମୁଖ ମନୋନୀତ ହୋଇଥିଲେ । ବିଶିଷ୍ଟ କର୍ମଚାରୀ ନେତା ସାଥୀ ସୁଭେନ୍ଦୁ କୁମାର ରାଉତରାୟ ସଭା ସୁପରିଚାଳନା କରିବା ସହ ସର୍ବଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାରୁଅ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

କେନ୍ଦ୍ରାପଡା,୧୨/୧ (ନି.ପ୍ର): କେନ୍ଦ୍ରାପଡା ବାରୁଅ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ସଭାପତି ନାରାୟଣ ସ୍ୱାଇଁ ଏହାକୁ ଉଦଘାଟନ କରିଥିବା ବେଳେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ତାପସ ପ୍ରସାଦ ସିଂହ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ପ୍ରଧାନ, ସଂପାଦକ ଶ୍ରୀହର୍ଷ ମହାନ୍ତିଙ୍କ ସମେତ ଶୁଭଲକ୍ଷ୍ମୀ ଦାସ, କିଶୋର ପଣ୍ଡା ପ୍ରମୁଖଙ୍କ ସହ ସ୍ଥାନୀୟ ଅଂଚଳର ଶତାଧିକ ଚାଷୀ ଉପସ୍ଥିତ ରହି ଚାଷୀ ମାନଙ୍କର ବିଭିନ୍ନ ସମସ୍ୟା ଓ ଧାନ ବିକ୍ରୟ ସମ୍ବନ୍ଧରେ ଆଲୋଚନା କରିଥିଲେ ।

# ସିନ୍ଦୁରିଆ ପ୍ରିମିୟର ଲିଗ କ୍ରିକେଟ : ଫାଇନାଲରେ ଭୁବନେଶ୍ୱର ଦଳ

ଧର୍ମଶାଳା,୧୨/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ସିନ୍ଦୁରିଆ ଖେଳପଡିଆରେ ଚାଲିଥିବା ସିନ୍ଦୁରିଆ ପ୍ରିମିୟର ଲିଗରେ ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସାଗର ଇଲେଭେନ ଜାରକାକୁ ୧୨୮ ରନରେ ପରାସ୍ତ କରି ଭୁବନେଶ୍ୱର କ୍ଲବ ଫାଇନଲରେ ପ୍ରବେଶ କରିଛି । ଭୁବନେଶ୍ୱର ଟିମ ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୩୪୦ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ନିହାର ସାହୁ ୨୭ ବଲରେ ଧୁଆଁଧାର ୧୦୪ ରନ ସଂଗ୍ରହ କରିଥିବ ବେଳେ ବିଶ୍ୱଶୃତି ପରିଡା ୭୫ ରନ ସଂଗ୍ରହ କରିଥିଲେ । ବିପକ୍ଷ ଜାରକା ଦଳର ଗଗନ ମହାପାତ୍ର ୩ଟି ଓ ପୁପୁଲ ମହନ୍ତି ୨ଟି ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ସାଗର ଇଲେଭେନ ଜାରକା ଟିମ ବ୍ୟାଟିଙ୍ଗ କରି ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୨୧୨ ରନ ସଂଗ୍ରହ କରି ପରାସ୍ତ ହୋଇଥିଲେ । । ଦଳ ପକ୍ଷରୁ ମନ୍ମଥ ମଲ୍ଲ ୧୩୭ ରନ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ଭୁବନେଶ୍ୱର ଟିମର ସଚିନ ମୁଖି ୪ ଟି ଓ ଏମଡି. ନିଜାମ ୨ ଉଇକେଟ ଅକ୍ତିଆର କରିଥିଲେ । ଫଳରେ ସାଗର ଇଲେଭେନକୁ ଟିମକୁ ୧୨୮ରନରେ ପରାସ୍ତ କରି ଭୁବନେଶ୍ୱର ଟିମ ଫାଇନାଲରେ ପ୍ରବେଶ କରିଛି । ଆଜିର ମ୍ୟାନ ଅଫ ଦି ମ୍ୟାଚ ଭାବେ ଭୁବନେଶ୍ୱର ଟିମର ନିହାର ସାହୁଙ୍କୁ ଘୋଷଣା କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ସମାଜସେବୀ ଏମଡି ମୁସ୍ତାକ ଅତିଥି ଭାବେ ଯୋଗଦେଇ ନିହାରଙ୍କୁ ମ୍ୟାନ ଅଫଦିମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ । ଗାୟତ୍ରୀ ମୋବାଇଲ ପଏଂଟ ଜାରକା ଦ୍ୱାରା ପରିଚାଳିତ ଏହି ଟୁର୍ଣ୍ଣାମେଂଟର ଆଜିର ମ୍ୟାଚକୁ ରାଜେଶ ଭଦ୍ର ଓ ଏମଡି ହିରା ପରିଚାଳନା କରିଥିଲେ । ଆସନ୍ତା ୧୪ ତାରିଖ ମକର ସଂକ୍ରାନ୍ତିରେ ଫାଇନାଲ ମ୍ୟାଚ ଭୁବନେଶ୍ୱର ଓ କେସିସି ସୁଙ୍ଗୁଡା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସଭାପତି ସପ୍ତ ସାଗର ଦାସ ସୂଚନା ଦେଇଛନ୍ତି ।


C-2065

OFFICE OF THE
BARIPADA MUNICIPAL COUNCIL, BARIPADA
Phone:-06792-252703, Fax:-06792-252703, Email:-baripadam.hud@nic.in
Website- www.baripadamunicipality.in
No: 62 Date: 08-01-2026

INVITATION FOR BIDS
(Through E-Procurement)
Tender Reference No .BPDM 2/2026-27
Tender Call Notice No. /dtd.
Tender ID No.

The Executive Officer, **Baripada Municipality**, Baripada invites **percentage rate** bids in double cover system through **e-procurement** in conformity with the detailed tender call notice to be eventually drawn up in Municipal Agreement form for execution of the works as detailed in the table below from eligible class of contractors registered with the state Government/contractors of equivalent grade/class registered with central Government/MES/Railways and Municipal Contractors on production of definite proof from the appropriate authority. Only tenderers with sound financial background capable of investing required amount for advance procurement of all materials required for the work need apply.

1. Name of the work : As per DTCN
2. No of works put to tender : 2 No's civil construction works
3. Estimated cost : As per DTCN
4. Period of completion : As per DTCN
5. Date and time of availability of bid document in the portal : From 1.00 P.M. of Dt..13.01.2026 to 5.00 P.M of Dt.27.01.2026
6. Mode of deposit towards cost of Bid document & EMD : Online
7. Date and time of opening of technical bid: 11.00 A.M. and onwards of Dt.28 .01.2026
8. Name and address of the Officer Inviting Bid : Executive Officer, Baripada Municipality, Baripada.

Further details can be seen from the e-procurement portal "https://tendersorissa.gov.in"

Executive Officer
Baripada Municipality




ଶୀତଋତୁରେ ବଜାରକୁ ଆସୁଥିବା ବିଭିନ୍ନ କିସମର ଫଳ ମଧ୍ୟରୁ ଶାକରକନ୍ଦା ଅନ୍ୟତମ । ଯାହାକୁ ଇଂରାଜିରେ ଜିକାମା ବା ମ୍ୟାକ୍ସିକାନ୍ ଟର୍ଣ୍ଣିପ ବୋଲି ମଧ୍ୟ କୁହାଯାଏ । ଏହା ସ୍ୱାସ୍ଥ୍ୟ ପାଇଁ ଭାରି ହିତକାରୀ । ଓଜନ ହ୍ରାସ କରିବାଠୁ ନେଇ ପାଚନ ଶକ୍ତି ଉନ୍ନତ କରିବା, ବିଭିନ୍ନ ପ୍ରକାରର କର୍କଟ ରୋଗକୁ ରୋକିବା, ମଧୁମେହକୁ ରୋକିବା ଏବଂ ହାଡ଼ର ଯତ୍ନ ନେଇଥାଏ ଏହି ଫଳ । ଏହାଛଡ଼ା ରକ୍ତ ସଞ୍ଚାଳନକୁ ନିୟନ୍ତ୍ରଣ କରିବା ଏବଂ ରକ୍ତଚାପକୁ କମାଇବାରେ ମଧ୍ୟ ଶାକରକନ୍ଦା ସାହାଯ୍ୟ କରେ । କନ୍ଦମୂଳ ପରି ଦେଖାଯାଉଥିବା ଏହି ଫଳରେ କ୍ୟାଲୋରି କମ୍ ଥାଏ କିନ୍ତୁ ପୋଷକ ତତ୍ତ୍ୱ ଭରପୂର ହୋଇ ରହିଥାଏ । ଶରୀରରେ ଦୈନିକ ଫାଇବର ଆବଶ୍ୟକତାର ଏକ ଚତୁର୍ଥାଂଶ ଯୋଗାଇଥାଏ ଶାକରକନ୍ଦା । ଏହା ଭିଟାମିନ୍ ସିର ଏକ ଉତ୍କୃଷ୍ଟ ଉତ୍ସ ମଧ୍ୟ ଯାହା ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରେ । ଏଥିରେ ଥିବା ପୋଟାସିୟମ ପରିମାଣ ହୃଦୟ ପାଇଁ ଭାରି ଭଲ । ଶାକରକନ୍ଦାରେ ଥିବା ଫାଇବରରେ ପ୍ରାୟତଃ ଅଲିଗୋଫ୍ରୁକ୍ଟୋଜ୍ ଇନ୍ୟୁଲିନ୍ ଥାଏ । ଏହି ଫାଇବରରେ ଜିରୋ କ୍ୟାଲୋରୀ ଥାଏ ଯାହା ଶରୀର ଦ୍ୱାରା ସହଜରେ ମେଟାବୋଲିଜେସନ୍ ହୁଏ ନାହିଁ । ଇନ୍ୟୁଲିନ୍ ଭଲ ଜୀବାଣୁ ତିଆରି କରିବାରେ ସାହାଯ୍ୟ କରେ ଯାହା ଫଳରେ ଏକ ସନ୍ତୁଳିତ ପ୍ରତିରକ୍ଷା ପ୍ରଣାଳୀ ଏବଂ ଏକ ସୁସ୍ଥ କୋଲନ ବଜାୟ ରୁହେ । ଶାକରକନ୍ଦାରେ ଥିବା ଉଚ୍ଚ ପରିମାଣର ଡାଏଟ୍ରି ଫାଇବର କୋଷ୍ଠକାଠିନ୍ୟକୁ ଦୂର କରିବାରେ ମଧ୍ୟ ସହାୟକ ହୁଏ । ଫଳଟି ଖାଇବାକୁ ଅଳ୍ପ ମିଠା ଲାଗୁଥିଲେ ମଧ୍ୟ ମଧୁମେହ ରୋଗୀଙ୍କୁ ସେମାନଙ୍କ ରକ୍ତ ଶର୍କରା ସ୍ତର ବିଷୟରେ ଚିନ୍ତା ନକରି ଶାକରକନ୍ଦା ଖାଇବା ଦରକାର । ଜିକାମା ପୋଟାସିୟମର ଏକ ଭଲ ଉତ୍ସ, ଯାହା ଏକ ଭାସୋଡାଇଲେଟର। ତେଣୁ, ଏହା ରକ୍ତବାହୀ ନଳୀ ଏବଂ ଧମନୀ ଉପରେ ଚାପ ହ୍ରାସ କରି ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ, ଯାହା ଫଳରେ ସମଗ୍ର ହୃଦ୍‌ରୋଗ ପ୍ରଣାଳୀ ଉପରେ ଚାପ ହ୍ରାସ ପାଏ। ପୋଟାସିୟମ ସୋଡିୟମ ପରି ଆମ ଶରୀରରେ ତରଳ ପଦାର୍ଥ ସନ୍ତୁଳନ ବଜାୟ ରଖିବାରେ ମଧ୍ୟ ସାହାଯ୍ୟ କରେ। ଏଥିରେ ଥିବା ଭିଟାମିନ୍ ବି୬ ମସ୍ତିଷ୍କ କାମକୁ ବୃଦ୍ଧି କରିବାରେ ସାହାଯ୍ୟ କରେ । ଭିଟାମିନ୍ ବି୬ ଶରୀରର ସମସ୍ତ ପ୍ରୋଟିନକୁ ଅନ୍ୟ ପ୍ରୋଟିନ ଏବଂ ଆମିନୋ ଏସିଡରେ ଭାଙ୍ଗିଥାଏ ଯାହା ମେଟାବୋଲିକ୍ ପ୍ରକ୍ରିୟା ଏବଂ ବିଭିନ୍ନ ଅଙ୍ଗର କାର୍ଯ୍ୟକୁ ଉନ୍ନତ କରିବାରେ ସାହାଯ୍ୟ କରେ । ତେଣୁ ଖାଦ୍ୟରେ ଶାକରକନ୍ଦାକୁ ସାମିଲ କରିବା ଆପଣଙ୍କ ମସ୍ତିଷ୍କର କାର୍ଯ୍ୟକୁ ବୃଦ୍ଧି କରିପାରିବ । ଶାକରକନ୍ଦାରେ ଥିବା ହୋମୋସିଷ୍ଟାଇନ ବିରୋଧୀ ଗୁଣ ଆମିନୋ ଏସିଡର ସ୍ତରକୁ କମ କରିଥାଏ । ଯାହାଦ୍ୱାରା ହୃଦରୋଗର ବିପଦ କମ୍ ହୋଇଥାଏ । ତେବେ ଶାକରକନ୍ଦାକୁ ଆପଣ ସାଲଡ,ସୁପ୍ ଏବଂ ଫଳ ଭଳି ମଧ୍ୟ କଞ୍ଚାରେ ଖାଇପାରିବେ । କିଛି କିଛି ସ୍ଥାନରେ ଏହାକୁ ଫ୍ରାଏ କରି ମଧ୍ୟ ଲୋକ ଖାଇଥା'ନ୍ତି ।

## ବାଥରୁମ୍‌ରେ ଦର୍ପଣ ଲଗାଇବା ଠିକ୍ କି ଭୁଲ୍ ? ଜାଣନ୍ତୁ କ'ଣ କହେ ବାସ୍ତୁ ଶାସ୍ତ୍ର



କନକ ବ୍ୟୁରୋ: ବାସ୍ତୁ ଶାସ୍ତ୍ର ଅନୁସାରେ, ଘରର ପ୍ରତ୍ୟେକଟି ଜିନିଷର ଏକ ନିର୍ଦ୍ଦିଷ୍ଟ ସ୍ଥାନ ଏବଂ ମହତ୍ତ୍ୱ ରହିଛି । ସେହିପରି ବାଥରୁମ୍ ବା ସ୍ନାନାଗାରରେ ଦର୍ପଣ ଲଗାଇବା କଥା ଆସିଲେ, ଏହାକୁ ନେଇ ଅନେକ ନିୟମ ରହିଛି । ଦର୍ପଣ କେବଳ ଆମର ଚେହେରା ଦେଖିବା ପାଇଁ ବ୍ୟବହୃତ ହୁଏ ନାହିଁ, ବରଂ ଏହା ଉର୍ଜା ବା ଶକ୍ତିକୁ ମଧ୍ୟ ପ୍ରତିଫଳିତ କରିଥାଏ । ଯଦି ବାଥରୁମ୍ ?ରେ ଦର୍ପଣ ସଠିକ୍ ଦିଗରେ ନଥାଏ, ତେବେ ଏହା ଘର ମଧ୍ୟକୁ ନକାରାତ୍ମକ ଶକ୍ତି ଆଣିଥାଏ ।

ଦର୍ପଣ ଲଗାଇବା ପାଇଁ ସଠିକ୍ ଦିଗ : ବାସ୍ତୁ ଶାସ୍ତ୍ର ଅନୁସାରେ, ବାଥରୁମ୍‌ର ଉତ୍ତର କିମ୍ବା ପୂର୍ବ କାନ୍ଥରେ ଦର୍ପଣ ଲଗାଇବା ସବୁଠାରୁ ଶୁଭ ବୋଲି ଧରାଯାଏ। ଏହି ଦିଗଗୁଡ଼ିକ ସକାରାତ୍ମକ ଉର୍ଜାର ପ୍ରବେଶ ପଥ ବୋଲି କୁହାଯାଏ। ଏଠାରେ ଦର୍ପଣ ଲଗାଇବା ଦ୍ୱାରା ଘରର ଆର୍ଥିକ ସ୍ଥିତି ସୁଧାରିବା ସହ ଶାନ୍ତି ବଜାୟ ରହିଥାଏ ।

ଦକ୍ଷିଣ ଏବଂ ପଶ୍ଚିମ ଦିଗରୁ ଦୂରେଇ ରୁହନ୍ତୁ: ବାଥରୁମ୍‌ର ଦକ୍ଷିଣ କିମ୍ବା ପଶ୍ଚିମ କାନ୍ଥରେ କେବେବି ଦର୍ପଣ ଲଗାନ୍ତୁ ନାହିଁ । ବାସ୍ତୁ ଅନୁସାରେ ଏହି ଦିଗରେ ଦର୍ପଣ ଲଗାଇଲେ ଘରେ ରହୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡ଼ିଥାଏ ଏବଂ ମାନସିକ ଚାପ ବୃଦ୍ଧି ପାଇଥାଏ।

ଦ୍ୱାର ବା କବାଟ ସାମ୍ନାରେ ଦର୍ପଣ ରଖନ୍ତୁ ନାହିଁ: ବାଥରୁମ୍‌ରେ ପଶିବା ମାତ୍ରେ ଯେପରି ଆପଣଙ୍କ ନଜର ଦର୍ପଣ ଉପରେ ନପଡ଼େ, ସେଥିପ୍ରତି ଧ୍ୟାନ ଦିଅନ୍ତୁ । କବାଟ ଖୋଲିବା ମାତ୍ରେ ସାମ୍ନାରେ ଦର୍ପଣ ଥିଲେ, ବାହାରୁ ଆସୁଥିବା ସକାରାତ୍ମକ ଶକ୍ତି ପ୍ରତିଫଳିତ ହୋଇ ପୁଣି ବାହାରକୁ ଚାଲିଯାଏ । ଏହାଦ୍ୱାରା ଘରେ ନକାରାତ୍ମକତା ବୃଦ୍ଧି ପାଏ ।

କମୋଡ୍ ବା ଟଏଲେଟ୍ ସିଟ୍ ସାମ୍ନାରେ ଦର୍ପଣ

ଏହା ସବୁଠାରୁ ବଡ଼ ବାସ୍ତୁ ଦୋଷ। ଟଏଲେଟ୍ ସିଟ୍‌ର ଠିକ୍ ସାମ୍ନାରେ ଦର୍ପଣ ଲଗାଇବା ଅନୁଚିତ୍। ଶାସ୍ତ୍ର ଅନୁସାରେ, ଟଏଲେଟ୍‌ରୁ ନକାରାତ୍ମକ ଉର୍ଜା ବାହାରିଥାଏ । ଯଦି ଦର୍ପଣ ଟଏଲେଟ୍ ସାମ୍ନାରେ ଥାଏ, ତେବେ ଏହା ସେହି ନକାରାତ୍ମକ ଶକ୍ତିକୁ ଦ୍ୱିଗୁଣିତ କରି ସାରା ଘରେ ବ୍ୟାପିଥାଏ ।

ଦର୍ପଣର ଆକାର : ବାଥରୁମ୍ ପାଇଁ ସବୁବେଳେ ଚୌକୋ କିମ୍ବା ଆୟତାକାର ଦର୍ପଣ ବ୍ୟବହାର କରନ୍ତୁ। ଗୋଲାକାର କିମ୍ବା ଅଣ୍ଡାକୃତିର ଦର୍ପଣ ବାସ୍ତୁ ଦୃଷ୍ଟିରୁ ସେତେଟା ଭଲ ନୁହେଁ। ଅନିୟମିତ ଆକାରର ଦର୍ପଣ ଘରେ ବିଶୃଙ୍ଖଳା ସୃଷ୍ଟି କରିଥାଏ ।

ଦର୍ପଣର ଉଚ୍ଚତା: ଦର୍ପଣକୁ ଏପରି ଏକ ଉଚ୍ଚତାରେ ଲଗାନ୍ତୁ ଯେପରି ଆପଣଙ୍କୁ ନଇଁବାକୁ ପଡ଼ିବ ନାହିଁ କିମ୍ବା ଟିପରେ ଠିଆ ହେବାକୁ ପଡ଼ିବ ନାହିଁ। କେହି ମଧ୍ୟ ନିଜର ପ୍ରତିବିମ୍ବ କଟା ହୋଇଥିବା ଅବସ୍ଥାରେ ଦେଖିବା ଉଚିତ୍ ନୁହେଁ। ଦର୍ପଣ ଏପରି ଲଗାନ୍ତୁ ଯେପରି ମୁଣ୍ଡର ଉପରି ଭାଗ ସ୍ପଷ୍ଟ ଦେଖାଯିବ।

## ବଢୁଛି ହୃଦରୋଗ : ଯୁବପିଢିଙ୍କ ଠାରେ ବଢୁଛି ସମସ୍ୟା...



ହୃଦରୋଗ, ଯାହା ପୂର୍ବରୁ ମୁଖ୍ୟତଃ ବୟସ୍କମାନଙ୍କୁ ପ୍ରଭାବିତ କରେ ବୋଲି ଚିନ୍ତା କରାଯାଉଥିଲା, ଏବେ ଏହା ଯୁବପିଢ଼ିଙ୍କୁ ଅଧିକ ଆକ୍ରାନ୍ତ କରୁଛି। ୪୦ ବର୍ଷରୁ କମ୍ ବୟସ୍କଙ୍କ ମଧ୍ୟରେ ହୃଦଘାତ ବର୍ତ୍ତମାନ ବିଶ୍ୱ ସ୍ତରରେ ୬-୧୦ ପ୍ରତିଶତ ମାମଲା ଭାରତରେ ବିଶ୍ୱ ହାରାହାରି ହାର ଅପେକ୍ଷା ଆହୁରି ଅଧିକ। ଏହି ପରିବର୍ତ୍ତନ ଯୁବପିଢ଼ିଙ୍କ ସ୍ୱାସ୍ଥ୍ୟ ପ୍ରତି ଗମ୍ଭୀର ଚିନ୍ତା ସୃଷ୍ଟି କରିଛି। ଏହି ଚିନ୍ତାଜନକ ଧାରା ପଛରେ ଜୀବନଶୈଳୀ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଅନେକ ଯୁବପିଢ଼ି ଡେସ୍କ ଉପରେ ବସି, ଯାତାୟାତ କରି କିମ୍ବା ସ୍କ୍ରିନ୍ ବ୍ୟବହାର କରି ଦୀର୍ଘ ସମୟ ବିତାଇଥାନ୍ତି। ପ୍ରକ୍ରିୟାକୃତ, ଚିନି ଏବଂ ଚର୍ବିଯୁକ୍ତ ଖାଦ୍ୟରେ ଅତ୍ୟଧିକ ଖାଦ୍ୟ ସହିତ ମିଶି, ଏହି ଅଭ୍ୟାସଗୁଡ଼ିକ ଓଜନ ବୃଦ୍ଧିରେ ସାହାଯ୍ୟ କରେ ଏବଂ ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ଉଚ୍ଚ କୋଲେଷ୍ଟ୍ରଲର ବିପଦକୁ ବୃଦ୍ଧି କରେ, ଯାହା ହୃଦୟକୁ ଚାପ ଦିଏ। ମାନସିକ ସ୍ୱାସ୍ଥ୍ୟ ଆଉ ଏକ ଲୁକ୍କାୟିତ କାରଣ। ଦୀର୍ଘକାଳୀନ ଚାପ, ଚିନ୍ତା ଏବଂ ଡିପ୍ରେସନ୍ କୋର୍ଟିସୋଲ୍ ସ୍ତରକୁ ବୃଦ୍ଧି କରେ, ଯାହା ସମୟ ସହିତ ରକ୍ତଚାପ ବୃଦ୍ଧି କରିପାରେ ଏବଂ ହୃଦୟକୁ କ୍ଷତି ପହଞ୍ଚାଇପାରେ। ଚାପ ଧୂମପାନ, ଅତ୍ୟଧିକ ମଦ୍ୟପାନ କିମ୍ବା ନିଶା ସେବନ ଭଳି ଅସ୍ୱାସ୍ଥ୍ୟକର ମୁକାବିଲା ଆଚରଣକୁ ମଧ୍ୟ ଉତ୍ସାହିତ କରେ, ଯାହା ହୃଦଘାତର ବିପଦକୁ ଆହୁରି ବୃଦ୍ଧି କରେ। ଭଲ ଖବର ହେଉଛି ଯେ ପ୍ରତିରୋଧ ସମ୍ଭବ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଶୀଘ୍ର ଲୁକ୍କାୟିତ ବିପଦଗୁଡ଼ିକୁ ଧରିହେବ। ଏକ ସନ୍ତୁଳିତ ଖାଦ୍ୟ ଏବଂ ଦୈନନ୍ଦିନ ଶାରୀରିକ କାର୍ଯ୍ୟକଳାପ ହୃଦୟକୁ ସୁରକ୍ଷା ଦେବାରେ ସାହାଯ୍ୟ କରେ। ଯେତେବେଳେ ଧ୍ୟାନ କିମ୍ବା ଯୋଗ ଭଳି ଅଭ୍ୟାସ ମାନସିକ ସୁସ୍ଥତାକୁ ସମର୍ଥନ କରେ। ମଧୁମେହ କିମ୍ବା ଉଚ୍ଚ ରକ୍ତଚାପ ଭଳି ଦୀର୍ଘସ୍ଥାୟୀ ଅବସ୍ଥା ପାଇଁ ଉପଯୁକ୍ତ ଚିକିତ୍ସା ଯୋଜନା ଅନୁସରଣ କରିବା ସହିତ ତମାଖୁ, ଇ-ସିଗାରେଟ୍ ଏବଂ ମନୋରଞ୍ଜନକାରୀ ଔଷଧ ପରିହାର କରିବା ଅତ୍ୟନ୍ତ ଜରୁରୀ।

## ପିଲାଙ୍କ ଖାଦ୍ୟପେୟ ସମ୍ପର୍କିତ ନୂତନ ତଥ୍ୟ



ପ୍ରତ୍ୟେକ ଅଭିଭାବକ ନିଜ ପିଲାଙ୍କ ଖାଦ୍ୟପେୟ ନେଇ ଖୁବ୍ ଯତ୍ନଶୀଳ । ପିଲାମାନେ ଖାଦ୍ୟପେୟରେ ହେଳା କରିବା ମାତ୍ରେ ପିତାମାତାଙ୍କ ଚିନ୍ତାନ୍ତ ବଢ଼ିଯାଏ । ଗବେଷକଦଳ ପିଲାଙ୍କ ଉପରେ ଗବେଷଣା କରିବା ସମୟରେ ଏକ ରୋଚକ ତଥ୍ୟ ପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି ପ୍ରାୟ ୪୫%ରୁ ଅଧିକ ପିଲା ଖାଇବା ପିଇବାରେ ଖୁବ୍ ହଇରାଣ କରନ୍ତି । ଏହି ପ୍ରବୃତ୍ତି ସେମାନେ ନିଜ ପିତାମାତା, ଜେଜେବାପା, ଜେଜେ ମାଙ୍କ ଠାରୁ ଗ୍ରହଣ କରିଥାନ୍ତି । ଦେଢ଼ ବର୍ଷରୁ ୧୦ବର୍ଷ ବୟସର ପିଲାମାନେ ନିୟମିତ ଭାବରେ ଅନ୍ୟମାନଙ୍କ ଖାଦ୍ୟପେୟକୁ ନିରୀକ୍ଷଣ କରନ୍ତି । ବଡ଼ମାନେ ଯେଉଁଖାଦ୍ୟକୁ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରନ୍ତି, ପରବର୍ତ୍ତୀ ସମୟରେ ପିଲାମାନେ ମଧ୍ୟ ସେହି ପଥରେ ପରିଚାଳିତ ହୋଇଥାନ୍ତି । ଗବେଷକଙ୍କ ମତରେ ନିଜ ପିଲାଙ୍କ ସୁସ୍ଥତା ପାଇଁ ପ୍ରଥମେ ଅଭିଭାବକଙ୍କୁ ସଚେତନ ହେବାକୁ ପଡ଼ିବ ।

## ଦହି-ଜିଲାପି ଖାଇବା ଦ୍ୱାରା କେଉଁ ରୋଗ ଭଲ ହୁଏ ? ଜାଣନ୍ତୁ ଏହାର ସ୍ୱାସ୍ଥ୍ୟଗତ ଉପକାରିତା ଏବଂ ସାବଧାନତା



କନକ ବ୍ୟୁରୋ: ଭାରତୀୟ ଖାଦ୍ୟ ସଂସ୍କୃତିରେ 'ଦହି-ଜିଲାପି' ଏକ ଅତି ପରିଚିତ ଏବଂ ପ୍ରିୟ ଜଳଖିଆ । ବିଶେଷ କରି ଉତ୍ତର ଭାରତରେ ଏହାର ଚାହିଦା ବହୁତ ଅଧିକ । କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଦହି-ଜିଲାପି କେବଳ ଏକ ସ୍ୱାଦିଷ୍ଟ ମିଠା ନୁହେଁ, ବରଂ ଆୟୁର୍ବେଦ ଏବଂ ଘରୋଇ ଚିକିତ୍ସାରେ କେତେକ ନିର୍ଦ୍ଦିଷ୍ଟ ଶାରୀରିକ ସମସ୍ୟା ପାଇଁ ଏହାକୁ ଏକ ଔଷଧୀୟ ପଥ୍ୟ ଭାବେ ବ୍ୟବହାର କରାଯାଏ ।

ଆସନ୍ତୁ ଜାଣିବା ଦହି-ଜିଲାପି ଖାଇବା ଦ୍ୱାରା କେଉଁ ସବୁ ରୋଗରେ ଉପଶମ ମିଳିଥାଏ

ମାଇଗ୍ରେନ୍ ବା ଅଧକପାଳି ବିନ୍ଧା : ଦହି-ଜିଲାପି ଖାଇବାର ସବୁଠାରୁ ବଡ଼ ଫାଇଦା ମାଇଗ୍ରେନ୍ ସମସ୍ୟାରେ ଦେଖିବାକୁ ମିଳେ। ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଆୟୁର୍ବେଦ ଅନୁଯାୟୀ, ଯେଉଁମାନଙ୍କର ପ୍ରବଳ ମୁଣ୍ଡବିନ୍ଧା ବା ଅଧକପାଳି ସମସ୍ୟା ଥାଏ, ସେମାନେ ସକାଳେ ସୂର୍ଯ୍ୟୋଦୟ ପୂର୍ବରୁ ଖାଲି ପେଟରେ ଦହି ସହିତ ଗରମ ଜିଲାପି ଖାଇଲେ ଏଥିରୁ ବହୁତ ଆରାମ ମିଳିଥାଏ। ଏହା ରକ୍ତ ସଞ୍ଚାଳନକୁ ନିୟନ୍ତ୍ରଣ କରି ମୁଣ୍ଡବିନ୍ଧାରୁ ମୁକ୍ତି ଦେଇଥାଏ।

ମାନସିକ ଚାପ ଏବଂ ଚିନ୍ତା : ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ଷ୍ଟ୍ରେସ୍ ବା ଚାପ ଏକ ସାଧାରଣ ସମସ୍ୟା । ଜିଲାପି ଏକ ମିଠା ଖାଦ୍ୟ ହୋଇଥିବାରୁ ଏହା ଶରୀରରେ 'ହାପି ହର୍ମୋନ୍' ବା ସେରୋଟୋନିନ୍ ସୃଷ୍ଟି କରିବାରେ ସାହାଯ୍ୟ କରେ । ଦହି ସହିତ ଏହାକୁ ଖାଇବା ଦ୍ୱାରା ମନ ଶାନ୍ତ ରହେ ଏବଂ ଉତ୍କଣ୍ଠା କମିଥାଏ । ଏହାର ସ୍ୱାଦ ମନକୁ ପ୍ରସନ୍ନ କରିବା ସହ ଏକାଗ୍ରତା ବଢ଼ାଇବାରେ ମଧ୍ୟ ସାହାଯ୍ୟ କରେ ।

ଓଜନ ବଢ଼ାଇବାରେ ସହାୟକ : ଯେଉଁମାନେ ଶାରୀରିକ ଭାବେ ବହୁତ ଦୁର୍ବଳ କିମ୍ବା ପତଳା ଏବଂ ନିଜର ଓଜନ ବଢ଼ାଇବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଦହି-ଜିଲାପି ଏକ ଉତ୍ତମ ଖାଦ୍ୟ । ଜିଲାପିରେ ପ୍ରଚୁର ପରିମାଣର କାର୍ବୋହାଇଡ୍ରେଟ୍ ଏବଂ ଦହିରେ ପ୍ରୋଟିନ୍ ଓ ହେଲଦି ଫ୍ୟାଟ୍ ଥାଏ। ସକାଳ ଜଳଖିଆରେ ଏହାକୁ ସାମିଲ କଲେ ଶରୀରକୁ ପର୍ଯ୍ୟାପ୍ତ କ୍ୟାଲୋରୀ ମିଳିଥାଏ, ଯାହା ଓଜନ ବୃଦ୍ଧିରେ ସହାୟକ ହୁଏ।

ପାଚନ ପ୍ରକ୍ରିୟାରେ ଉନ୍ନତି : ଦହିରେ ପ୍ରୋବାୟୋଟିକ୍ସ ଥାଏ, ଯାହା ପେଟରେ ଥିବା ଭଲ ବ୍ୟାକ୍ଟେରିଆ ବଢ଼ାଇବାରେ ସାହାଯ୍ୟ କରେ । ଏହା ହଜମ ପ୍ରକ୍ରିୟାକୁ ସୁଧାରିଥାଏ ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ ।

ତ୍ୱଚାର ଚମକ : ଦହିରେ ଥିବା ଲାକ୍ଟିକ୍ ଏସିଡ୍ ଏବଂ ଜିଲାପିରୁ ମିଳୁଥିବା ଶକ୍ତି ଶରୀରର ମେଟାବୋଲିଜିମ୍ ବଢ଼ାଏ। ଏହା ଶରୀରର ବିଷାକ୍ତ ପଦାର୍ଥ ଦୂର କରିବାରେ ସାହାଯ୍ୟ କରେ, ଯାହାଦ୍ୱାରା ତ୍ୱଚାରେ ପ୍ରାକୃତିକ ଚମକ ଆସିଥାଏ।

ଉପକାରିତା ପାଇବା ପାଇଁ ଦହି-ଜିଲାପିକୁ ସକାଳ ଜଳଖିଆ ସମୟରେ ଖାଇବା ସବୁଠାରୁ ଭଲ। ବିଶେଷ କରି ମାଇଗ୍ରେନ୍ ପାଇଁ ସକାଳ ସୂର୍ଯ୍ୟୋଦୟ ପୂର୍ବରୁ ଏହାକୁ ଖାଇବାକୁ ପରାମର୍ଶ ଦିଆଯାଏ ।

ଦହି-ଜିଲାପି ଉପକାରୀ ହେଲେ ମଧ୍ୟ ଏହାକୁ ସୀମିତ ପରିମାଣରେ ଖାଇବା ଉଚିତ। କେତେକ ବ୍ୟକ୍ତିଙ୍କ ପାଇଁ ଏହା କ୍ଷତିକାରକ ହୋଇପାରେ:

ମଧୁମେହ : ଜିଲାପିରେ ପ୍ରଚୁର ମାତ୍ରାରେ ଚିନି ବା ଶର୍କରା ଥାଏ। ତେଣୁ ମଧୁମେହ ରୋଗୀମାନେ ଏହାକୁ ଖାଇବା ସମ୍ପୂର୍ଣ୍ଣ ଅନୁଚିତ।

ହୃଦରୋଗ ଓ କୋଲେଷ୍ଟ୍ରଲ: ଜିଲାପିକୁ ତେଲ ବା ଘିଅରେ ଛଣା ଯାଉଥିବାରୁ ଏହା ହାଇ କୋଲେଷ୍ଟ୍ରଲ ଏବଂ ହୃଦରୋଗୀଙ୍କ ପାଇଁ କ୍ଷତିକାରକ।

ମୋଟାପଣ : ଯଦି ଆପଣ ଓଜନ କମାଇବାକୁ ଚାହୁଁଛନ୍ତି, ତେବେ ଏହି ଅଧିକ କ୍ୟାଲୋରୀ ଯୁକ୍ତ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ।

ଦହି-ଜିଲାପି କେବଳ ଏକ ସ୍ୱାଦିଷ୍ଟ ବ୍ୟଞ୍ଜନ ନୁହେଁ, ବରଂ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ମଧ୍ୟ । କିନ୍ତୁ ମନେରଖନ୍ତୁ, ଏହା କୌଣସି ଡାକ୍ତରୀ ଚିକିତ୍ସାର ବିକଳ୍ପ ନୁହେଁ । ଯଦି ଆପଣ କୌଣସି ଗୁରୁତର ରୋଗରେ ପୀଡ଼ିତ, ତେବେ ଏହାକୁ ନିଜ ଖାଦ୍ୟରେ ସାମିଲ କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ସପ୍ତାହରେ ଥରେ ବା ଦୁଇଥର ସ୍ୱାଦ ପାଇଁ ଏହାକୁ ଖାଇବା ସ୍ୱାସ୍ଥ୍ୟ ଉପରେ କୌଣସି ଖରାପ ପ୍ରଭାବ ପକାଏ ନାହିଁ ।



# ସହଜ କିସ୍ତିର ମାୟାଜାଲ ଓ ବିପଜ୍ଜନକ ଭବିଷ୍ୟତ

ବିଗତ କିଛି ବର୍ଷ ମଧ୍ୟରେ ଭାରତୀୟ ଅର୍ଥନୀତିର ଦୃଶ୍ୟପଟ୍ଟରେ ଏକ ବଡ଼ ଧରଣର ପରିବର୍ତ୍ତନ ପରିଲକ୍ଷିତ ହୋଇଛି, ଯାହା ଉପରକୁ ଯେତିକି ଚାକଚକ୍ୟପୂର୍ଣ୍ଣ ମନେହୁଏ, ଭିତରେ ସେତିକି ଫମ୍ପା ଏବଂ ବିପଜ୍ଜନକ । ଏକଦା ସଞ୍ଚୟ ଏବଂ ମିତବ୍ୟୟିତା ପାଇଁ ପରିଚିତ ଥିବା ଭାରତୀୟ ସମାଜ ଆଜି 'ବର୍ତ୍ତମାନ କିଣନ୍ତୁ, ପରେ ପରିଶୋଧ କରନ୍ତୁ' ବା 'ବାଏ ନାଓ ପେ ଲେଟର' (BNPL) ସଂସ୍କୃତି ଆଡ଼କୁ ଦ୍ରୁତ ଗତିରେ ଅଗ୍ରସର ହେଉଛି । ସମ୍ପ୍ରତି ଇଣ୍ଡିଆ ଟୁଡେର ଏକ ରିପୋର୍ଟ ଅନୁଯାୟୀ, ଦେଶରେ ଏକ 'ନୀରବ ଋଣ ସଙ୍କଟ' ମୁଣ୍ଡ ଟେକୁଛି, ଯାହା ବିଶେଷକରି ମଧ୍ୟବିତ୍ତ ଓ ଯୁବପିଢ଼ିଙ୍କୁ ଏକ ଅସମାହିତ ଋଣ ଯନ୍ତା ମଧ୍ୟକୁ ଟାଣି ନେଉଛି । ସ୍ମାର୍ଟଫୋନ୍ ଆପ୍ ଜରିଆରେ ମିଳୁଥିବା ସହଜ ଋଣ, କ୍ରେଡିଟ୍ କାର୍ଡର ବହୁଳ ବ୍ୟବହାର ଏବଂ ବିନା ସୁଧର କିସ୍ତି (EMI) ସୁବିଧା ଗ୍ରାହକଙ୍କୁ ଆକର୍ଷିତ କରୁଥିଲେ ହେଁ, ଏହାର ଦୀର୍ଘମିଆଦି ପରିଣାମ ଅତ୍ୟନ୍ତ ଭୟାବହ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଏହି ପରିପ୍ରେକ୍ଷୀରେ, ଋଣ ସମାଧାନ କମ୍ପାନୀ 'ଏକ୍ସପର୍ଟ ପ୍ୟାନେଲ୍' (Expert Panel) ଦ୍ୱାରା ଜୁନ୍ ରୁ ଡିସେମ୍ବର ୨୦୨୫ ମଧ୍ୟରେ ଦେଶବ୍ୟାପୀ ୧୦,୦୦୦ ଆର୍ଥିକ ଦୁର୍ଦ୍ଦଶାଗ୍ରସ୍ତ ଋଣଗ୍ରହିତାଙ୍କ ଉପରେ କରାଯାଇଥିବା ଏକ ସର୍ଭେରୁ ଯେଉଁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି, ତାହା ଆମ ଅର୍ଥନୈତିକ ବ୍ୟବସ୍ଥା ପାଇଁ ଏକ ବଡ଼ ଚେତାବନୀ ।

ଏହି ସଙ୍କଟର ଗଭୀରତାକୁ ବୁଝିବା ପାଇଁ ଆମକୁ 'ଏକ୍ସପର୍ଟ ପ୍ୟାନେଲ୍'ର ତଥ୍ୟ ଉପରେ ଦୃଷ୍ଟି ଦେବାକୁ ପଡ଼ିବ । ସର୍ଭେ ଅନୁଯାୟୀ, ଆର୍ଥିକ ସଙ୍କଟରେ ଥିବା ୮୫ ପ୍ରତିଶତ ଋଣଗ୍ରହିତା ନିଜ ମାସିକ ଆୟର ୪୦ ପ୍ରତିଶତରୁ ଅଧିକ ଅର୍ଥ କେବଳ ଇଏମଆଇ (EMI) ବା କିସ୍ତି ପରିଶୋଧ କରିବାରେ ଖର୍ଚ୍ଚ କରୁଛନ୍ତି । ଏହା ଏକ ଅତ୍ୟନ୍ତ ଉଦ୍‌ବେଗଜନକ ସ୍ଥିତି କାରଣ ସାଧାରଣତଃ ଆର୍ଥିକ ନିୟମ ଅନୁଯାୟୀ ଆୟର ଏକ-ତୃତୀୟାଂଶରୁ ଅଧିକ ଋଣ ପରିଶୋଧରେ ଯିବା ଅନୁଚିତ । ବିଶେଷକରି ଯେଉଁମାନଙ୍କର ମାସିକ ଆୟ ୩୫,୦୦୦ରୁ ୬୫,୦୦୦ ଟଙ୍କା ମଧ୍ୟରେ ରହିଛି, ସେମାନଙ୍କ ଅବସ୍ଥା ଅଧିକ ଶୋଚନୀୟ। ଏହି ବର୍ଗର ଲୋକମାନେ ମାସକୁ ୨୮,୦୦୦ରୁ ୫୨,୦୦୦ ଟଙ୍କା ପର୍ଯ୍ୟନ୍ତ କେବଳ କିସ୍ତି ବାବଦରେ ଦେଉଛନ୍ତି । ଫଳସ୍ୱରୂପ, ଘର ଚଳାଇବା ପାଇଁ ସେମାନଙ୍କ ହାତରେ ଅତି ନଗଣ୍ୟ ଅର୍ଥ ବଳୁଛି । ଏହି ପରିସଂଖ୍ୟାନ ସ୍ପଷ୍ଟ କରୁଛି ଯେ ଲୋକମାନେ ନିଜ ଆୟ ସାମର୍ଥ୍ୟ ବାହାରକୁ ଯାଇ ଋଣ ନେଉଛନ୍ତି ଏବଂ ଶେଷରେ ଏକ ଋଣ-ଜାଲରେ ଛନ୍ଦି ହୋଇଯାଉଛନ୍ତି ।

ଯେତେବେଳେ ମାସିକ ଆୟର ଅଧିକାଂଶ ଭାଗ କିସ୍ତିରେ ଚାଲିଯାଏ, ସେତେବେଳେ ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ପାଇଁ ଲୋକମାନେ ବିଭିନ୍ନ ବିପଜ୍ଜନକ ପନ୍ଥା ଆପଣାଉଛନ୍ତି । ରିପୋର୍ଟ ଅନୁଯାୟୀ, ପ୍ରାୟ ୪୦ ପ୍ରତିଶତ ଋଣଗ୍ରହିତା ନିଜର ଦୈନନ୍ଦିନ ଖର୍ଚ୍ଚ ମେଣ୍ଟାଇବା ପାଇଁ ଗୋଟିଏ କ୍ରେଡିଟ୍ କାର୍ଡରୁ ଟଙ୍କା ଉଠାଇ ଅନ୍ୟ ଏକ ଋଣ ସୁଝୁଛନ୍ତି ବା 'କ୍ରେଡିଟ୍ କାର୍ଡ ରୋଟେସନ୍' କରୁଛନ୍ତି । ୨୨ ପ୍ରତିଶତ ଲୋକ ସାଙ୍ଗସାଥୀ କିମ୍ବା ପରିବାର ଲୋକଙ୍କଠାରୁ ଧାର ଉଧାର କରି ଚଳୁଛନ୍ତି । ଆହୁରି ଚିନ୍ତାର ବିଷୟ ହେଲା, ୧୬ ପ୍ରତିଶତ ଲୋକ ନିଜ ଅଫିସରୁ ଦରମା ଅଗ୍ରୀମ (Salary Advance) ନେଉଥିବା ବେଳେ ୧୫ ପ୍ରତିଶତ ଲୋକ ନିଜର ସମ୍ପତ୍ତି ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି । ଘରର ସୁନା ଗହଣା, ଜମି କିମ୍ବା ଭବିଷ୍ୟତ ପାଇଁ ସଞ୍ଚିତ ମ୍ୟୁଚୁଆଲ୍ ଫଣ୍ଡ ଏବଂ ଷ୍ଟକ୍ ବିକ୍ରି କରି ଋଣ ସୁଝିବା ଏକ ଅର୍ଥନୈତିକ ଦୁର୍ବିପାକର ସଙ୍କେତ ଦେଉଛି। ଭାରତୀୟ ସମାଜରେ ସୁନା କେବଳ ଏକ ଧାତୁ ନୁହେଁ, ଏହା ପରିବାରର ସମ୍ମାନ ଓ ଭାବାବେଗ ସହ ଜଡ଼ିତ; ତେଣୁ ଏହାକୁ ବିକ୍ରି କରିବା ପ୍ରମାଣିତ କରୁଛି ଯେ ଲୋକମାନେ କେତେ ଗଭୀର ସଙ୍କଟରେ ଅଛନ୍ତି ।

ଋଣର ବୋଝ କେବଳ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଉନାହିଁ, ବରଂ ଏହା ଜୀବନର ମୌଳିକ ଆବଶ୍ୟକତା ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି । ସର୍ଭେରୁ ଜଣାପଡ଼ିଛି ଯେ ୬୫ ପ୍ରତିଶତ ଋଣଗ୍ରହିତା ଋଣ ପରିଶୋଧ କରିବା ପାଇଁ ନିଜର ଅତ୍ୟାବଶ୍ୟକ ଖର୍ଚ୍ଚରେ କାଟଛାଣ୍ଟ କରୁଛନ୍ତି । ଏହାର କରୁଣ ଚିତ୍ର ଦେଖିବାକୁ ମିଳୁଛି ଯେତେବେଳେ ବାପାମାଆମାନେ ପିଲାଙ୍କୁ ଭଲ ସ୍କୁଲ୍ କିମ୍ବା ଟ୍ୟୁସନ୍‌ରୁ ବାହାର କରିଦେଉଛନ୍ତି । ଅନେକ କ୍ଷେତ୍ରରେ ଚିକିତ୍ସା ଖର୍ଚ୍ଚ କମାଇବା ପାଇଁ ଡାକ୍ତରଙ୍କ ପରାମର୍ଶକୁ ଏଡ଼ାଇ ଦିଆଯାଉଛି, ଜୀବନ ବୀମା ପଲିସି ବନ୍ଦ କରାଯାଉଛି ଏବଂ ଖାଦ୍ୟପେୟର ମାନରେ ମଧ୍ୟ ସାଲିସ୍ କରାଯାଉଛି । ଯେତେବେଳେ ଋଣ ସୁଝିବା ପାଇଁ ପରିବାରର ସ୍ୱାସ୍ଥ୍ୟ ଓ ଶିକ୍ଷା ବଳି ପଡ଼େ, ସେତେବେଳେ ବୁଝିବାକୁ ହେବ ଯେ ସମାଜ ଏକ ଗମ୍ଭୀର ଦିଗ ଆଡ଼କୁ ଗତି କରୁଛି, କାରଣ ଏହା ପରବର୍ତ୍ତୀ ପିଢ଼ିର ଭବିଷ୍ୟତକୁ ଅନ୍ଧକାରମୟ କରିଦେଉଛି ।

ଏହି ସଙ୍କଟର ଅନ୍ୟ ଏକ କଳା ଦିଗ ହେଲା ରିକଭରି ଏଜେଣ୍ଟ ବା ଋଣ ଆଦାୟକାରୀଙ୍କ ଦୌରାତ୍ମ୍ୟ । 'ଏକ୍ସପର୍ଟ ପ୍ୟାନେଲ୍'ର ତଥ୍ୟ ମୁତାବକ, ୭୨ ପ୍ରତିଶତ ଋଣଗ୍ରହିତା ଆଦାୟକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ନିର୍ଯାତନାର ଶିକାର ହୋଇଛନ୍ତି । ୬୭ ପ୍ରତିଶତ ଲୋକ ଅଭିଯୋଗ କରିଛନ୍ତି ଯେ ସେମାନଙ୍କୁ ବାରମ୍ବାର ଅଶ୍ଳୀଳ ଏବଂ କଟୁ ଭାଷାରେ ଗାଳିଗୁଲଜ କରାଯାଉଛି । ୭୦ ପ୍ରତିଶତ ଲୋକଙ୍କୁ ଏସଏମଏସ (SMS) କିମ୍ବା ହ୍ୱାଟ୍ସଆପ୍ ଜରିଆରେ ଧମକପୂର୍ଣ୍ଣ ବାର୍ତ୍ତା ପଠାଯାଉଛି । ଜଣେ ଜଣେ ବ୍ୟକ୍ତିଙ୍କୁ ଦିନକୁ ଏକାଧିକ ଥର ଫୋନ୍ କରି ମାନସିକ ଚାପ ପକାଯାଉଛି । ଏପରିକି ସରକାରୀ ନିୟମକୁ ଉଲ୍ଲଂଘନ କରି ଭୋର ସକାଳେ (୬ଟାରୁ ୮ଟା) କିମ୍ବା ବିଳମ୍ବିତ ରାତିରେ (୮ଟାରୁ ୧୦ଟା) ଫୋନ୍ କରାଯାଉଛି । କେବଳ ସେତିକି ନୁହେଁ, ୧୧ ପ୍ରତିଶତ କ୍ଷେତ୍ରରେ ଆଦାୟକାରୀମାନେ ଘର କିମ୍ବା ଅଫିସରେ ପହଞ୍ଚି ହଙ୍ଗାମା କରୁଛନ୍ତି । ସାମାଜିକ ସମ୍ମାନ ହାନି କରିବା ପାଇଁ ୨୨ ପ୍ରତିଶତ କ୍ଷେତ୍ରରେ ଋଣଗ୍ରହିତାଙ୍କ ବୃଦ୍ଧ ପିତାମାତା କିମ୍ବା ସମ୍ପର୍କୀୟଙ୍କୁ ଫୋନ୍ କରାଯାଉଛି ଏବଂ ୧୮ ପ୍ରତିଶତ କ୍ଷେତ୍ରରେ ପରିବାର ସଦସ୍ୟଙ୍କୁ ଧମକ ଦିଆଯାଉଛି । ୧୨ ପ୍ରତିଶତ କ୍ଷେତ୍ରରେ କର୍ମକ୍ଷେତ୍ରରେ ଜଣାଇ ଚାକିରି ପ୍ରତି ବିପଦ ସୃଷ୍ଟି କରାଯାଉଛି, ଯାହା ଋଣଗ୍ରହିତାଙ୍କ ପେଶାଗତ ଜୀବନକୁ ନଷ୍ଟ କରିଦେଉଛି। ଏହି ନିରନ୍ତର ଚାପ ଏବଂ ଅପମାନର ଫଳାଫଳ ସ୍ୱରୂପ ଋଣଗ୍ରହିତାଙ୍କ ମାନସିକ ସ୍ୱାସ୍ଥ୍ୟ ଭୁଶୁଡ଼ି ପଡୁଛି । ସର୍ଭେରୁ ଜଣାପଡ଼ିଛି ଯେ ୫୦ ପ୍ରତିଶତରୁ ଅଧିକ ଲୋକ ଗୁରୁତର ମାନସିକ ସମସ୍ୟା ଯଥା- ଅତ୍ୟଧିକ ଚିନ୍ତା (Anxiety), ଅବସାଦ (Depression), ନିଦ୍ରାହୀନତା ଏବଂ ପାରିବାରିକ କଳହର ସମ୍ମୁଖୀନ ହେଉଛନ୍ତି । କିଛି ଚରମ କ୍ଷେତ୍ରରେ ଲୋକମାନେ ଆତ୍ମହତ୍ୟା ଭଳି ନିଷ୍ପତ୍ତି ନେବାକୁ ପଛାଉ ନାହାନ୍ତି । ଡିଜିଟାଲ୍ ଇଣ୍ଡିଆର ବିପ୍ଳବ ପରେ ବ୍ୟାଙ୍କିଙ୍ଗ୍ ସେବା ଆମ ହାତମୁଠାକୁ ଆସିଯାଇଛି ସତ, କିନ୍ତୁ ଏହି 'ସହଜ ଋଣ' ବ୍ୟବସ୍ଥା ଅନେକଙ୍କ ପାଇଁ ମୃତ୍ୟୁର ଫାଶ ପାଲଟିଛି । ଫିନଟେକ୍ (Fintech) କମ୍ପାନୀଗୁଡ଼ିକ କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରି ଗ୍ରାହକଙ୍କ ଦୁର୍ବଳ ମୁହୂର୍ତ୍ତରେ ଋଣ ଯାଚୁଛନ୍ତି, ଯାହା ଏକ ପ୍ରକାରର ମନସ୍ତାତ୍ତ୍ୱିକ ଶୋଷଣ।

ଏହି ସମସ୍ୟାର ସମାଧାନ ପାଇଁ ବହୁମୁଖୀ ପଦକ୍ଷେପର ଆବଶ୍ୟକତା ରହିଛି । ପ୍ରଥମତଃ, ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ଏହି ସମସ୍ୟାକୁ ଗୁରୁତ୍ୱର ସହ ଗ୍ରହଣ କରି ଡିଜିଟାଲ୍ ଋଣ ପ୍ରଦାନକାରୀ ଆପ୍‌ଗୁଡ଼ିକ ଉପରେ କଡ଼ା ନିୟନ୍ତ୍ରଣ ଜାରି କରିବା ଉଚିତ୍ । ଋଣ ପ୍ରଦାନ ପୂର୍ବରୁ ଗ୍ରାହକଙ୍କ ପ୍ରକୃତ ପରିଶୋଧ କ୍ଷମତାକୁ କଠୋର ଭାବେ ଯାଞ୍ଚ କରାଯିବା ଆବଶ୍ୟକ । ଦ୍ୱିତୀୟତଃ, ରିକଭରି ଏଜେଣ୍ଟଙ୍କ ଦୌରାତ୍ମ୍ୟ ରୋକିବା ପାଇଁ କଠୋର ଆଇନ ପ୍ରଣୟନ ହେବା ଦରକାର । ଋଣ ଆଦାୟ ନାମରେ ମାନସିକ ନିର୍ଯାତନା ଦେବା ଏକ ଅପରାଧ ବୋଲି ବିବେଚନା କରାଯିବା ଉଚିତ୍ । ତୃତୀୟତଃ, ଆର୍ଥିକ ସାକ୍ଷରତା (Financial Literacy)କୁ ଏକ ଜାତୀୟ ଅଭିଯାନରେ ପରିଣତ କରିବାର ସମୟ ଆସିଛି । ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ଟଙ୍କାର ମୂଲ୍ୟ, ସଞ୍ଚୟର ଗୁରୁତ୍ୱ ଏବଂ ଋଣର ବିପଦ ସମ୍ପର୍କରେ ଶିକ୍ଷା ଦେବା ଅପରିହାର୍ଯ୍ୟ । ଉପଭୋକ୍ତା ଭାବରେ ଆମକୁ ବୁଝିବାକୁ ହେବ ଯେ କ୍ଷଣିକ ସୁଖ ପାଇଁ ଭବିଷ୍ୟତକୁ ବନ୍ଧକ ରଖିବା ବୁଦ୍ଧିମାନର କାମ ନୁହେଁ । 'ଆବଶ୍ୟକତା' ଏବଂ 'ଇଚ୍ଛା' ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝି ନିଜର ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବା ଜରୁରୀ।

ପରିଶେଷରେ, ଭାରତର ଏହି ନୀରବ ଋଣ ସଙ୍କଟ ଯଦିଓ ବର୍ତ୍ତମାନ ବ୍ୟକ୍ତିଗତ ସ୍ତରରେ ସୀମିତ ଥିବା ପରି ମନେହୁଏ, କିନ୍ତୁ ଏହାକୁ ଅଣଦେଖା କଲେ ଏହା ସମଗ୍ର ସମାଜ ପାଇଁ ଏକ ବିରାଟ ବିପଦର କାରଣ ହେବ। ଯଦି ଏକ ବଡ଼ ସଂଖ୍ୟକ ଯୁବବର୍ଗ ଋଣ ଖିଲାପି ହୁଅନ୍ତି, ତେବେ ଏହା ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଦୁର୍ବଳ କରିଦେବ। ଏକ ସୁସ୍ଥ ଓ ସମୃଦ୍ଧ ଭାରତ ଗଠନ ପାଇଁ ଆମକୁ ଋଣଭିତ୍ତିକ ଜୀବନଶୈଳୀ ପରିତ୍ୟାଗ କରି ସମ୍ବଳଭିତ୍ତିକ ପ୍ରଗତି ଆଡ଼କୁ ଅଗ୍ରସର ହେବାକୁ ପଡ଼ିବ । ନଚେତ୍, ଆଜିର ସହଜ କିସ୍ତି ଆସନ୍ତାକାଲିର କଷ୍ଟଦାୟକ ବୋଝ ପାଲଟିଯିବାରେ ବିଳମ୍ବ ହେବନାହିଁ ।

# ଯୁବଶକ୍ତି ହିଁ ରାଷ୍ଟ୍ରର ଆଧାରବିନ୍ଦୁ


ଡ଼ ମନୋଜ କୁମାର ମହାନ୍ତି


ଇତିହାସର ପୁନରାବୃତ୍ତି ହେବା ସ୍ୱାଭାବିକ ଘଟଣା। ଯେଉଁଠି ସମାଜ ସେଇଠି ପ୍ରାଚୀନ ପରମ୍ପରା ଓ ସଂସ୍କୃତିର ଆଦାନପ୍ରଦାନ ପୁଣି ଅନୁସରଣ। ଯୁଗେଯୁଗେ ପରମ୍ପରା ଓ ସଂସ୍କୃତିର ବୃହତ୍ ଗନ୍ତାଘର ରୂପେ ସମାଜ ଦଣ୍ଡାୟମାନ। ପ୍ରତ୍ୟେକ ମଣିଷ ଏଇଠୁ ଶିଖେ ପୁଣି ପରମୁହୂର୍ତ୍ତରେ ଅନ୍ୟକୁ ଶିଖାଏ। ମାନବିକ ବିକାଶ କ୍ଷେତ୍ରରେ ସମାଜ ଏକ ପ୍ରୟୋଗଶାଳା। ସଭ୍ୟତାର ବିକାଶରେ ବ୍ୟକ୍ତିର ଚିନ୍ତାଚେତନା, ବଳିଷ୍ଠ ବ୍ୟକ୍ତିତ୍ୱ, ଆଦର୍ଶ ଏବଂ ଜୀବନଦର୍ଶନ ଏକ ମହୋଷଧି ରୂପେ କାର୍ଯ୍ୟକରେ। ସେମାନଙ୍କ ଜୀବନଶୈଳୀ ସମାଜର ଜନସାଧାରଣଙ୍କ ପାଇଁ ପ୍ରେରଣାର ଉତ୍ସ। ସେମାନେ ଇତିହାସର ଯେକୌଣସି ଅଧ୍ୟାୟରେ, ଯେ କୌଣସି ପୃଷ୍ଠାରେ ସ୍ଥାନିତ ହୁଅନ୍ତି। ଜାତୀୟ ଚେତନାର ସ୍ରୋତରୂପେ ଏକ ସ୍ୱତନ୍ତ୍ର ପୃଷ୍ଠାଭାବେ ଏକ ନିର୍ଦ୍ଦିଷ୍ଟ ଭୌଗଳିକ ପରିସୀମାର ପରିଧିର ଉର୍ଦ୍ଧ୍ୱକୁ ଯାଇ ବିଶ୍ୱର ଭିନ୍ନଭିନ୍ନ ବିଭିନ୍ନ କୋଣରେ ଛାଡ଼ିଯାନ୍ତି ସେମାନଙ୍କର ପାଦଚିହ୍ନ।

ଯାହାର ଯୌବନ ଯେତେ ଶୁଦ୍ଧ ତାର ବ୍ୟକ୍ତିତ୍ୱ ସେତେ ଦୀର୍ଘସ୍ଥାୟୀ। ଚରିତ୍ର ଆଧାରରେ ବ୍ୟକ୍ତିର ସାମାଜିକ ଓ ରାଷ୍ଟ୍ରୀୟ ପରିଚୟର ଏକ ନୂତନ ଅଧ୍ୟାୟ ସୃଷ୍ଟିହୁଏ। ପ୍ରଥମ ଭାରତୀୟ ଯୁବସନ୍ଥ ଭାବେ ୧୮୯୩ରେ ଆମେରିକାର ଚିକାଗୋ ସହରରେ ମାତ୍ର ୨୯ତମ ବୟସରେ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଯେଉଁଭଳି ବିଶ୍ୱଧର୍ମ ସଂସଦରେ ଉପସ୍ଥାପନ କରିଥିଲେ ତାହା କେବଳ ଭାରତୀୟଙ୍କୁ ଗୌରବାନ୍ୱିତ କରିନଥିଲା ବରଂ ବିଶ୍ୱଜନମାନସକୁ ଚକିତ ତଥା ପ୍ରେରଣା ଯୋଗାଇଥିଲା। ବିଶ୍ୱରେ ଭାରତୀୟ ସଂସ୍କୃତି, ଦର୍ଶନ ଓ ଜ୍ଞାନର ଏକ ସ୍ୱତନ୍ତ୍ର ପରିଚୟ ଆରମ୍ଭ ହୋଇଥଲା ସ୍ୱାମୀ ବିବେକାନନ୍ଦଙ୍କ ଦ୍ୱାରା। ବେଦାନ୍ତ ଦର୍ଶନର ମୂଳତତ୍ତ୍ୱ, ପ୍ରତ୍ୟେକ ଜୀବନ ପାଇଁ କିପରି ମହତ୍ତ୍ୱପୂର୍ଣ୍ଣ ତାହା ସମଗ୍ର ବିଶ୍ୱବାସୀଙ୍କ ଦ୍ୱାରା କିପରି ଗ୍ରହଣୀୟ ଥିଲା ଏକ ଯୁଗାନ୍ତକାରୀ ଚିନ୍ତାଧାରା। ବେଦାନ୍ତ ଦର୍ଶନର ଚିନ୍ତାଧାରା ଯେଉଁ ମାତ୍ରାରେ ବିଶ୍ୱର ବସ୍ତୁବାଦୀ ସାମାଜିକ ଜୀବନକୁ ପ୍ରଭାବିତ କରିଥିଲା ତାହାର ଫଳସ୍ୱରୂପ ଆମେରିକା ଓ ଇଉରୋପରେ ବେଦାନ୍ତ ଦର୍ଶନର ଆନ୍ଦୋଳନ ଦେଖିବାକୁ ମିଳିଥିଲା। ଚିକାଗୋ ଧର୍ମସଂସଦରେ ନିଜର ଆକର୍ଷଣୀୟ ଭାଷଣ ପରେ ଆମେରିକା ଓ ଇଉରୋପରେ ବେଦାନ୍ତ ଦର୍ଶନର ଖୁବ୍ ଚର୍ଚ୍ଚିତ ବ୍ୟକ୍ତି ଭାବରେ ସ୍ୱାମୀଜୀଙ୍କୁ ନିମନ୍ତ୍ରଣ ପରେ ନିମନ୍ତ୍ରଣ ମିଳିଥିଲା। ପ୍ରାୟ ଅଢେଇ ବର୍ଷ ବେଦାନ୍ତ ଦର୍ଶନର ବକ୍ତାଭାବେ ଆମେରିକା ଓ ଇଂଲଣ୍ଡରେ ପ୍ରଚାର ଓ ଭ୍ରମଣ ପରେ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ସ୍ୱଳ୍ପ ଜୀବନ ମଧ୍ୟରେ ଯେଉଁ ବ୍ୟକ୍ତିର ଚିନ୍ତାଧାରା ବିଶ୍ୱରେ ବିଜୁଳିଗତିରେ ବ୍ୟାପିଥିଲା, ସେଭଳି ବ୍ୟକ୍ତିତ୍ୱକୁ ନିଶ୍ଚିତଭାବେ ଇତିହାସ ତା ପୃଷ୍ଠାରେ ସ୍ଥାନିତ କରିବାର ଗୌରବ ଅର୍ଜନ କରିବ। ଭାରତର ପରମ୍ପରା, ସଂସ୍କୃତି ଓ ସଭ୍ୟତାର ମହତ୍ତ୍ୱକୁ ବିଶ୍ୱଦରବାରରେ ଉପସ୍ଥାପନ କରି ଭାରତୀୟ ଗୌରବର ମହିମାମଣ୍ଡନରେ ଯେ ନିଜକୁ ସାମିଲ୍ କରିଥିଲେ ସେ ହିଁ ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦ।

ଶୈଶବରୁ କୈଶୋର, ପୁଣି କୈଶୋରକୁ ଅତିକ୍ରମ କରି ଜୀବନ ପହଞ୍ଚେ ଯୌବନରେ। ଯୌବନ, ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ସମୟ, ଚଳଚଞ୍ଚଳ ପ୍ରବାହମାନ ସ୍ରୋତ। ଯୌବନ ହିଁ ନିର୍ଦ୍ଧାରଣ କରେ ପ୍ରତ୍ୟେକ ଯୁବକର ଭାଗ୍ୟଭବିଷ୍ୟତ। ଯୌବନକୁ ଯେଉଁ ବାଟରେ ପରିଚାଳିତ କରିବା ଜୀବନ ଠିକ୍ ସେମିତି ପ୍ରତିଷ୍ଠା ଲାଭ କରିବ। ସ୍ୱାମୀ ବିବେକାନନ୍ଦ ଏକଥା ମର୍ମେମର୍ମେ ଅନୁଭବ କରିଥିଲେ। ୩୯ ବର୍ଷର ସ୍ୱଳ୍ପ ସମୟ ମଧ୍ୟରେ ବିଶ୍ୱ ଯୁବସମାଜକୁ ସେ ଯେଉଁ ମନ୍ତ୍ରରେ ବିମୁଗଧ କରିଥିଲେ ତାହା ଅବିଶ୍ୱସନୀୟ, ଅବର୍ଣ୍ଣନୀୟ । ୨୧ତମ ବର୍ଷ ବୟସରେ ନିଜ ପିତାଙ୍କୁ ହରାଇ ଉଭୟ ପରିବାରିକ ଓ ଆର୍ଥିକ ଦୁର୍ଦ୍ଦଶା ସତ୍ତ୍ୱେ ଗୁରୁ ରାମକୃଷ୍ଣ ପରମହଂସଙ୍କ ନିକଟରେ ନିଜକୁ ସମର୍ପିତ କରିବା ବିବେକାନନ୍ଦଙ୍କ ପାଇଁ ଏକ ବୃହତ୍ ସମସ୍ୟା ଥିଲାପରି ଲାଗେ। ପିତୃ ବିୟୋଗର ଦୁଃଖ, ମାତା ତଥା ଭାତୃଭଗିନୀଙ୍କ ଦାୟିତ୍ୱର ବହୁଉର୍ଦ୍ଧ୍ୱରେ ଥିଲା ଚିନ୍ତାଧାରା। ଯୌବନର ଉଦ୍ଧମତାକୁ କାବୁକରି ଶୁଦ୍ଧଯୌବନର ଅଧିକାରୀ ହେବା ଏତେ ସହଜ ନୁହେଁ। ବରଂ ଯୌବନର କାମନା ରୂପକୁ ନିଆଁକୁ କିପରି ଆୟତ୍ତ କରାଯାଇପାରିବ ତାହା ହିଁ ଥିଲା ତାଙ୍କ ଉଦ୍ଦେଶ୍ୟ। ରାମକୃଷ୍ଣ ପରମହଂସଙ୍କ ଦେହତ୍ୟାଗ ପରେ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରିଥିଲେ ସନ୍ୟାସୀ ଭାବରେ। ଗେରୁଆବସ୍ତ୍ର ପରିଧାନ ପୂର୍ବକ ସନ୍ୟାସୀ ବେଶରେ ସେ ଭାରତର ଭିନ୍ନଭିନ୍ନ ରାଜ୍ୟର ଅଞ୍ଚଳମାନ ଭ୍ରମଣ କରିଥିଲେ। ଏହି ଭ୍ରମଣ କାଳ ମଧ୍ୟରେ ସେ ଅନୁକ୍ଷଣ କରିଥିଲେ ଭାରତୀୟ ମାନଙ୍କର ଦୁର୍ଦ୍ଦଶାପୂର୍ଣ୍ଣ ଜୀବନ ଓ ଜୀଇଁବାର ଶୈଳୀ। ଇଂରେଜ ଶାସନ କାଳରେ ଭାରତୀୟ ମାନଙ୍କର ଦୁଃଖଭରା ଜୀବନ ତାଙ୍କୁ ବ୍ୟସ୍ତବିବ୍ରତ କରିଥିଲା ଓ ସେ ମାନସିକ ସ୍ତରରେ ଅତ୍ୟନ୍ତ ମର୍ମାହତ ହୋଇଥିଲେ। ଜଣେ ଯୁବକ ଭାବରେ ଭାରତୀୟ ଯୁବଗୋଷ୍ଠୀ ମଧ୍ୟରେ ଥିବା ବିପୁଳ ସମ୍ଭାବନାକୁ ସେ କିପରି ସାକାର କରି ସେମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଅଣାଯାଇପାରିବ ସେଥିପାଇଁ ଉପାୟ ଖୋଜୁଖୋଜୁ ଏକ ସିଦ୍ଧାନ୍ତରେ ଉପନୀତ ହେଲେଯେ ସବୁ ସମସ୍ୟାର କାରଣ ଦାରିଦ୍ର୍ୟତା ଓ ନିରକ୍ଷରତା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁବଗୋଷ୍ଠୀ। ଶିକ୍ଷା ହିଁ ଏକମାତ୍ର ଅସ୍ତ୍ର ଯାହାକୁ ହତିୟାର କରି ଯୁବକମାନଙ୍କ ଜୀବନକୁ ପରିବର୍ତ୍ତନ କରାଯାଇ ପାରିବ। ଫିକା ପଡ଼ିଯାଇଥିବା ଯୁବଗୋଷ୍ଠୀଙ୍କ ଜୀବନର ମାନଚିତ୍ରକୁ କେବଳ ଶିକ୍ଷା ମାଧ୍ୟମରେ ରଙ୍ଗୀନ୍ କରାଯାଇ ପାରିବ।

ଜଣେ ଆଧ୍ୟାତ୍ମିକ ଯୋଗୀ ଓ ସମାଜ ସଂସ୍କାରକ ଭାବେ ତାଙ୍କର ଅନୁଭବ ଥିଲା ଶିକ୍ଷାର ପୃଷ୍ଠଭୂମିକୁ ଏକ ଉଚିତ୍ ମାର୍ଗରେ ଆବଶ୍ୟକତା ଅଛି। ଯଦି ଶିକ୍ଷା କେବଳ ଜୀବିକା ଅର୍ଜନର ମାଧ୍ୟମ ନହୋଇ ବରଂ ବଞ୍ଚିବାର ଏକ ଶୈଳୀ ପାଲଟିଯାଆନ୍ତା ତେବେ ପ୍ରତ୍ୟେକ ଯୁବକ ମଧ୍ୟରେ ନୈରାଶ୍ୟ ବସାବାନ୍ଧି ପାରନ୍ତା ନାହିଁ। ସେ ଅନୁଭବ କରିଥିଲେ ଭାରତୀୟ ବେଦାନ୍ତ ଦର୍ଶନର ତତ୍ତ୍ୱ ହିଁ ଏକମାତ୍ର ମାଧ୍ୟମ ଯୁବସମାଜକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିବାରେ। ନିଜକୁ ନିଜ ଭିତରେ ଖୋଜିବା, ସ୍ୱ-ଅନୁଭବ କରିବା ନକରିବା ପର୍ଯ୍ୟନ୍ତ ଆମେ ସମସ୍ତେ ଅନ୍ଧ, ମୂକ ଓ ବଧିର। ବିଶ୍ୱର ସମସ୍ତ ଶକ୍ତି ଓ ସମ୍ଭାବନା ଆମ ପାଖରେ ଅଛି କିନ୍ତୁ ଆମେ ଆମ ହାତକୁ ଆଖିକୁ ବନ୍ଦକରି ଏ ସଂସାର ଅନ୍ଧକାର ବୋଲି କାନ୍ଦିବା ହିଁ ଆମମାନଙ୍କର ଅଜ୍ଞାନତା। ଅନ୍ଧକାର ଭିତରେ ନିଜକୁ ଲୁଚେଇ ରଖିଥିବା ମଣିଷ କେବେ ଦେଖିପାରେନା ଆଲୋକର ଭବ୍ୟତା। ତାହା ହିଁ ଆମ ଦୃଢ଼ବିଶ୍ୱାସର ଅଭାବ। ଯୁବସମାଜପାଇଁ ଚରିତ୍ର ଗଠନ ସହ ଆତ୍ମିକ ଶୁଦ୍ଧତ୍ୱ ନିହାତି ଜରୁରୀ। ନୈତିକ ମୂଲ୍ୟବୋଧ, ନ୍ୟାୟ ଓ ସାମାଜିକ ସୌହାର୍ଦ୍ଧପୂର୍ଣ୍ଣ ତଥା ଜାତିବର୍ଣ୍ଣର ସଂକୀର୍ଣ୍ଣତାବୋଧତା ଦୂରୀକରଣ କେବଳ ସଂସ୍କାରମୂଳକ ଶିକ୍ଷା ମାଧ୍ୟମରେ ସମ୍ଭବ। ଅର୍ଥ ଉପାର୍ଜନ ତଥା ବସ୍ତୁବାଦୀ ମାନସିକତାର ପ୍ରୋତ୍ସାହନ ପାଇଁ ଶିକ୍ଷାକୁ ଜୀବନର ମାଧ୍ୟମ କରାନଯାଉ। ଶିକ୍ଷା ମାଧ୍ୟମରେ ସମାଜର ଉତଥାନ, ସମାନତା ସୃଷ୍ଟି ହେବା ସହ ଅନ୍ଧବିଶ୍ୱାସ ଦୂର ହୋଇପାରିବ। ଆଧ୍ୟାତ୍ମିକ ଶିକ୍ଷାକୁ ଆଧୁନିକ ବସ୍ତୁବାଦୀ ଜୀବନରେ ପ୍ରୟୋଗ କରି ଆତ୍ମିକ ଚେତନାର ବିକାଶ କରିପାରିଲେ ସାମାଜିକ ଅଭିବୃଦ୍ଧିର ନୂଆରାସ୍ତା ଉନ୍ମୁକ୍ତ ହେବ।

ବିବେକାନନ୍ଦ ବିଶ୍ୱର ଜନସାଧାରଣଙ୍କୁ ସଦାସର୍ବଦା ଯୁବକ ବୋଲି ଅଭିହିତ କରୁଥିଲେ। ବୟସ ବଢ଼ିଗଲେ କେହି ବୃଦ୍ଧ ହୁଏନି। ମାନସିକ ସ୍ତରରେ ସୁସ୍ଥ ପ୍ରତ୍ୟେକ ମଣିଷ ଜଣେଜଣେ ଯୁବକ। ସମାଜରେ ସଂସ୍କାର ଆଣି ପାରୁଥିବା ପ୍ରତ୍ୟେକ ବ୍ୟକ୍ତି ହିଁ ଜଣେ ଯୁବକ। ଉଠ, ଜାଗୋ, ଅଟକି ଯିବାନି ଯେପର୍ଯ୍ୟନ୍ତ ନିଜ ଲକ୍ଷ୍ୟରେ ଆମେ ନପହଞ୍ଚିଛନ୍ତି। ଏ ପୃଥିବୀ ଏକ ବ୍ୟାୟାମଶାଳ, ଯେଉଁଠି ମଣିଷ ଜନ୍ମ ନିଏ ସୁସ୍ଥ ହୋଇ ଦୁର୍ବଳତାର ବିନାଶପାଇଁ। ଶୋଇଯାଇଥିବା ଭାରତର ଜନସାଧାରଣ ତଥା ଯୁବକମାନଙ୍କୁ ଜାଗ୍ରତ କରି ସେମାନଙ୍କ କାନରେ ଜିଇଁବାର ମନ୍ତ୍ରଫୁଙ୍କି ଯେଉଁ ନୂତନ ରାସ୍ତାରେ ଯୁବଗୋଷ୍ଠୀଙ୍କୁ ପଥକ ସଜେଇଲେ ତାହା ଆମ ପାଇଁ ଏକ ନୂଆକିରଣ। ଜଣେ ଯୁବନାୟକ ଭାବରେ, ପ୍ରଚଣ୍ଡ ଜ୍ଞାନର ଅଧିକାରୀ ହୋଇ ନିଜର ମହତ ଉଦ୍ଦେଶ୍ୟକୁ ସାକାର କରିବାର ସଂକଳ୍ପ ଯୁବସମାଜ ପାଇଁ ନିଶ୍ଚୟ ଶିକ୍ଷଣୀୟ ଅଧ୍ୟାୟ। ଯୌବନକୁ ଶୁଦ୍ଧକରି, ସଂଯମୀ ମାନବ ଭାବରେ ସମାଜକୁ ସୁଧାରିବାରେ ନେଇଥିବା ନିଷ୍ପତ୍ତି ନିକଟରେ ବର୍ତ୍ତମାନ ଓ ଭବିଷ୍ୟତ ଯୁବପିଢୀ ନିଶ୍ଚିତ ଭାବେ କୃତଜ୍ଞ। ସବୁ ଘାତପ୍ରତିଘାତ ସତ୍ତ୍ୱେ ଭାରତୀୟ ଦାର୍ଶନିକ ଚିନ୍ତଚେତନାକୁ ଓ ଯୁବସମାଜକୁ ସଭ୍ୟତାର ଶିଖରରେ ପହଞ୍ଚାଇବାର ସତ ପ୍ରଚେଷ୍ଟାକୁ ଏ ଦେଶର ଯୁବଶକ୍ତି ନିଶ୍ଚୟ ହୃଦୟଙ୍ଗମ କରିବ। ରାମକୃଷ୍ଣ ମିଶନ ଜରିଆରେ ଜାତୀୟ ଯୁବଚେତନାକୁ ବେଦାନ୍ତ ଦର୍ଶନସହ ଯୋଡ଼ି ଯେଉଁ ନୂତନ ଭାରତର ସ୍ୱପ୍ନ ଦେଖିଥିଲେ ତାର ବାସ୍ତବ ଚିତ୍ର ରୂପାୟନ କରିବାରେ ଏ ଯୁବଗୋଷ୍ଠୀ ଆଗଭର ହେବ। ସତ-ଚିତ୍-ଆନନ୍ଦ ତତ୍ତ୍ୱର ଅନ୍ତର୍ନିହିତ ଶକ୍ତିକୁ ଅନୁଭବ ସହ ତାକୁ ସାମାଜିକ ଆଦର୍ଶର କେନ୍ଦ୍ରବିନ୍ଦୁରୂପେ ଗ୍ରହଣ କରିବା ଏକ ଯୁଗାନ୍ତକାରୀ ଚିନ୍ତା ଓ ଚେତନା। ସେହି କାଳଜୟୀ, ଯାଜୁଲ୍ୟମାନ ଓ ମୃତ୍ତିମନ୍ତ ଅମ୍ଳାନ ବ୍ୟକ୍ତିର ବ୍ୟକ୍ତିତ୍ୱ ପାଲଟିଯାଉ ଯୁବପ୍ରତିଭାଙ୍କ ପ୍ରେରଣା। ଯାହାଙ୍କ ଗୁରୁଭକ୍ତି, ନିର୍ଭୀକତା, ବାଗ୍ମିତା ଓ ପରିଶେଷରେ ଦାର୍ଶନିକ ଚିନ୍ତାଧାରା କେବଳ ଭାରତୀୟଙ୍କ ମାନସ ପଟରେ ନୁହେଁ ବରଂ ବିଶ୍ୱ ଭୌଗଳିକ ପୃଷ୍ଠଭୂମିରେ ଯୁଗଯୁଗ ଧରି ଉଜ୍ଜୀବିତ ହୋଇରହିବ। ବୟସର ଅପରାହ୍ନକୁ ଯାହାକୁ ସ୍ପର୍ଶ କରିବାକୁ ଭୟ କରିଥିଲା। ଯିଏ ସବୁଦିନ ପାଇଁ ଯୁବକ ହୋଇ ଜାତୀୟ ଯୁବ ଚେତନାରେ ନିଜକୁ ସାମିଲ୍ କରିଥଲେ ସେଭଳି ମହାନ ଆତ୍ମାକୁ ଜାତୀୟ ଯୁବଦିବସ ଅବସରରେ ଶତକୋଟି ପ୍ରଣାମ।


+ଦର୍ଶନ ବିଭାଗୀୟ ମୁଖ୍ୟ,
ଏନ.ଏମ.ଏ ମହା ବିଦ୍ୟାଳୟ,
ଭଦ୍ରକ,
ମୋ:୮୮୯୫୩୪୧୦୩୩


# ଏସଆଇଆର : ୟୁପି, ଗୁଜରାଟରେ ବିଦେଶୀଙ୍କ ସଂଖ୍ୟା ସର୍ବାଧିକ


ସୌଭାଗ୍ୟ ରଂଜନ ମହାନ୍ତି


ଦେଶରେ ଭୋଟର ତାଲିକା ଯାଂଚ ପାଇଁ ନିର୍ବାଚନ କମିଶନଙ୍କ ଦ୍ୱାରା ଚାଲିଥିବା ବହୁଚର୍ଚ୍ଚିତ ସ୍ପେଶାଲ ଇଟେଂନସିଭ ରିଭିଜନ (ଏସଆଇଆର)ର ଦ୍ୱିତୀୟ ପର୍ଯ୍ୟାୟ ଚିଠା ତାଲିକାରୁ ବାଦ୍ ପଡିଥିବା ମୋଟ ଭୋଟରଙ୍କ ସଂଖ୍ୟା ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣର ପ୍ରସଙ୍ଗ ପାଲଟିଛି ବୋଲି କୁହାଯାଇପାରିବ। ଦ୍ୱିତୀୟ ପର୍ଯ୍ୟାୟରେ ୯ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଂଚଳରେ ଏସଆଇଆର ଚିଠା ତାଲିକାରୁ ମୋଟ ୬କୋଟି ୫୬ଲକ୍ଷ ଭୋଟର ବାଦ ପଡିଛି। ଯାହାକି ଏହି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ମୋଟ ଜନସଂଖ୍ୟାର ୧୩ ପ୍ରତିଶତ ଥିବା କୁହାଯାଏ। ଏହା ନିସନ୍ଦେହ ଯେ, ଏସଆଇଆର ପରେ ଏତେ ସଂଖ୍ୟକ ଭୋଟଦାତା ବାଦ୍ ପଡିବା ନିଶ୍ଚିତ ଭାବରେ ଉଭୟ ଶାସକ ଓ ବିରୋଧି ଦଳଙ୍କୁ ବିଚଳିତ କରିଛି। ଦେଶର ସର୍ବବୃହତ ତଥା ଜନବହୁଳ ରାଜ୍ୟ ଭାବେ ଜଣାଶୁଣା ଉତରପ୍ରଦେଶରେ ଯେଉଁଠି ବଜେପି କ୍ରମାଗତ ଦ୍ୱିତୀୟଥର ଲାଗି କ୍ଷମତାରେ ରହିଛି, ସେଠାରେ ମୋଟ ୨କୋଟି ୮୯ଲକ୍ଷ ଭୋଟଦାତା ବାଦ୍ ପଡୁଛନ୍ତି। ଫଳସ୍ୱରୁପ ଉତରପ୍ରଦେଶରେ ମୋଟ ୧୫କୋଟି ୪୪ଲକ୍ଷ ଭୋଟରଙ୍କ ମଧ୍ୟରୁ ଏବେ ଏସଆଇଆର ପରେ ଭୋଟ ଦାତାଙ୍କ ସଂଖ୍ୟା ୧୨କୋଟି ୫୫ଲକ୍ଷକୁ ହ୍ରାସ ପାଇଛି। ସେହିପରି ବିଜେପି ଶାସନାଧୀନ ଗୁଜରାଟରେ ଏସଆଇଆର ଚିଠା ତାଲିକାରୁ ୭୦ଲକ୍ଷ ଭୋଟ ବାଦ ପଡିଥିବା ବେଳେ ଡିଏମକେ ଶାସନାଧିନ ତାମିଲନାଡୁରେ ୯୭ଲକ୍ଷ ଏବଂ ତୃଣମୂଳ କଂଗ୍ରେସ (ଟିଏମସି) କ୍ଷମତାରେ ଥିବା ପଶ୍ଚିମବଙ୍ଗରେ ୫୮ଲକ୍ଷ ବାଦ୍ ପଡିଛନ୍ତି। ଦେଶର ଏହି ବୃହତ ୪ଟି ରାଜ୍ୟରେ ମୋଟ ୫କୋଟି ୧୪ଲକ୍ଷ ଭୋଟଦାତାଙ୍କ ବାଦ୍ ପଡିଥିବାବେଳେ ଅବଶିଷ୍ଟ ୧କୋଟି ୪୨ଲକ୍ଷ ଭୋଟର ୫ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଂଚଳରେ ବାଦ୍ ପଡିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏସଆଇଆର ଶେଷ ହୋଇଥିବା ପଶ୍ଚିମବଙ୍ଗରେ ଚଳିତ ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଉତରପ୍ରଦେଶରେ ଆସନ୍ତା ବର୍ଷ ନିର୍ବାଚନ ହେବ। କହିବା ବାହୁଲ୍ୟ ଯେ, ଉତରପ୍ରଦେଶ ଏବଂ ଗୁଜରାଟରେ ସର୍ବାଧିକ ସଂଖ୍ୟାକ ଭୋଟଦାତା ବାଦ୍ ପଡିଛନ୍ତି। ଯେଉଁଠି କି ବେଆଇନ ଅନୁପ୍ରବେଶକାରୀଙ୍କ ସଂଖ୍ୟା ସର୍ବାଧିକ ରହିଛି। କିନ୍ତୁ ଏହା ନିସନ୍ଦେହ ଯେ, ବେଆଇନ ଅନୁପ୍ରବେଶକାରୀଙ୍କ ସଂଖ୍ୟା ନେଇ ପଶ୍ଚିମବଙ୍ଗରେ ଟିଏମସି ମୁହଁରେ କଳା ବୋଳିବା ପାଇଁ ବିଜେପି ପ୍ରୟାସ କରୁଥିବା କାହାରିକୁ ଅଛପା ନୁହେଁ କିନ୍ତୁ ବାସ୍ତବ କ୍ଷେତ୍ରରେ ସର୍ବାଧିକ ସଂଖ୍ୟାକ ଭୋଟଦାତା ବାଦ୍ ପଡିବା ଘଟଣା ବିଜେପି ନେତୃତ୍ୱ ବିଚଳିତ ହୋଇପଡିଥିବା କୁହାଯାଏ। କିନ୍ତୁ ପଶ୍ଚିମବଙ୍ଗରେ ସର୍ବାଧିକ ସଂଖ୍ୟାକ 'ମତୁଆ' ସଂପ୍ରଦାୟ, ଯେଉଁମାନେ କି ଅତୀତରେ ବଙ୍ଗଳାଦେଶ ତଥା ପୂର୍ବରୁ ପୂର୍ବ-ପାକିସ୍ଥାନରୁ ଆସିଥିଲେ, ସେମାନଙ୍କୁ ନେଇ ବିଜେପି ଆସନ୍ତା ନିର୍ବାଚନରେ ମୁଖ୍ୟ ରାଜନୈତିକ ପ୍ରସଙ୍ଗ କରିବାକୁ ଏସଆଇଆର ଖୋରାକ ଯୋଗାଇଛି ବୋଲି କୁହାଯାଇପାରେ। ତେବେ ଚୂଡାନ୍ତ ଏସଆଇଆର ତାଲିକାରେ ଭୋଟଦାତାଙ୍କର ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଅର୍ଥାତ ବାଦ୍ ପଡିଥିବା ଭୋଟରଙ୍କ ସଂଖ୍ୟା ହ୍ରାସ ପାଇବ। ଉଭୟ ବିଜେପି ଓ ଟିଏମସି ସମେତ ସମସ୍ତ ରାଜନୈତିକ ଦଳଗୁଡିକ ବାଦ୍ ପଡିଥିବା ଭୋଟଦାତାଙ୍କ ନାମ ପୁନର୍ବାର ଯୋଡିବା ପାଇଁ ପ୍ରୟାସ ଜାରି ରଖିଛନ୍ତି, ଯାହା ସେମାନଙ୍କ ତତ୍‌ପରତା ସଂକେତ ପ୍ରଦାନ କରେ। ଏହା ନିସନ୍ଦେହ ଯେ, ଭୋଟର ତାଲିକାରୁ ବେଆଇନ ଭୋଟଦାତାଙ୍କୁ ହଟାଇବା ନିର୍ବାଚନ କମିଶନଙ୍କ ଲକ୍ଷ୍ୟ। ଏସଆଇଆର ପାଇଁ ତଥା ଭୋଟର ତାଲିକାରୁ ବିଦେଶୀଙ୍କ ନାମ ହଟାଇବା ଲାଗି ନିର୍ବାଚନ କମିଶନଙ୍କୁ ସମ୍ବିଧାନ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିଛି। ନିକଟରେ ନିର୍ବାଚନ କମିଶନ ସୁପ୍ରିମକୋର୍ଟରେ ଦାଏର କରିଥିବା ସତ୍ୟପାଠରେ କହିଛନ୍ତି ଯେ, କେବଳ ଦେଶର ନାଗରିକମାନଙ୍କୁ ନାମ ଭୋଟର ତାଲିକାରେ ନିଶ୍ଚିତ କରାଇବା ଏବଂ କୌଣସି ବିଦେଶୀ ଯେପରି ଭୋଟର ତାଲିକାରେ ସ୍ଥାନ ନପାଆନ୍ତି, ସେଥିପ୍ରତି ଅଧିକ ଯତ୍ନବାନ ଅଛନ୍ତି କିନ୍ତୁ ଦେଶର ଜଣେ ହେଲେ ନାଗରିକ ଯେପରି ଭୋଟର ତାଲିକାରୁ ବାଦ୍ ନପଡନ୍ତି ଅବା ସାମ୍ବିଧାନିକ ଅଧିକାରୁ ବଂଚିତ ନହୁଅନ୍ତି, ସେଥିପ୍ରତି କେବଳ ନିର୍ବାଚନ କମିଶନ ନୁହଁନ୍ତି, ସୁପ୍ରିମକୋର୍ଟ, କେନ୍ଦ୍ର ସରକାର ଏବଂ ରାଜନୈତିକ ଦଳଗୁଡିକ ସର୍ବାଧିକ ଧ୍ୟାନ ଦେବାର ସମୟ ଏବେ ଆସିଛି।


+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ:୭୯୭୮୬୬୬୪୦୩


କବିତା କୋଣାର୍କ

## ନିର୍ବାଣର ପଥେ


ଡ. ଦୀପକ କୁମାର ମିଶ୍ର




ଅବଶିଷ୍ଟ ବଛାକୁଛା,
ବଞ୍ଚାକୁଞ୍ଚା ଯେତେ ଅବସୋସ
ମନମାରି ମରୁଥାନ୍ତି ଅତି ଉଦାସରେ
ଅପୂର୍ତ୍ତିର ସୂତାଖିଅରେ
ଆପେ ଆପେ ଗୁନ୍ଥିହୋଇ
ଗୁମାନର ଅକାତ ନଈରେ ।

ସମୟ ସରଣୀ ସରିଗଲା ବୋଲି
ଭାବୁଛ କି ନିରବରେ
ବସି ସମୁଦ୍ରର କୂଳେ
ଧର୍ମର ଜୁଆର ଗଣିବାକୁ ଦେଇନ
ମୂଲ୍ୟ ଯଦି
ଧୋଇଯିବ କେମିରି ଯେ
ଅହଙ୍କାରୀ ପାପ
ଅପରାଧ ଖାତାକୁ ବାହିଦେଲେ
ପୁଣ୍ୟତାର ନଦୀ ମୁହାଣରେ ।

ମୁଁ ବି କରିଛି ପାପ
ଅଦୃଶ୍ୟ ଅଲକ୍ଷ୍ୟର ମିଠା, ଖଟା,
ପ୍ରେମ ସହରରେ
କେବେ କେବେ
କୁବ୍ଧ କୋଳାହଳକୁ ଡରି ଯାଇ ଭାବେ
ଘରଟିଏ କରିଥାନ୍ତି କି
ନିଜ ଠାରୁ ନିଜକୁ ଦୁରେଇ
କେଉଁ ଜଙ୍ଗଲ ମଝିର ନିଛାଟିଆ
ଏକ୍ଲା କୁଟୀରରେ।

ଶବ୍ଦ ସବୁ ହାତ ଛାଡ଼ି ଯାଆନ୍ତି
ନାତ ମାରି, ନାଟ କରି,
ତାମସାକୁ ଭିଏଇ
ଅପରିପକ୍ୱ ଭାବନାକୁ ପାକଳ କରିବାକୁ
କୁହନା,
ମୋର ଅବା ସାମର୍ଥ୍ୟ ଯେ କାହିଁ ।

କ୍ଲିଷ୍ଟ ଯାତ୍ରା କବିତାର,
କଷ୍ଟ ଏଠି ସମୁଦ୍ର ମନ୍ଥନ
କିଏ ଜାଣେ,
କେତେ ବିଷ, କେତେ ମିଳେ
ଅମୃତ ସମ୍ଭାର
ଅସମ୍ଭବେ ଅତିକ୍ରମି ପଥ ପରେ ପଥ
ଛିଡ଼ାହୁଏ ଟାଣି
ତ୍ରିକୋଣୀୟ ବୃତ୍ତଚିତ୍ରଟିଏ
ବୃତ୍ତି, ମତି,
ପ୍ରବୃତ୍ତିର ମଝି ସିନ୍ଥାଣିରେ।


+ଭୁବନେଶ୍ୱର
ମୋ:୮୨୮୦୨୧୧୦୦୦


## ଦୁର୍ବାର ଲୀପ୍ସା


ବେଣୁଧର ସୂତାର


ଉନ୍ନତ ଶିରେ ବକ୍ଷ ବିସ୍ତାରି
ବିପୁଳ ଏ ବିଶ୍ୱ ପରେ
ସ୍ୱର ସାମର୍ଥ୍ୟର ଆଗ୍ନେୟ ସ୍ପନ୍ଦନ
ବିଶ୍ୱାସ ଅମୃତ ଧାରେ ।।
ସମ୍ମୁଖେ ଶାୟୀତ ଲକ୍ଷ୍ୟପଥଦ୍ରୁମ
ଚେତନା ତାରୁଣ୍ୟ ତୀରେ
ସତ୍ୟ ନ୍ୟାୟ ଧର୍ମ
ଭାବନାର ଶ୍ରେୟ
ପରିତୃପ୍ତ ସର୍ଜନାରେ ।।
ନୁହଁଇ ଜୀବନ ନିଃସ୍ୱତାର ସ୍ୱନ
ଭଗ୍ନ ସ୍ୱପ୍ନର କୋହ
ଶାନ୍ତି ବିନା ଏଠି ଆନନ୍ଦ ବନ୍ଧ୍ୟା
ତନ୍ଦ୍ରା ଆଚ୍ଛନ୍ନ ମୋହ ।।
ତରୁଣ ତନୁର ଉଦ୍ଦାମ ଅଟଳ
ପ୍ରଲମ୍ବିତ କର ଆଶା
ପ୍ରକମ୍ପିତ ହେଉ ଝଡର ଝଙ୍କାରେ
ବିଶ୍ୱାସର ପରିଭାଷା ।।
ନୁହଁଇ ଉଚିତ ଅପେକ୍ଷାର ମନ୍ତ୍ର
ଭୀଷ୍ମୀୟ ପ୍ରତିଜ୍ଞା ଘେନ
ଦୂରହେବ ମନୁ
କଠୋର ନିରାଶା
ସଂଶୟର ଅବସାନ ।।
ନିରୂପଣ କର ଜୀବନର ମାର୍ଗ
ଦିବ୍ୟ କର୍ମ ସମ୍ପାଦନେ
ମନ ବିବେକର ଅବ୍ୟର୍ଥ ସାଧନ
ମହାନୁଭବତା ଜ୍ଞାନେ ।।
ମନବାଣୀ କର୍ମେ
ମାନବୀୟ ଧର୍ମେ
ଜାଗୃତିର ମହା ଦୀକ୍ଷା
କର୍ମ କରିଯାଅ ସମାଜ ମଙ୍ଗଳେ
ନଲଙ୍ଘି ଲକ୍ଷ୍ମଣ ରେଖା ।।
ନୂତନ ସଂକଳ୍ପେ
ନବ ମନୋରଥେ
ଜୀବନର ପ୍ରତିକ୍ଷଣେ
ସ୍ୱପ୍ନ ସାଥେ ମିତ ବିଚ୍ଛୁରିତ ଗୀତ
କର୍ତ୍ତବ୍ୟର ଉତ୍ତରଣେ ।।
ସୀମିତ ସମୟ
ସୀମାରେଖା କୋଳେ
ସରିବ ବୟସ ବଳ
ଜାଗହେ ତରୁଣ
ଜୀବନ ବୃତ୍ତାନ୍ତେ
ସଂକଳ୍ପରେ ଉର୍ଜସ୍ୱଳ ।।


+କେଶଦୁରାପାଳ କେନ୍ଦୁଝର
ମୋ:୯୧୭୮୫୬୮୨୪୬

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୧୩ ଜାନୁଆରୀ ୨୦୨୬, ମଙ୍ଗଳବାର

# କବିତାମାଳା

## ପାଉଁଶ
### ଡିସମ୍ବର ମେହେର



ହୃଦୟ ଯେବେ ଥମି ଯିବ
ରକ୍ତ ହାଡ ମାଂସ
ନିରବି ଯେବେ
ବନ୍ଧୁ ପରିଜନ କେକେଇରେ ବୋହି
ମଶାଣୀ ନେଇ ଯିବେ ।
ହୁତୁ ହୁତୁ ନିଆଁରେ
ଜଳିଜଳି
ପାଉଁଶ ହେଇ ଯିବି
ପୁଣି ମାଟିରେ ମିଶିଯିବି
ମିଶି ଯିବି ମୋର ଚିହ୍ନ ବର୍ଣ୍ଣ ।
ଆଉ
କେଇଟା ଦିନପରେ
ଭୁଲିଯିବେ ଆତ୍ମୀୟ
ଦିନେ କାନ୍ଦିବେ ଦି ଦିନ କାନ୍ଦିବେ
ବର୍ଷେ କାନ୍ଧିବେ
ମୋ ପାଇଁ ଲୁହ ଝରାଇ
ଆଖି ବି ହାରି ଯିବ ।
ପୁଣି
ଯାହା ଆଖିରେ ?
ମୋ ଚେହେରା ଝଲସୁ ଥିଲା
ଯାହା ଓଠରେ
ମୋ କଥା ଭାସୁଥିଲା
ସବୁ ଶବ୍ଦରେ
ବିରାମ ଲାଗିଯିବ ।
କିଛି
ଆଶା ସବୁ ଝାଉଁଳି
ନାଇଁ ଯିବେ ଜୁଇରେ
ଆପଣାର ଲୋକଙ୍କ ଛାତିକୁ
ଝୁରେଇ ଦେବି
ଝରେଇ ଦେବି ଲୁହରେ ।
ଏଇ
ଯୌବନର ରଙ୍ଗ ସବୁ
ଧୁଳି ମାଟିରେ ମିଶି
ଗର୍ବ ଅହଙ୍କାର ଜଳିପୋଡି
ଅଙ୍ଗାର ହେଇ ଯିବ
ରହିଯିବ ଖାଲି
ପାଉଁଶ ପାଉଁଶ ।

❤ଗଣ୍ଡାବାହାଲି , ନୂଆପଡା

## କବିର ପରିଭାଷା
### ମନୋଜ କୁମାର ମେହେର



ସାହିତ୍ୟ ଅଟଇ ସମାଜ ଦର୍ପଣ
ଦେଖାଏ ସେ ନାନା ଛବି,
କାବ୍ୟ କବିତାରେ ନାନାଜାତି ଚିତ୍ର
ଗୁନ୍ଥି ଦେଇଥାଏ କବି ।।
କବିର ଭାବନା କଲମ ମୁନରେ
ହୋଇଥାଏ ତ ଚିତ୍ରିତ,
ସାହିତ୍ୟ ମାଧ୍ୟମେ ଯେତେ ସବୁ ଚିତ୍ର
ହୁଅଇ ପ୍ରତିଫଳିତ ।।
ଶବ୍ଦସବୁ ଗୁନ୍ଥି ଅତି ଯତନରେ
ଗଢ଼େ ସେ ସାହିତ୍ୟ ହାର,
ପଦ୍ୟ, ଗଦ୍ୟ ଅବା ଉପନ୍ୟାସ ନାମେ
ହୁଅଇ ସେତ ପ୍ରଚାର ।।
ନିର୍ଜୀବ ମୁଖରେ ଜୀବନ୍ୟାସ ଦିଏ
ନିଜ ଲେଖା ମାଧ୍ୟମରେ,
ସମୁଦ୍ର ଭିତରେ ପରବତ ସୃଷ୍ଟି
କବି ହିଁ ତ କରିପାରେ ।।
କେବେ ଆଙ୍କିଦିଏ ପ୍ରକୃତିର ଛବି
କେବେ ସମାଜର ବାର୍ତ୍ତା,
ନିଜ ସୃଜନୀରେ କେବେ ଆଙ୍କିଦିଏ
ବୀରପୁରୁଷଙ୍କ ଗାଥା ।।
ସୁପ୍ତ ଚେତନାକୁ ଜାଗ୍ରତ କରାଏ
କରିଥାଏ ସଚେତନ,
ସୁସ୍ଥ ସମାଜଟି ନିର୍ମାଣ କରଇ
କବିର ଦିଗଦର୍ଶନ ।।
କବି ପରିଭାଷା ବୁଝିହେବ ନାହିଁ
କେବେ ଅତି ସହଜରେ,
ସପନକୁ ଦିଏ ବାସ୍ତବର ରୂପ
ଫୁଲ ଫୁଟାଇ ପ୍ରସ୍ତରେ ।।

❤ବଣ୍ଡାକୁଟୁରା,
ଜୁନାଗଡ଼,କଳାହାଣ୍ଡି
ମୋ-୯୩୩୭୭୯୩୧୫୭

## ଅଭିମାନ
### ଭରତ ଚନ୍ଦ୍ର ଦାଶ



ମୁଁ
ଅଭିମାନରେ ନିରବି ଯିବି
ଏଇ ମୁହୂର୍ତ୍ତରୁ
ନା କହିବି ନା ହଁ କହିବି
ନାଁ ରେ ମରିବା ଅପେକ୍ଷା
ହଁ ରେ ମର ମର ହେବା
ପ୍ରାୟ ଲେଖାଯାଇଛି
କବିର କପାଳରେ ।

ମୁଁ
କବିତାଟିଏ ପାଇଁ ହାତ ପତାଏ
ସମୟ ପାଖରେ
ସେ କିଛି କହେ ନାହିଁ
ତା ନିରବତା
ମୋ ଛାତିରେ କଣ୍ଟା ଭଳି
ରଚ୍ କିନା ପଶିଯାଏ ।
ମୋତେ ହଜାଇଦିଏ
ଶବ୍ଦର ଘଞ୍ଚ ଅରଣ୍ୟରେ
ଖୋଜି ବୁଲେ ଏଠି ସେଠି ସବୁଠି
କାହିଁ କେଉଁଠି ତ
ମିଳେ ନି ଆଶାର କିରଣ
ତଥାପି ମୁଁ ଅନୁଭବେ
କାହାର ମଧୁର ସ୍ପର୍ଶ
ଅଦୃଶ୍ୟ ସେ, ଉତ୍କଣ୍ଠା ବଢିଚାଲେ
ପାଇବାକୁ ଇପ୍ସିତ ଟିକିଏ ସାନ୍ନିଧ ।

ତୁମେ କିଛି କହିବା
ନକହିବା ଭିତରେ
ଗୁମୁରୁ ଥାଅ ହୃଦୟର
କୋରଡରେ ପ୍ରାଣ ପକ୍ଷୀ
ଗୁମୁରିଲା ପରି ।
ନିରୀହ ଲୋଭିଲା
ଆଖି ଦୁଇଟିରୁ ଝରିପଡେ
ଶବ୍ଦର କେଇଟୋପା ଲୁହ
ଭୂମିର ସ୍ପର୍ଶ ମାତ୍ରକେ
କବିତାର ଦିବ୍ୟ ରୂପ ନିଏ ।
ପ୍ରତିଟି ଅଦୃଶ୍ୟ ଅସ୍ପଷ୍ଟ ଇସାରାରେ
ପୂର୍ଣ୍ଣ ହୁଏ କବିର ପର୍ଣ୍ଣ କୁଟୀର
ସୃଜନର ପ୍ରଣବରେ
ଧନ୍ୟ ହୁଏ, ମା ମାଟି ମାତୃଭାଷା ।

ତୁମେ ସୃଜନର
ବେଦମନ୍ତ୍ର ପ୍ରଣବ ଓଁକାର
ତୁମେ ପ୍ରୀତି ଓ ପ୍ରତ୍ୟୟ
ପ୍ରଣୟର ଅବାରିତ ଝର ।

ମାର୍କୋଣା
ବାଲେଶ୍ୱର - ୭୫୬୧୨୬
(ମୋ) - ୯୪୩୭୩୭୨୧୬୬

## ଅର୍ପଣ
### ନିରଞ୍ଜନ ସାହୁ

ଆହେ ବିଶ୍ୱପିତା ଜଗତ କରତା
ଏ ଜୀବନ କଲି ଅର୍ପଣ
ଦୁଃଖ କହୁନାହିଁ ସୁଖ ଚାହୁଁନାହିଁ
କରେ ଯାହା ଅଶ୍ରୁ ତର୍ପଣ ।

ଜୀବନ ଦେଇଛ ଯାତନା ଦେଇଛ
ସୁଖର ସନ୍ଧାନ ପାଏନା
କେମିତି ବଞ୍ଚିଛି କି ପୁଣ୍ୟ ସଞ୍ଚିଛି
ସେ କଥା କେଉଁଠି ଗାଏନା
ବୁଝି ପାରିବ ହେ ଜାଣି ପାରିବ ହେ
ଚାହିଁଲେ ମୋ ମୁଖ ଦର୍ପଣ ।

ତୁମରି କାହାଣୀ ତୁମରି ଚାହାଣି
ମନ୍ତ୍ରମୁଗ୍ଧ ମୋତେ କରିଛି
ଧରିଅଛି ନାମ ଯାଇଅଛି ଧାମ
ଭକତି ଅନ୍ତରେ ଭରିଛି
ଏହି ଜୀବନକୁ ଏହି ପରାଣକୁ
କରିଅଛି ମୁଁ ସମର୍ପଣ ।

ନିହଲ ପ୍ରସାଦ
ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ- ୯୯୩୮୭୪୧୫୮୩

## ବୟ ବୃଦ୍ଧ
### ସିଦ୍ଧେଶ୍ୱର ତ୍ରିପାଠୀ

ହେ ବୟ ବୃଦ୍ଧ ମାନବ ମୋହର
ଏତିକିହେ ନିବେଦନ
ତୁମରି ଆଶୀଷ ସଭିଙ୍କ ଉପରେ
ରହିଥାଉ ଚିର ଦିନ ।

ଶୈଶବ କୈଶୋର ଯଉବନ ପରେ
ଜରାବସ୍ଥା ଗଲା ହୋଇ
କେତେଯେ ଚରିତ୍ର ନିଭେଇ ଆସିଲ
ଜୀବନ ନାଟକ ପାଇଁ ।

ଭଲ ମନ୍ଦ ଯେତେ ବିଚାର ଶକତି
ସବୁ ତୁମ ପାଖେ ଥାଏ
ତୁମ ସେବା କଲେ ଚତୁର୍ବର୍ଗ ଫଳ
ସହଜରେ ମିଳିଯାଏ ।

ଗୁରୁ ଗୁରୁଜନ ବୟସ ବଢିଲେ
ଭାବିବନି ତାଙ୍କୁ ବୋଝ
ତାଙ୍କରି ଆଶୀଷ ମିଳିଲେ ଟିକିଏ
ସଫଳ ହୋଇବ କାର୍ଯ୍ୟ ।

## ଅତୃପ୍ତା
### ଆଶୁତୋଷ ମିଶ୍ର

ତୋ ଘନ ଘନ ନିଶ୍ୱାସର
ଚାଙ୍ଗୁଳ ଭିତରୁ
କହ କିଏ ତତେ କରିବ ଉଦ୍ଧାର
କିଏ ସେ ପୁରୁଷ ଯାହାର
ଲୋମ ଗୁଡ଼ା ବାଘ ନଖ ପରି
ତତେ ବିଦାରି ପାରିବ ଲକ୍ଷ ଲକ୍ଷ ଥର

ତୋ ଦେହର ବନ୍ୟାରେ
ଭାସିଯିବେ ସମସ୍ତ ପୁରୁଷ
ଯେତକ ବାହାସ୍ଫଟ ମାରନ୍ତି
ତୋ ଦେହର ଚଉଦି ଡେଇଁ
ଖେଳାଇବେ ପ୍ରେମର ଗୁଞ୍ଜର

ସେମାନେ କି ଜାଣନ୍ତି ତତେ,
ତୋ ଶକ୍ତି
କି ତୁ କେଡ଼େ ପାରିବାର
ଗୋଟାଏ ମଞ୍ଜିରୁ ତୁ ଅଙ୍କୁରାଇ ପାରୁ
ଜୀବନକୁ ଶହ ଶହ ଥର

ଏଣୁ ମୁଁ ବାହାନା ଦେଖାଇ
ଏଡାଇ ଦିଏ କାରଖାନାର ରାତି ସିଫ୍ଟ
ରହେ ନାହିଁ ବନ୍ଧୁଘରେ
ସାଙ୍ଗ ମାନଙ୍କ ସହ ରାତି କାଟେନି
ବାର୍ କି ରେଷ୍ଟୋରାଁରେ
ମୋର ସବୁତକ ରାତି ତତେ ସମର୍ପିତ
କଟିଯାଏ ତୋ ଆରାଧନା
ଆଉ ଅର୍ଘ୍ୟ ବାଢ଼ିବାରେ

ମୁଁ ଆହୁତି ଦିଏ ନିଜକୁ
ତୁ ଜଳୁ ହୁତୁହୁତୁ ହେଇ
ମତେ ଗୋଟାପୁଣି ଜାଳୁ
ମୋ ଜଳିବା ଦେଖି ତୁ ଶାନ୍ତି ପାଉ
ମତେ ଆହୁରି ଜାଳିବାକୁ
ମନ ଭିତରେ ସଂକଳ୍ପ କରୁ
ମୋ ଆବାହନ, ସନ୍ନିଧାନ ଆଉ
ବିସର୍ଜନରେ ଖୁସି ହେଇ ବର ଯାଚୁ

ମୁଁ ପ୍ରତିଥର ମାଗିବସେ
ସେଇ ଏକା ବର
ଦେବୀ, ତୋର ସବୁ ରାତି ମୋର
ମୁଁ ଏକା ହିଁ ପୂଜାରୀ
ଏ ଗୋଟା ବ୍ରହ୍ମାଣ୍ଡର
ଯିଏ ତୋତେ ବଶ କରିପାରିବ
କୋଟି କୋଟି ଥର......

❤ଦାନଗଦି, ଯାଜପୁର
ମୋ: ୭୦୦୮୦୩୦୫୩୩

## ସୋରିଷ ଫୁଲର ସୁନା ଅଗଣାରେ
### ହରିଶ୍ଚନ୍ଦ୍ର ବେହେରା



ସୋରିଷ ଫୁଲର ସୁନା ଅଗଣାରେ
ଖେଳୁଛି କଅଁଳ ଖରା
ସକାଳ ପକ୍ଷୀର ମିଠା କାକଳିରେ
କେତେଯେ ଆବେଗ ଭରା ।।

କ୍ଷେତ ସବୁ ଦିଶେ ପୂରିଲା ପୂରିଲା
ଚାଷୀର ଭରା ଆନନ୍ଦ
ମାର୍ଗଶିର ଝୋଟି ଚିତା ମୁରୁଜରେ
ଲକ୍ଷ୍ମୀଙ୍କର ପଦ୍ମ ପାଦ
ଗେଣ୍ଡୁ ଫୁଲ ଆଉ ଚାମେଲି ଫୁଲରେ
ସବୁଠି ଦିଶୁଛି ତୋରା ।।

କେତେ ଯେ ସରାଗ ସବୁରି ମନରେ
ଲକ୍ଷ୍ମୀ ଯେ ଆସିବେ ଘରେ
ପିଲା ଠାରୁ ବୁଢ଼ା ଧାନ କାଟି ଯିବେ
ସବୁଠି ଆନନ୍ଦ ଝରେ
କାକରର ମୋତି ପିନ୍ଧି ଲାଜକୁଳି
ସକାଳୁ ପଉଚି ଖରା ।।

କଳେଇ ଗଦାରେ ପୂରି ଯିବ ଖଳା
ବିଲ ଦିଶିବ ଲଙ୍ଗଳା
କ୍ଷେତ ଜଗୁଥିବା ପାଳ ଭୂତ ମାନେ
ଅଚିରେ ହେବେ ବାଉଳା
ଘରେ ଘରେ ହେବ ନୂଆ ଖିଆ ପର୍ବ
ପ୍ରୀତିର ମାଧୁରୀ ଝରା ।।

❤କଲ୍ୟାଣ ନଗର,
ବାଲେଶ୍ୱର -୧
ମୋ-୯୪୩୭୮୧୩୭୦୮

## ଶୀତ ଆସିବା ପରେ
### ସରୋଜ କୁମାର ଦାସ



ବୁନ୍ଦା ବୁନ୍ଦା କାକର ଓ ହିମ ଶୀତଳ
ପବନର ସାଥେ
ହେମନ୍ତର ବିଦାୟ ବେଳାରେ
ଧୀରେ ଧୀରେ ଆସେ ଶୀତ
ସାଜିବାକୁ ପଲ୍ଲୀ ଜୀବନର ମିତ
ଗାଇବାକୁ ଖୁସି ଓ ଆନନ୍ଦର ଗୀତ,
କାହାକୁ ଶାୟିତ କରି ତୂଳି ତଳ୍ପରେ
କାହା ରାତି ବିତିଯାଏ
ହିମ କାକରରେ ।

ଦିବସର ଆୟୁଷକୁ କରିଣ ଶୋଷଣ
ଆସ୍ତେ ଆସ୍ତେ ବଢ଼ିଥାଏ ରାତି
ସୂର୍ଯ୍ୟାସ୍ତର ଅନ୍ତିମ କିରଣ
ଲିଭିଗଲା ପରେ
ଶୀତର ପ୍ରକୋପ ବଢେ ଧୀରେ ଧୀରେ
ପୁଣି ଏକ ସୂର୍ଯ୍ୟୋଦୟ ଯାଏ,
ଶାନ୍ତ କାନ୍ତ ନୈସର୍ଗିକ ସୁଷମା ସହିତ
ଶୀତର ରାଜତ୍ୱ ଥାଏ
ଫଗୁଣ ଫେରିବା ଯାଏ ।

ସେ ହିମମୟୀ ଜରତୀଶୀତ
କୁହୁଡିରେ ଛାଇଦିଏ ଧରଣୀ ରାଣୀକୁ,
ଉଷାକାଳେ ଉଦିତ ଅରୁଣ
ଅଳସ ଅଳସ କରି ବିଞ୍ଚି ଥାନ୍ତି ଆଭା
ଆହା କି ସୁନ୍ଦର ସେତ
ଭାରି ମନଲୋଭା,
ଛୁଇଁ ଦେଇ ଭିଜା ଭିଜା ତନୁକୁ ତାହାର
ଯେବେ ଆଙ୍କି ଦିଏ ସୁନେଲି ଚୁମ୍ବନ
ବିସ୍ତାରିତ ଦୁର୍ବାଦଳ ପରେ,
ଇଚ୍ଛା ହୁଏ କୋଳେଇ ନେବାକୁ ତାକୁ
ଉଷ୍ଣତାର ଶିହରଣ ଛାତିରେ ମିଶେଇ
ଶୀତ ସାଥେ କରିବାକୁ ଅସୁମାରି
ମଜା ।

ଘନ କୁହୁଡିର ଆସ୍ତରଣ ତଳୁ
ଯେବେ ଦେଖାଯାଏ ଆଦ୍ୟ ଅରୁଣର
ସୁନା ଥାଳି ପରି ଶୋଭା
ସଦ୍ୟସ୍ନାତା ତରୁ ଖୁସିରେ ଝରାଏ
ମୁକୁତାର ବିନ୍ଦୁ,
ଦେବାପାଇଁ ତାଙ୍କୁ ଏହି ଉପହାର
ଯେବେ ପ୍ରତିବିମ୍ବ ସମ
ଭାସିଆସେ ତାଙ୍କ ବିଭା ।

ଅଳସେ ଆସନ୍ତି ପକ୍ଷୀ କୁଳ ସର୍ବେ
ନେଇ ସଙ୍କୁଚିତ ପକ୍ଷ
ସବୁ ଜୀବ ଦେହେ ଶୀତର ରୋମାଞ୍ଚ,
କିନ୍ତୁ ସେ କୃଷକ
ନ ଥାଏ ଖାତିର୍ ଶୀତ କାକରକୁ
ଧାଇଁ ଯାଏ ଦୂରେ ଧାନ କ୍ଷେତ ଧାରେ
ଆଣିବାକୁ ପକ୍ୱଶସ୍ୟ ।
ଘର ଅଗଣାରେ ଭାରି ଭଲଲାଗେ
ସକାଳର ସୂର୍ଯ୍ୟ ସ୍ନାନ
ଉଷୁମ ଚା ଓଠକୁ ଛୁଇଁଲେ
ଚେଇଁ ଉଠେ ଏଇ ମନ ।

ଶୀତର ମଧ୍ୟାହ୍ନ ଭାରି ପ୍ରୀତିପ୍ରଦ
ଚାହୁଁ ଚାହୁଁ ସରିଯାଏ,
ଗାଁ ଚାଳ ଛୁଇଁ ଛାଇ ଲେଉଟଇ
ଉତ୍ତରା ପବନ ଆଗକୁ ଆଗେଇ ଯାଏ ।
ଧୀରେ ଧୀରେ ଆସେ ନୀରବ ନିଥର
ଶୀତୁଆ ସଞ୍ଜ
ଯେବେ ମନ୍ଦିରରେ ଘଂଟା ବାଜେ,
ଫେରିଆସେ ଚାଟ
ପକ୍ଷୀ ଫେରେ ବାଟ କଳ କାକଳିର
ସାଥେ,
ସଞ୍ଜ ଆଳତୀରେ ଦିବସ ସରଇ
ଶୀତ ଆସି କୋଳେ ଲେଉଟି ପଡ଼ଇ
ଇଚ୍ଛାହୁଏ ପୁଣି ଗାଇବାକୁ ପ୍ରେମଗୀତ,
ଶୀତ, ଲାଗେ ସିଏ ଆମ ମିତ ।

ସେ ଆସିବାପରେ
ସୁନେଲି ସୁନେଲି ପକ୍ୱଧାନ
ପୁଣି ଦିଗନ୍ତବିସ୍ତାରୀ ସୋରିଷଫୁଲର
ଶୋଭା/ ଲାଗେ ଭାରି ମନଲୋଭା ।
ଧାନ ଅମଳର ମଧୁର ଗାନ
ପନିପରିବାରେ ପୂରଇ ମନ
ଘରକୁ ଆସନ୍ତି ମା' ଅନ୍ନପୂର୍ଣ୍ଣା
ଘରେ ଘରେ ଲାଗେ ତାଙ୍କ ପୂଜାର୍ଚ୍ଚନା
କେବେ ମାଣବସା, କେବେ
ଝୋଟିଚିତା
ପ୍ରଥମାଷ୍ଟମୀରେ ଏଣ୍ଡୁରି ପିଠା
ମକର ଆସିଲେ ମକର ମିଠା
ଧନୁମୁଆଁ ସାଙ୍ଗେ ଧନୁ ସଂକ୍ରାନ୍ତି
ବାଗଦେବୀଙ୍କ ପୂଜା ଆସେ ଯେମିତି
ମେଳା ମହୋତ୍ସବ ଲାଗଇ ନିତି ।

ହିମକଳେବରା ଶୀତ
ଧରାପୃଷ୍ଠକୁ ଛୁଇଁ ଗଲାପରେ
ଆସେ ନବବର୍ଷ
ନୂଆ ସମ୍ଭାବନା ନେଇ
ପ୍ରାଚୀ ଦେଶେ
ନବ ସୂର୍ଯ୍ୟୋଦୟ ସାଥେ ।
କେତେ ଆଶା କେତେ ସ୍ୱପ୍ନ
କେତେ ଉଦ୍ଦୀପନା
ବଢିଯାଏ ସ୍ପନ୍ଦନର ଗତି
ପୁଣି ଏକ ସୋପାନକୁ
ଡେଇଁ ଗଲା ପରେ ।

ସମୟ ବଦଳେ ସିନା, ବଦଳି ପାରେନା
ଅଭିନୟ ଏଇ ଜୀବନର,
କେବେ ବିଷ କେବେ ସେ ପୀୟୂଷ
ବାଣ୍ଟି ପାରେ ଅଦୃଶ୍ୟ ହାତରେ ।
ଏମିତି ଆସଇ ଶୀତ
ଆସୁଥାଏ ନବବର୍ଷ ପ୍ରତିଟି ବରଷ,
କହିବାକୁ ସେହି କଥା
ବଦଳାଇ ଦିଅ ସେଇ ପ୍ରଥା
ସମୟର ସାଥେ
ବିରାଜିତ ହେଉ ଶାନ୍ତି
ଏ ସାରା ଜଗତେ ।

❤ ବାଲିଆପାଳ, ବାଲେଶ୍ୱର

## ଶୀତ କାହାପାଇଁ କ'ଣ
### ପ୍ରଫୁଲ୍ଲ ବାରିକ



ଗାଁ'ରୁ ସହର ଝାଡ଼ିରୁ ଜଙ୍ଗଲ
ସବୁଠି ଶୀତର କାୟା,
ବାରବର୍ଷ ପରେ ଆସିଛି ଏ ଶୀତ
କହୁଛନ୍ତି ବାବୁଭୟା ।

କିଏ କରୁଛନ୍ତି ଆଲିଙ୍ଗନ ତାକୁ
କିଏ କୋଳଉଛି ଡାକି,
କମ୍ବଳ ରେଜେଇ କଫି ଚା'ସହ
ନାଲିପାଣି ଗ୍ଲାସ ଟେକି ।

ଗରିବ ଥଣ୍ଡାରେ ଶାଙ୍କୁଡ଼ି ଯାଉଛି
ଚାଷୀ ଥରେ ଧାନ ବିଲରେ,
ଅମଳ ଧାନର ବଦାଡି ଲାଗିଛି
ଚାଷୀ ବସି କାନ୍ଦେ ମଣ୍ଡିରେ ।

ଦିନରେ ଲହର ରାତିରେ ଜହର
ସାଜିଛି ଶୀତୁଆ ବାଆ,
ବାରବର୍ଷ ପରେ ଆସିଛି ଏ ଜାଡ଼
ଜଡଉଛି ପାଦୁ ହିଆ ।

କୋଟ ଜାକେଟ ବୁଟ ମୋଜାକୁ
ଡରି ଶୀତ ରହେ ଦୂରେ,
ଗରିବର ଖୋଲା ନୁଖୁରା ଦେହକୁ
ଭାରି ଶୀତ ପ୍ରେମକରେ ।

ଗରିବ କୁଡ଼ିଆ ଝାଟିମାଟି ଚାଳ
ପବନର ଅତି ପ୍ରିୟ,
ପକ୍କାକାନୁ ଆଉ ସିଲିଂ ଛାତକୁ
ପବନର ଭାରି ଭୟ ।

ଏଇତ ଦୁନିଆଁ ରୀତି,
କିଏ ଥରୁଥାଏ ବର୍ଫିଳ ଜାଡ଼ରେ
କିଏ ଭୋଗୁଥାଏ ତାତି ।

❤ ଭଦ୍ରକ

## ଏଯାବତ୍ ଅଜଣା
### ପୁଷ୍ପାଞ୍ଜଳି ପଣ୍ଡା



କେମିତି ଏମିତି ବଦଳି ଯାଏ
ଆପଣାପଣର ରଙ୍ଗ
ଜୀବନ ଜିଇବାର ଢଙ୍ଗ ।
ସବୁତକ ସୁଖର ମୁହୂର୍ତ୍ତ
ସବୁଠାରୁ ଦୁଃଖଦ ଅବସ୍ଥାରେ
ବଦଳି ଯିବାରେ..!!
ମିଛପଣରେ ନିଜର ବୋଲାଇ
ସବୁ ଲୁଟି ନେଇ
କେମିତି ଏମିତି ବଦଳିଯାଏ ମୁଖା।

ସମ୍ପର୍କୀୟ ବୋଲି..!!!
ଅମୃତ ବଦଳରେ ବିଷ ସିଞ୍ଚିବା..!!

ପ୍ରେମ ବଦଳରେ ଘୃଣା ବାଣ୍ଟିବା
ସକଳ ଯନ୍ତ୍ରଣା ବେଦନା
ଅଜାଡ଼ି ଦେବା
ମିଛରେ ସାଥିରେ ଥିବାର
ଦେଖେଇ ହେବା।

ଏଯାବତ୍ ଅଜଣା ରହିଛି
ଅନେକ ଅଛିଣ୍ଡା ଅଙ୍କ ପରି
ସାତ ଗଣ୍ଠି ପରି
ଅଡୁଆ ସୁତା ପରି
ଅବୁଝା ଏ ଜୀବନର ରଙ୍ଗ।

ଯେବେ ବୁଝିବାକୁ ଚାହିଁଲି
ସମୟ କହିଲା, ମୋ ସାଥେ ଚାଲ୍
ସବୁ ବୁଝି ଯିବୁ
ଏକଲା ବଞ୍ଚିବା ଶିଖିଯିବୁ
ସୁନ୍ଦର ଦୁନିଆଁରେ
ମନଭରି ଜିଇବୁ।

❤ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା

## ନୂଆପତ୍ର
### ଗଜାନନ ମିଶ୍ର



ଦେଖ ଦେଖ ଚୁପ୍ ଚାପ୍
ନୀରବରେ ନୀରବରେ
ମୁହଁ ଦେଖାଉଛି ନୂଆ ପତ୍ର।

ଶୀତ ଲହର, କାକର,
ଚୁପ୍ ଚାପ୍ ନୀରବରେ
ଛାଡୁଛି ଗାଁ ଓ ସହର।

ଫୁଲ, ଫୁଲ ରହିଛି ଟାକି
କମ୍ବଳ ଘୋଡେଇ ହୋଇ
ଡେଙ୍ଗ ଘରେ ସବୁଜ ସଙ୍କେତ।

ନାଲି ଚା ହାଓ୍ୱାରେ ସୂର୍ଯ୍ୟଙ୍କ
ଅଭିନନ୍ଦନ କରିବାକୁ ଆହୁରି
ତରତର ଆକାଶ ସମୁଦ୍ର।
ଥୁରୁ ଥୁରୁ କୁନି ପିଲାଏ ଆନମନା
ସ୍କୁଲଗାଡିର ଅପେକ୍ଷାରେ ସଭିଏଁ
ମଣ୍ଡପ ଛକରେ ବ୍ୟାକୁଳ ଠେଲାର
ଗରମ ଆଳୁଚପ୍ ଛଣା ବାସ୍ନାରେ।

ଚୁପ୍ ଚାପ୍ ଏଡେ ବଜାର ଯେମିତି
କେହି କିଛି ଲୁଟ କରି ଯାଇଛି ଆଉ
ଭରଣା କରିବାକୁ ଆସୁଛି କେହି !

ଚୋର ଯାଇ ଆସୁଛି ଡକାୟତ
ଜାଣି ବି ସଭିଏଁ ନିରୂପାୟ
କିଂ କର୍ତ୍ତବ୍ୟ ବିମୂଢ଼ !

ସାଧାରଣ ସବୁ ଲୁଟି ହେବାକୁ
ସର୍ବଦା ସର୍ବତ୍ର ପ୍ରସ୍ତୁତ କିଛି ନାଇଁ
କହ ଅଂଚଳରେ ଏ ଯାଏ ଶୀତ !

❤ତପୋବନ, ଟିଟିଲାଗଡ,
ବଲାଙ୍ଗିର
ମୋ: ୯୪୩୭୩୬୬୬୪

## ଶୀତ
### ପ୍ରଶାନ୍ତ କୁମାର ନାଥ

ଧରାକୁ ଏବେ ଆସିଛି ଶୀତ
ଥରି ଉଠୁଛି ଦେହ
ଥଣ୍ଡା ପବନ ବହୁଛି ଘନ
ଶୁଖିଲା ଦିଶେ ମୁହଁ ।

ସକାଳ ହେଲେ ଅନ୍ଧାର ସମ
କୁହୁଡି ଆସେ ମାଡି
ଧରାକୁ ଆସି ଭିଜେଇ ଦିଏ
ସତେ ବରଷା ଝଡି ।

ପହିଲି ଖରା ଲାଗେ ନିଆରା
ଦେହକୁ ଲାଗେ ହିତ
ଦେହଟା ଯାକ ଉଠଇ ଥରି
ଦେଖି ପଖାଳ ଭାତ ।

ପାକେଇ ଆଇ ପାରୁନି କହି
ଓଠଟା ତାହାର ଥରେ
ସନ୍ଧ୍ୟା ପହରୁ ଘୋଡେଇ ହୋଇ
ରହୁଛି ସିଏ ଘରେ ।

କମ୍ବଳ ଏବେ ସାଜଇ ସାଥି
ହୁଅଇ ଯେବେ ରାତି
ଘାସ ଉପରେ କାକର ବିନ୍ଦୁ
ଲାଗୁଛି ସତେ ମୋତି ।

❤ ସୁନ୍ଦରପୁର,ଉତ୍ତରକୂଳ
ହାଟ,ପ୍ରୀତିପୁର,
ଯାଜପୁର-୭୫୫୦୧୩
ମୋ-୮୩୧୦୩୨୮୩୪୫

## ପ୍ରଦୂଷଣ
### ମୋହନ କୁମାର ସ୍ୱାଇଁ

ସରକାର କାମ ଯେମିତି କରୁଛି
ସେମିତି କରନ୍ତି ଲୋକ
ପରିବେଶ କଥା ଚିନ୍ତା କରିବାକୁ
ନାହିଁ କା'ର ଚିନ୍ତାଦକ ।

ଗାଡ଼ି ଗଲାପରେ ଆଳିଆ ପଡୁଛି
ରାସ୍ତା ମଝିଟାରେ ଯାଇ
ନାଳର ଉପରେ ଦୋକାନ ମେଲୁଛି
ଦେଖିବାକୁ କେହି ନାହିଁ ।

ଅଳିଆ ଥାନରେ ପଚାସଢ଼ା ଚିଜ
ଗନ୍ଧରେ ଫାଟୁଛି ନାକ
ବିଘଟିତ ତାକୁ କରିବା ପାଇଁକି
ଅସମର୍ଥ ପ୍ରଶାସକ ।

ଧୂଆଁ, ଧୂଳି ସବୁ ଉଡିଲେ ଆକାଶ
ପ୍ରଦୂଷିତ ହୁଏ ବାୟୁ
ଅନୁମତି ବିନା ଚାଲିଛି ସବୁଠି
କାରଖାନା ହାଉଜାଉ ।

ଗୋଟିଏ ହାତରେ ତାଳି ବାଜେନାହିଁ
ଏ' ତ ବାସ୍ତବର କଥା
ପ୍ରଦୂଷଣ ପାଇଁ ଭବିଷ୍ୟତେ ହେବ
ସଭିଙ୍କର ମୁଣ୍ଡ ବ୍ୟଥା ।

କାରଖାନା ତ୍ୟାଗ ଦୂଷିତ ପଦାର୍ଥ
ମିଶୁଛି ନଦୀରେ ଯାଇ
ରୋଗରେ ପଡିକି ସଢୁଛନ୍ତି ଲୋକ
ଡାକ୍ତର ଚିହ୍ନଇ ନାହିଁ ।

ମୂଳ ସମସ୍ୟାକୁ ଖୋଜିଖୋଜି ଯେବେ
କରାଯାଏ ପ୍ରତିକାର
ପ୍ରଦୂଷଣ ଆଉ ଦେଖା ମିଳିବନି
ଖୋଜିଲେ ଠିକଣା ତାର ।

ସବୁ ନିୟମକୁ କଡା କଡି ଭାବେ
ପାଳନ ନ ହୁଏ ଯହିଁ
ମୁଣ୍ଡ ପିଟି ଦେଲେ ସମସ୍ୟାଟି ତାର
ସମାଧାନ ହେବ ନାହିଁ ।

❤ ବେଣାପୁର,
କଣ୍ଟିଗଡିଆ,ଯାଜପୁର ମୋ:
୮୧୧୮୦୯୯୦୩୮

# ବୃହତ୍ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ - କଲିକତା ବନ୍ଦର ଚାମ୍ପିଅନ ଓ ମୁମ୍ବାଇ ବନ୍ଦର ରନର୍ସଅପ୍



ପାରାଦୀପ,୧୨/୧ (ନି.ପ୍ର): ପାରାଦୀପ ବନ୍ଦର ଏବଂ ବୃହତ୍ ବନ୍ଦର ଖେଳ ପ୍ରାଧିକରଣର ମିଳିତ ଆନୁକୁଲ୍ୟରେ ବନ୍ଦର ନଗରୀ ପାରାଦୀପର ଜୟଦେବ ସଦନଠାରେ ୪ଦିନ ଧରି ଆୟୋଜିତ ୨୫ତମ ଅଖିଳ ଭାରତ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ ୧୧ ତାରିଖ ରବିବାର ଦିନ ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଚାରି ଦିନ ଧରି ଭାରତର ବିଭିନ୍ନ ବନ୍ଦରରୁ ଆସିଥିବା କଳାକାର ମାନେ ସେମାନଙ୍କର କଳା ନୈପୁଣ୍ୟ ମାଧ୍ୟମରେ କେବଳ ପାରାଦୀପ ବାସୀଙ୍କର ମନୋରଞ୍ଜନ କରିନାହାନ୍ତି ବରଂ ସାରା ଭାରତ ବର୍ଷର କଳାକାର ମାନଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ସମର୍ଥ ହୋଇଛି ଓ ମାନସ ପଟରେ ଛାଡ଼ି ଯାଇଛି କଳା ଓ ସଂସ୍କୃତିର ଅନେକ ଛବି । ଏହି ମହୋତ୍ସବ ବନ୍ଦର କର୍ମଚାରୀ ମାନଙ୍କ ମଧରେ ଭାଇଚାରା ସୃଷ୍ଟି କରିବା ଓ ନାଟକ ତଥା ସଙ୍ଗୀତ ପ୍ରତି ରୁଚି ସୃଷ୍ଟି କରିବାରେ ମଧ ସଫଳ ହୋଇଛି ।ଉଦଯାପନୀ ସନ୍ଧ୍ୟାରେ ପାରାଦୀପ ବନ୍ଦରର କଳାକାର ମାନେ ଶାସ୍ତ୍ରୀୟ ସଙ୍ଗୀତ, ସୁଗମ ସଙ୍ଗୀତ, ବାଦ୍ୟ, ଓଡ଼ିଶୀ ନୃତ୍ୟ ଏବଂ ନାଟକ ପରିବେଷଣ କରିଥିଲେ । ନୃସିଂହ ପ୍ରସାଦ ଶତପଥୀଙ୍କ ନିର୍ଦ୍ଦେଶନାରେ କଳାକାର ମାନେ ଏକ ବ୍ୟଙ୍ଗାତ୍ମକ ଓ ବାସ୍ତବଧର୍ମୀ ନାଟକ ବିଚାର ମଞ୍ଚସ୍ଥ କରିଥିଲେ ଯାହାକି ଆଦୃତ ହୋଇଥିଲା । ଜେଲ ଯେତେବେଳେ ପାଲଟିଯାଏ ଅପରାଧୀ ମାନଙ୍କର ସୁରକ୍ଷିତ ଆଶ୍ରୟସ୍ଥଳ ଆଉ ମୁକୁଳା ଦୁନିଆ ପାଲଟିଯାଏ ଅପରାଧର ଏନ୍ତୁଡ଼ି ଶାଳ, ସେତେବେଳେ ପ୍ରକୃତରେ ବିଚାର କାହାର ହୋଇ ପାରିବ ? ଜଣେ ଚୋର ଜେଲକୁ ପୁନର୍ବାର ତାର ସାଥୀ ମାନଙ୍କ ନିକଟକୁ ଫେରିଯିବା ପାଇଁ ଚୋରି କରିବା ଉଦ୍ଦେଶ୍ୟରେ ଅବସର ପ୍ରାପ୍ତ ବିଚାରପତିଙ୍କ ଘରେ ପଶେ ଓ ଜେଲ ତା ପାଇଁ ସୁରକ୍ଷିତ ସ୍ଥାନ ବୋଲି କହି କିପରି ଆଜିର ସମାଜରେ ହେଉଥିବା ବିଭିନ୍ନ ଅପରାଧର ବିଚାର ପ୍ରକ୍ରିୟା ସମ୍ପର୍କରେ ବିଚାରପତିଙ୍କ ସମ୍ମୁଖରେ ତାର ମତାମତ ଓ ନିଜର ଜୀବନ କାହାଣୀକୁ ରଖିଛି ଓ ତା ଅପରାଧର ବିଚାର କରିବାରେ କିପରି ବିଚାରପତିଙ୍କୁ ଦ୍ୱନ୍ଦ୍ୱରେ ପକାଇଛି ତାର ଏକ ନିଛକ ଛବି ନାଟକ ମାଧ୍ୟମରେ ପ୍ରସ୍ତୁତ କରାଯାଇଥିଲା । ଉଦଯାପନୀ ସନ୍ଧ୍ୟାରେ ବନ୍ଦର ମୁଖ୍ୟ ଯନ୍ତ୍ରୀ ହିମାଂଶୁ ରାଉତଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦର ଅଧକ୍ଷ ପି ଏଲ ହରନାଧ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଥିଲେ କି ବିଭିନ୍ନ ବନ୍ଦରରୁ ଆସିଥିବା ଅଧିକାରୀ ଓ କର୍ମଚାରୀ ମାନେ ୪ଦିନ ଧରି ସେମାନଙ୍କର କଳା ଚାତୁରିରେ ଆମ ମାନଙ୍କୁ ମନୋରଞ୍ଜନ ଦେଇଛନ୍ତି ଓ ଏହି କାର୍ଯ୍ୟକ୍ରମକୁ ସଫଳତାର ସହିତ ଆୟୋଜିତ କରିବାରେ ଆମକୁ ଉତ୍ସାହିତ କରିଛନ୍ତି, ତେଣୁ ମୁଁ ସମସ୍ତଙ୍କୁ ଧନ୍ୟବାଦ୍ ଦେଉଛି । ଏହା ଫଳରେ ଆମ ମାନଙ୍କର ସମ୍ପର୍କ ଅଧିକ ଦୃଢ଼ୀଭୂତ ହୋଇଛି ଓ ମୁଁ ଆଶା କରୁଛି ଅତିଥି ଦେବୋ ଭବ ଉକ୍ତି ଅନୁସାରେ ପାରାଦୀପରେ ଆପଣ ମାନଙ୍କର ରହଣି ସୁଖଦ ହୋଇଥିବ ଏବଂ ଏକ ସୁଖଦ ଅନୁଭୂତି ନେଇ ଆପଣ ମାନେ ନିଜ ନିଜ ସ୍ଥାନକୁ ସୁରକ୍ଷିତ ଭାବେ ଫେରିଯିବେ ବୋଲି ମୁଁ ଆଶା କରୁଛି । ଗୋପବନ୍ଧୁ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ହରନାଧ କଲିକତା ବନ୍ଦର ଓ ମୁମ୍ବାଇ ବନ୍ଦରକୁ ଯଥାକ୍ରମେ ଚାମ୍ପିଅନ ଓ ରନର୍ସଅପ୍ ଟ୍ରଫି ପ୍ରଦାନ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ବିଭାଗରେ ବ୍ୟକ୍ତିଗତ ପ୍ରଥମ, ଦ୍ୱିତୀୟ ତଥା ତୃତୀୟ ସ୍ଥାନ ଅଧିକାର କରିଥିବା କଳାକାର ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଭିନ୍ନ ବନ୍ଦରର ସେବାରୁ ଆସନ୍ତା ବର୍ଷ ଅବସର ଗ୍ରହଣ କରୁଥିବା କର୍ମଚାରୀ ମାନଙ୍କୁ ସେ ସମ୍ମାନିତ କରିଥିଲେ ତଥା ଚେନ୍ନାଇ ବନ୍ଦରର ଶ୍ରୀମତୀ ଯଶୋଦାଙ୍କୁ ବିଶେଷ ସମ୍ମାନିତ କରାଯାଇଥିଲା । କୋଚିନ ଓ ଦିନ ଦୟାଲ ବନ୍ଦରକୁ ଦ୍ୱିତୀୟ ରନରଅପ୍ ପୁରସ୍କାର ମିଳିଥିଲା । ଏହି ଅବସରରେ ବନ୍ଦରର ଡିସି ଅଲେଖ ସାହୁ, ଅର୍ଥ ପରାମର୍ଶଦାତା ଅଶୋକ ସାହୁ, ସିଏମଇ ସୁଶିଲ ନାହାକ, ଟ୍ରାଫିକ ପରାମର୍ଶଦାତା ଆଶିଷ ବୋସ, କମାଣ୍ଡଟ ସିଆଇଏସଏଫ୍ ମଞ୍ଚାସିନ ଥିଲେ । ଶେଷରେ ସଂସଦର ସମ୍ପାଦକ ଧ୍ରୁବ ଚନ୍ଦ୍ର ତରାଇ ଧନ୍ୟବାଦ୍ ଅର୍ପଣ କରିଥିଲେ । ଉଦଯାପନୀ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଜୟଦେବ ସଦନରେ ବନ୍ଦରର ଅଧିକାରୀ ଓ କର୍ମଚାରୀ ତଥା ବନ୍ଦରର ଅନ୍ତେବାସୀ ଅନେକ ସଂଖ୍ୟାରେ ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଫୁଟବଲ କୋଚ ରବି ଦାସ ଓ ସଂସଦର କର୍ମକର୍ତ୍ତା ମାନେ ସଫଳତାର ସହିତ ପରିଚାଳନା କରିଥିଲେ ।

# ପତରାପଦା ସରକାରୀ ଉଚ୍ଚ ବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବଡ଼ସାହି ,୧୨/୧ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ପତରାପଦା ଗ୍ରାମ ପଞ୍ଚାୟତରେ ଥିବା ଶ୍ରୀଗୁରୁ ସରକାରୀ ଉଚ୍ଚ ବିଦ୍ୟାଳୟର ୪୯ ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ମହାନ୍ତ ଙ୍କର ସଭାପତି ତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବେତନଟୀ ମହାବିଦ୍ୟାଳୟ ର ପ୍ରାକ୍ତନ ଅଧକ୍ଷ ଡ଼କ୍ଟର ରମାକାନ୍ତ ସିଂହ, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା କୁମାରୀ ପାତ୍ର,ବଳଭଦ୍ରପୁର କ୍ଲଷ୍ଟରର ସି ଆର ସି ସି ଅନୁସୂୟା ବାରିକ, ମନୋରଞ୍ଜନ ଗିରି, ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ପ୍ରାଣୀ ଚିକିତ୍ସକ ଖଗେନ୍ଦ୍ର କୁମାର ସାହୁ,ବିଶିଷ୍ଟ ବକ୍ତାଭାବରେ ଭାରତୀୟ ରେଡ଼କ୍ରସ ସୋସାଇଟିର ଭାଇସ ପେଟ୍ରୋନ ତଥା ରାଜ୍ୟ ଜୁନିୟର ରେଡ଼କ୍ରସର ସିନିୟର ରିଶୋର୍ସ ପାର୍ଶନ ଡ଼କ୍ଟର ରମାକାନ୍ତ ମହାନ୍ତ, ସମ୍ମାନିତ ବକ୍ତା ଭାବରେ ପ୍ରାକ୍ତନ ଶିକ୍ଷକ ବିଞ୍ଚରାଜ ବାରିକ ପ୍ରମୁଖ ଯୋଗଦାନକରି ଛାତ୍ର ଛାତ୍ରୀ ମାନଙ୍କୁ ସୁ ନାଗରିକ ହୋଇ ଦେଶ ମାତୃକାର ସେବା ପାଇଁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ଜୟନ୍ତୀ ସିଂ ବିବରଣୀ ପାଠ କରିଥିଲେ । ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଂଗୀତ ଏବଂ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ଶ୍ରୀଗୁରୁ ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିଅର ରେଡକ୍ରସର କାଉନସିଲର ଶିକ୍ଷୟିତ୍ରୀ ଯମୁନା ମହାନ୍ତଙ୍କ ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ମାନବିକତା, ପ୍ରକୃତି, ପରିବେଶ ଏବଂ ସ୍ୱଚ୍ଛତାର ସୁରକ୍ଷା ତଥା ମାଦକ ଦ୍ରବ୍ୟ ସେବନର ଅପକାରିତା ବିଷୟରେ ସଚେତନତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରାରମ୍ଭରେ ଅତିଥି ମାନେ ଦାରୁବ୍ରହ୍ମଙ୍କ ପ୍ରତିମୂର୍ତ୍ତିରେ ପୂଜା ଅର୍ଚ୍ଚନା ପୂର୍ବକ ଜାତୀୟ ବୃକ୍ଷ ଆମ୍ବ ରୋପଣ ଚାରା ରୋପଣ କରିଥିଲେ । ସଭା କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ସହକାରୀ ଶିକ୍ଷକ ଶାନ୍ତନୁ କୁମାର ଜେନା । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ମଧୁପ୍ରିୟା ଧଳ ।

## ଓୟୁଜେର ରାଜ୍ୟ ସମ୍ପାଦକ ହେଲେ ସାମ୍ବାଦିକ ଋତୁରାଜ ସିଂହ

ବଲାଙ୍ଗିର,୧୨/୧ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ସାମ୍ବାଦିକ ଋତୁରାଜ ସିଂହ(ରିଟୁ) ଓଡିଶା ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟର (ଓୟୁଜେ)ର ରାଜ୍ୟ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଭୁବନେଶ୍ୱର ଠାରେ ଥିବା ଓୟୁଜେ ଭବନରେ ଆୟୋଜିତ ନିର୍ବାଚନରେ ଶ୍ରୀ ସିଂହ ବିଜୟୀ ହେବା ପରେ ଆସନ୍ତା ଦୁଇ ବର୍ଷ ପାଇଁ ତାଙ୍କୁ ରାଜ୍ୟ ସଂଗଠନ ପକ୍ଷରୁ ସମ୍ପାଦକ ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିପରି ଓୟୁଜେର ରାଜ୍ୟ ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତ ନିର୍ବାଚିତ ହୋଇଛନ୍ତି । ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଅନୁଷ୍ଠିତ ଓୟୁଜେର ୫୪ତମ ପ୍ରତିଷ୍ଠା ଦିବସ ଅବସରରେ ଏନେଇ ଘୋଷଣା କରାଯାଇଥିଲା । ଶ୍ରୀ ସିଂହ ପୂର୍ବରୁ ମଧ ଓୟୁଜରେ ରାଜ୍ୟ ସାଂଗଠାନିକ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ସାରିଛନ୍ତି ।

# ସିଦ୍ଧିବିନାୟକ ଗ୍ଲୋବାଲ ପ୍ଲେସ୍କୁଲର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ନୀଳଗିରି ,୧୨/୧ (ନି.ପ୍ର): ନୀଳଗିରି ସହରର ପ୍ରତିଷ୍ଠିତ ଇଂରାଜୀ (ସିବିଏସଇ) ମାଧ୍ୟମ ନର୍ସରୀ ସ୍କୁଲ ଆନୁକୁଲ୍ୟରେ ପଞ୍ଚମବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରି ନର୍ସରୀରୁ ଷ୍ଟାଣ୍ଡାର୍ଡ -୧ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା କୁନିକୁନି ପିଲାମାନଙ୍କର ଚିତ୍ତବିନୋଦନ ସହିତ ବୌଦ୍ଧିକ ବିକାଶ ପାଇଁ ବିଦ୍ୟାଳୟ କର୍ତୃପକ୍ଷ ଏବଂ ଅଭିଭାବକ ମାନଙ୍କର ଆଶାଆକାଂକ୍ଷାକୁ ନେଇ ଦୀର୍ଘ ୫ବର୍ଷ ଧରି କୁନିକୁନି ପିଲାମାନଙ୍କୁ ନେଇ ରାଧାକୃଷ୍ଣ, କୌତିକିୟା ଡ୍ରେସ, ବକ୍ତୃତା, ଚିତ୍ରାଙ୍କନ, ରଙ୍ଗ ଚିହ୍ନଟ,କୁଇଜ୍, ଷ୍ଟୋରି ଟେଲିଂ, ସାଧାରଣଜ୍ଞାନ, ଜିଲାପି ଦୌଡ଼ ଆଦି ବିଭିନ୍ନ ପ୍ରତିଯୋଗିତାକରି ଉତ୍ସାହିତ କରିବାସହିତ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନକରି ଉତ୍ସାହିତ କରାଯାଇଥିଲା । ଏତଦ୍‌ଭିନ୍ନ ମା ମାନଙ୍କୁ ନେଇ ମ୍ୟୁଜିକ୍ ଚେୟାର, ରଙ୍ଗୋଲିଆଦି ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା । ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ତଥା ରତ୍ନାକର ଟାଉନ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା , ସମ୍ମାନିତଅତିଥି ଭାବେ ସୁଧାଂଶୁ ମୋହନ ପଣ୍ଡା, ବିଦ୍ୟାଳୟର ପ୍ରିନ୍ସିପାଲ୍ ଅଞ୍ଜନା ମହାରଣା, ସମରେନ୍ଦ୍ର ଜେନା, ଶିକ୍ଷୟତ୍ରୀ ସୌମ୍ୟଶ୍ରୀ ନାୟକ ପ୍ରମୁଖ ଉପସ୍ଥିତରହି ଉତ୍ସାହିତ କରିଥିଲେ।

# ପୂର୍ବତନ ବିଧାୟକ ସ୍ୱର୍ଗତ ଅକ୍ଷୟ ଆଚାର୍ଯ୍ୟଙ୍କ ଏକାଦଶାହରେ ନୀଳଗିରି କଂଗ୍ରେସର ସ୍ମୃତି ଓ ଶ୍ରଦ୍ଧାଞ୍ଜଳି ସଭା



ନୀଳଗିରି ,୧୨/୧ (ନି.ପ୍ର): ନୀଳଗିରି କଂଗ୍ରେସର ବରିଷ୍ଠନେତା ତଥା ଦୁଇଦୁଇଥରର ବିଧାୟକ ସ୍ୱର୍ଗତ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ଏକଦଶାହ ଅବସରରେ ଆଜି ଅପରାହ୍ନ ୩ ଘଟିକା ସମୟରେ ନୀଳଗିରି କଂଗେସଭବନ ପରିସରରେ କଂଗ୍ରେସର ଯୁବନେତା ତପନ ରାଉତଙ୍କ ଆବାହକତ୍ୱରେ ଏକ ସ୍ମୃତି ଓ ଶ୍ରଦ୍ଧାଞ୍ଜଳିସଭା ଅନୁଷ୍ଠିତ ହୋଇଯାଇଛି । ଏଥିସହ ବରିଷ୍ଠ କଂଗ୍ରେସନେତା ସ୍ୱର୍ଗତ ଲକ୍ଷ୍ମୀକାନ୍ତ ପରିଡ଼ାଙ୍କ ପାଇଁ ମଧ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।ପୂର୍ବତନ ନୀଳଗିରି କଂଗ୍ରେସ ବ୍ଲକ ସଭାପତି ମନୋରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲାବେଳେ ପୂର୍ବତନ ସାଂସଦ ତଥା ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା ଯୋଗଦେଇ ନୀଳଗିରି ପାଇଁ ଅକ୍ଷୟବାବୁଙ୍କ ଦେହାନ୍ତ ଏକ ଅପୂରଣୀୟ କ୍ଷତିବୋଲି ବକ୍ତବ୍ୟ ରଖିଥିଲେ। ପୂର୍ବତନ ସାଂସଦ ଶ୍ରୀଯୁକ୍ତ ସେଠୀ ନିଜ ଅଭିଭାଷଣରେ ଜାନକୀବାବୁ ମୁଖ୍ୟମନ୍ତ୍ରୀ ସମୟରେ ଅକ୍ଷୟବାବୁ ନୀଳଗିରିକୁ ମୋ ଦୁଃଖିନୀ ନୀଳଗିରି କହି ସର୍ବାଙ୍ଗୀନ ଉନ୍ନତିର କଥା କହୁଥିଲେ। ତେଣୁ ତାଙ୍କର ନୀଳଗିରି ପ୍ରତି କେତେ ଦରଦଥିଲା ଏଥିରୁ ଅନୁମେୟ ।ପୂର୍ବତନ ପି ସି ସି ସଭାପତି ତଥା ମନ୍ତ୍ରୀ ଜୟଦେବ ଜେନା ଅକ୍ଷୟବାବୁଙ୍କ ସ୍ମୃତିଚାରଣ କରି ନୀଳଗିରି ର ଯେତେ ଶିକ୍ଷାନୁଷ୍ଠାନ ହୋଇଛି ,ତାହା ଅକ୍ଷୟବାବୁଙ୍କ ଜିଦ୍ଦି ପାଇଁ ସମ୍ଭବ ହୋଇଥିବା ଉଲ୍ଲେଖ କରିଥିଲେ। ସ୍ୱର୍ଗତ ଅକ୍ଷୟବାବୁଙ୍କ ପାଇଁ ନୀଳଗିରିର ବହୁବିଧ ଉନ୍ନତି ହୋଇଥିବା ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଥିଲା। ତେଣୁ ତାଙ୍କୁ ବିକାଶପୁରୁଷ କହିବାର ଯଥାର୍ଥତା ରହିଛି। ଉକ୍ତ ସଭାରେ ଅନ୍ୟମାନଙ୍କ ମଧରେ ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ,ସୋର କଂଗ୍ରେସ ବିଧାୟକ ପ୍ରାଥୀ ସୁବ୍ରତ ଧଡ଼ା, ସୋରର ପୂର୍ବତନ ବ୍ଲକ ଅଧକ୍ଷ ନରନାରାୟଣ ଜେନା, ପୂର୍ବତନ ବିଧାୟକପ୍ରାର୍ଥୀ ଦୀପ୍ତିକାନ୍ତ ମହାପାତ୍ର, ସଦାଶିବ ରଥ, ବିଶ୍ୱନାଥ ଦାସ, ବୀଣା ଅପା, ଯୋଗେଶ୍ୱର ବେହେରା, ଉପେନ୍ଦ୍ରବେହେରା,ରଞ୍ଜନଦାସ ,ସୁରେନ୍ଦ୍ରଦାସ, ଯଶୋଦା ନନ୍ଦନ ସିଂହ, ଆଶିଷ ପଟ୍ଟନାୟକ,କିଷାନ କଂଗ୍ରେସର ଅରୁଣ ଜେନା, ରାମକୃଷ୍ଣ ଜେନା, ରାହାସ ବିହାରି ମହାପାତ୍ର, ଅଶ୍ୱିନୀ ପାତ୍ର, ଦୈତାରି ମହାଳିକ, ପ୍ରଦୀପ ବେହେରା, ପତିତ ପାବନ ଦାସ, ବସନ୍ତ ମହାପାତ୍ରଙ୍କ ସମେତ ଶତାଧିକ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର 'ରଜତ ଜୟନ୍ତୀ' ପାଳନ ପାଇଁ ସ୍ୱତନ୍ତ୍ର ଅଧିବେଶନ

ଭଦ୍ରକ,୧୨/୧ (ନି.ପ୍ର): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର 'ରଜତ ଜୟନ୍ତୀ' ପାଳନ ଉପଲକ୍ଷେ ସ୍ୱତନ୍ତ୍ର ଅଧିବେଶନ ସଭାପତି ଅବସରପ୍ରାପ୍ତ କମିଶନର ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଂଘର ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' କୁଆଁସ ଠାରେ ଅନୁଷ୍ଠିତ ହେଇଥିଲା। ସଭାପତି, କାର୍ଯ୍ୟକାରୀ ସଭାପତି ଉଦୟ ନାଥ ମହାନ୍ତି, ଉପସଭାପତି ଶାନ୍ତନୁ କୁମାର ରାଉତ, ଉପଦେଷ୍ଟା ଅନାଦି ଚରଣ ଦାସ, ବରିଷ୍ଠ ସଦସ୍ୟ ଡ. ମନୀନ୍ଦ୍ର ମହାନ୍ତି, ସାଧାରଣ ସଂପାଦକ ପ୍ରଭାକର ମଲ୍ଲିକ, ଯୁଗ୍ମ ସଂପାଦକ ଅଜିତ କୁମାର ନାୟକ, କରୁଣାକର ଉପାଧ୍ୟାୟ ମଞ୍ଚାସୀନ ଥିଲେ। ସଂଘ ୧୯୯୫ ମସିହାରୁ ପଞ୍ଜିକୃତ, ଅଦ୍ୟାବଧି ୨୫ ବର୍ଷ ଅତିକ୍ରମ କରିଥିବାରୁ କର୍ମକର୍ତ୍ତାଙ୍କ ଆଲୋଚନା ପରେ ସର୍ବ ସମ୍ମତିକ୍ରମେ ଆସନ୍ତ ଫେବୃୟାରୀ ୨୨ ତାରିଖରେ ସଂଘର 'ରଜତ ଜୟନ୍ତୀ' ଉତ୍ସବ ପାଳନ ହେବାର ସ୍ଥିର ହେଲା। ଉତ୍ସବରେ ଅତିଥି ଭାବରେ ଭଦ୍ରକର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ବିଶିଷ୍ଟ ବକ୍ତାଙ୍କୁ ଯୋଗଦାନ ପାଇଁ ଆମନ୍ତ୍ରଣ କରାଯିବାର ସ୍ଥିର ହେଲା। ଏହାସହ ଆସନ୍ତା ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯିବ। ରଜତ ଜୟନ୍ତୀ ଉତ୍ସବକୁ ସରସ ସୁନ୍ଦର କରାଇବା ପାଇଁ ଉପସ୍ଥିତ କର୍ମକର୍ତ୍ତାଙ୍କ ପ୍ରସ୍ତାବମାନ ସର୍ବ ସମ୍ମତିକ୍ରମେ ଗୃହୀତ ହେଲା। ୨୦୨୫ ମସିହା ସୁଦ୍ଧା ପୂର୍ବରୁ ସମ୍ବର୍ଦ୍ଧିତ ହୋଇନଥିବା ଅଶୀବର୍ଷ ଅତିକ୍ରମ କରିଥିବା ଆଜୀବନ ସଦସ୍ୟ ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଲକ୍ଷ୍ମଣ କୁମାର ମହାନ୍ତି ସେମାନଙ୍କର ନାମ ଘୋଷଣା କଲେ। ଦାତା କର୍ମକର୍ତ୍ତାଙ୍କ ସର୍ତ୍ତାନୁସାରେ ଜିଲ୍ଲାସ୍କୁଲ ଭଦ୍ରକର ଜଣେ ଶିକ୍ଷୟିତ୍ରୀ ଓ ସରକାରୀ ଉଚ୍ଚବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ସେମାନଙ୍କର ଉତ୍ତମ ସେବା ଓ କର୍ତ୍ତବ୍ୟ ନିଷ୍ଠାପାଇଁ ସମ୍ବର୍ଦ୍ଧିତ କରାଯିବ। ଦାତା ସଦସ୍ୟ ସଦସ୍ୟାଙ୍କ ପ୍ରଦତ୍ତ ରାଶିର ସ୍ଥାୟୀଜମା ସୁଧରୁ ସେମାନଙ୍କ ସର୍ତ୍ତାନୁସାରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୫ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଜିଲ୍ଲାସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ଓ ବିଦ୍ୟାଳୟ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯିବ। ନାରାୟଣ ଚନ୍ଦ୍ର ହାଇସ୍କୁଲ, ଜିଲ୍ଲାସ୍କୁଲ ଭଦ୍ରକ, ସରକାରୀ ଉଚ୍ଚ ବିଦ୍ୟାଳୟ ଭଦ୍ରକ, ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ନୂଆ ବଜାର, ବିନ୍ଦୁ ମାଧବ ନୋଡାଲ ହାଇସ୍କୁଲ ବାଗୁରାଇ, ସତ୍ୟସାଇ ବିଷ୍ଣୁମୋହନ ଉଚ୍ଚ ବିଦ୍ୟାଳୟ ଗରଦପୁରର ଛାତ୍ରଛାତ୍ରୀଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ବିଦ୍ୟାଳୟ ସ୍ତରରେ ୨୦୨୫ ମସିହା ବାର୍ଷିକ ପରୀକ୍ଷାରେ ୭ମ ଓ ଅଷ୍ଟମ ଶ୍ରେଣୀର ସର୍ବୋଚ୍ଚ ନମ୍ବର ରଖିଥିବା ହରିନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗରଦପୁରର, ୫ମ ଓ ୭ମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଭଦ୍ରକର ଛାତ୍ର/ ଛାତ୍ରୀ, ୩ୟ ଓ ୫ମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ମୂଳଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ର / ଛାତ୍ରୀଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ପେନସନରଙ୍କ ବିଭିନ୍ନ ଦାବୀ ତଥା ବରିଷ୍ଠ ନାଗରିକ ଭାବରେ ବ୍ୟାଙ୍କ, ପୋଷ୍ଟ ଅଫିସ, ଡାକ୍ତରଖାନା, ରେଲୱେ ଷ୍ଟେସନ, ବସ୍‌ଷ୍ଟାଣ୍ଡରେ ଅଗ୍ରାଧିକାର ଭିତ୍ତିରେ ସେବା ପ୍ରଦାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଜଣାଇବା ପାଇଁ ସ୍ଥିର ହେଲା। ସଂଘ ଦ୍ୱାରା ସମାଜ କଲ୍ୟାଣ ପାଇଁ ସଂପାଦିତ କାର୍ଯ୍ୟକ୍ରମର ଆଲୋଚନା ସହ ଭବିଷ୍ୟତ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା ପରେ ସ୍ଥିର ହେଲା। ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ସଦସ୍ୟଙ୍କର ସାହାଯ୍ୟ, ସହଯୋଗ ଓ ଉପସ୍ଥିତି ଆବଶ୍ୟକ। ପ୍ରାରମ୍ଭରେ ଦିବଂଗତ ସଦସ୍ୟ ଭାଗବତ ବିଶ୍ୱାଳଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ସମୂହ ନୀରବ ପ୍ରାର୍ଥନା ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଆଲୋଚନାରେ ମଞ୍ଚାସୀନ କର୍ମକର୍ତ୍ତା, ହିସାବ ସମୀକ୍ଷକ ମୁକ୍ତିକାନ୍ତ ମହାପାତ୍ର, ମଦନ ମୋହନ ନାୟକ, ଚନ୍ଦ୍ର ମୋହନ ମହାନ୍ତି, ସଂଗ୍ରାମ କେଶରୀ ସାହୁ, ଆଦିତ୍ୟ କୁମାର ନାୟକ, ଉପଦେଷ୍ଟା ଡଃ ରାଧାରାଣୀ ମହାପାତ୍ର, ଆଦିତ୍ୟ କୁମାର ଗୋସ୍ୱାମୀ, ପ୍ରଶାନ୍ତ କୁମାର ଦେ, ଅରୁଣ କୁମାର ମିତ୍ର, ସୁରେଶ କୁମାର ସାହୁ, ଦୁଃଶାସନ ମହାନ୍ତି, ତାରକ ଦାସ ଆଢ୍ୟ, ରମାକାନ୍ତ ନାୟକ, ନିରଞ୍ଜନ ବିଶ୍ୱାଳ, ବୀର ନାରାୟଣ ଦାସ, ଗୀତାରାଣୀ ଆଇଚ, ରମେଶ ଚନ୍ଦ୍ର ଦାସ, କିଶୋର ଧଳ, ପଦ୍ମନାଭ ନାୟକ, ବସନ୍ତ କୁମାର ସାହାଣୀ, ରମାକାନ୍ତ ଲେଙ୍କା , ମଦନ ମୋହନ ଦୀକ୍ଷିତ, ଦୈତ୍ୟାରି ଦାସ, କାଶୀନାଥ ପଣ୍ଡା, ଶଶିଭୂଷଣ ଜେନା, ରାଜେନ୍ଦ୍ର କୁମାର ପାତ୍ର, ଶମ୍ଭୁନାଥ ପାଣିଗ୍ରାହୀ, ବିଜୟ କୁମାର ନାୟକ, ଗୋପାଳ ଚରଣ ସେଠୀ, ମାନସ ରଂଜନ ଲେଙ୍କା ପ୍ରମୁଖ ବହୁ ସଦସ୍ୟ ଯୋଗଦାନ କରି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ଜିଲ୍ଲା ପାଲା ପରିଷଦର ବୈଠକ ଅନୁଷ୍ଠିତ

ନୂଆପଡ଼ା,୧୨/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ପାଲା ପରିଷଦର ଏକ ବୈଠକ ଖଡ଼ିଆଲ ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ସଭାପତି ଅମୂଲ୍ୟ ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପାଲା କଳାକାର ମାନେ ଯୋଗଦେଇ ଚଳିତ ବର୍ଷ ହେବାକୁ ଥିବା ଦ୍ୱିତୀୟ ପାଲା ସମ୍ମିଳନୀ ଉପରେ ଆଲୋଚନା କରିଥିଲେ। ଆସନ୍ତା ରାମ ନବମୀ ତିଥିରେ ବିରିଘାଟ ଗ୍ରାମରେ ଏହି ସମ୍ମିଳନୀ ଆୟୋଜିତ ହେବ। ଉକ୍ତ ସମ୍ମିଳନୀରେ ଜିଲ୍ଲାର ତିରିଶିରୁ ଊର୍ଦ୍ଧ୍ୱ ପାଲା ଦଳ ପାଲା ପରିବେଷଣ କରିବେ। ଅତିଥି ଗାୟକ ଭାବରେ ମଧ ଓଡ଼ିଶାର ନାମୀଦାମୀ ଗାୟକ ମାନଙ୍କୁ ନିମନ୍ତ୍ରଣ କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା। ସେହିପରି ବରିଷ୍ଠ ପାଲା କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ପାଲା ଉପରେ ବିଭିନ୍ନ ତଥ୍ୟଭିତିକ ନିବନ୍ଧକୁ ନେଇ ଏକ ସ୍ମରଣିକା ମଧ ପ୍ରକାଶ କରାଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ବୈଠକରେ ବରିଷ୍ଠ ପାଲା ଗାୟକ ଅର୍ଜୁନ ଛତ୍ରିଆ, ଡୋଳାମଣି ଦଣ୍ଡସେନା, ପ୍ରଦୀପ କୁମାର କର, ପ୍ରଦ୍ୟୁମ୍ନ ସରାଫ, କୁନାଲ ଚରଣ ବେହେରା, ଦେବେନ୍ଦ୍ର ଭିତିରିଆ, ଶାମ୍ଭ ସରାଫ, ଦୀନବନ୍ଧୁ ଛତ୍ରିଆ, ଚନ୍ଦ୍ର ଶେଖର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ 'ଆରୋଗ୍ୟ ମିତ୍ର ତାଲିମ ଶିବିର' ଉଦ୍‌ଯାପିତ




ବାରିପଦା ,୧୨/୧ (ନି.ପ୍ର): ସ୍ଥାନୀୟ 'ସାଗର ପ୍ୟାଲେସ' ସମ୍ମିଳନୀ କକ୍ଷରେ ରବିବାର ଦିନ ଭାରତ ସରକାରଙ୍କ ଜନସ୍ୱାସ୍ଥ୍ୟ ରକ୍ଷାକାରୀ 'ଆରୋଗ୍ୟ ଭାରତ' ଯୋଜନା ଅନ୍ତର୍ଗତ ନବ-ନିଯୁକ୍ତ 'ଆରୋଗ୍ୟ ମିତ୍ର'ମାନଙ୍କ ଲାଗି ଆୟୋଜିତ ଏକ ଜିଲ୍ଲା ସ୍ତରୀୟ ଦଶ-ଦିନିଆ 'ଆରୋଗ୍ୟ-ମିତ୍ର ତାଲିମ ଶିବିର'ର ଉଦଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ଭାଗରୁ ଆଗତ ବହୁସଂଖ୍ୟକ ଶିବିରାର୍ଥୀ ଅଂଶ ଗ୍ରହଣ କରିଥିବା ସୂଚନା ମିଳିଛି। 'ଜଳବାୟୁ ସୁରକ୍ଷା ପରିଷଦ' ଓ 'ଜଗନ୍ନାଥ ଶିକ୍ଷା ଟ୍ରଷ୍ଟ'ଙ୍କ ମିଳିତ ଆନୁକୂଲ୍ୟରେ ସମ୍ପନ୍ନ ଏହି ଉଦଯାପନୀ ଉତ୍ସବରେ ବିଜେପି ରାଜ୍ୟ ପ୍ରବକ୍ତା ତଥା ଲେଖକ କବିବିଷ୍ଣୁ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'ସେବା ମନୋଭାବ ନେଇ ପ୍ରାମାଣିକତାର ସହ ପରିଶ୍ରମ କରିବାକୁ' ତାଲିମପ୍ରାପ୍ତ ନୂତନ 'ଆରୋଗ୍ୟ-ମିତ୍ର' ମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ 'ଜଗନ୍ନାଥ ଟ୍ରଷ୍ଟ' ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମହାକୁଡ଼ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧରେ 'ଜଳବାୟୁ ସୁରକ୍ଷା ପରିଷଦ'ର ଶଶୀ ଭୂଷଣ ସେଠୀ, 'ଆରୋଗ୍ୟ ମିତ୍ର ଶିବିର' ପରିଚାଳନାରେ ସହଯୋଗ କରୁଥିବା ଯୋଗ ଶିକ୍ଷକ ଦେବରାଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆରୋଗ୍ୟମିତ୍ରମାନେ ଆଗାମୀ ଦିନରେ ଗ୍ରାମାଞ୍ଚଳରେ ସମୁଚିତ ଶୃଙ୍ଖଳିତ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ସହାୟକ ହେବେ ବୋଲି ଉଦଯାପନୀ କାର୍ଯ୍ୟକ୍ରମର ଏହି ବକ୍ତାମାନେ ଆଶା ପୋଷଣ କରିଥିଲେ।

# କେନ୍ଦୁଝର ନଗର ବିଜେପିର ବନ୍ଧୁମିଳନ

କେନ୍ଦୁଝର,୧୨/୧ (ନି.ପ୍ର): କେନ୍ଦୁଝର, କେନ୍ଦୁଝର ନଗର ବିଜେପି ପକ୍ଷରୁ କେନ୍ଦୁଝର ସହର ନିକଟସ୍ଥ ଗୋବିନ୍ଦପୁର ଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ନଗର ସଭାପତି ଅସିତନନ୍ଦନ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ନଗର ସାଧାରଣ ସମ୍ପାଦକ ରାଜେନ୍ଦ୍ର ପାତ୍ର ସମସ୍ତ କାର୍ଯ୍ୟକ୍ରମ କିଭଳି ବ୍ୟବସ୍ଥିତ ଭାବରେ ଭବ୍ୟ ଭାବେ ହୋଇପାରିବ ସେଥିପାଇଁ ସମସ୍ତ ଦାୟିତ୍ୱ ନେବା ସହିତ ଏହାକୁ ପରିଚାଳନା କରିଥିଲେ।

# ମେଘାସନ ମହାବିଦ୍ୟାଳୟର ୩୮ତମ ବାର୍ଷିକ ଉତ୍ସବ



ଉଦଳା , ୧୨/୧ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟର ୩୮ତମ ବାର୍ଷିକ ଉତ୍ସବ ଆଜି ଜାନୁଆରି ୧୨ ତାରିଖ ସୋମବାର ଦିନ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ସପ୍ତାହ ପୁର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଉତ୍ସବରେ ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ମହାବିଦ୍ୟାଳୟ ସ୍ଥାପନରେ ଅଗ୍ରଣି ଭୂମିକା ନେଇଥିବା ସଦସ୍ୟ/ ସଦସ୍ୟା ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ପୁରୀସ୍ଥିତ ଶ୍ରୀଚୈତନ୍ୟ ଭାରତି ଗୌରାଙ୍ଗ ମଠର ସଭାପତି ବାବାଜି ସନତ ସୁଜାତା ନନ୍ଦ ଦାଶ ମହାରାଜ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଆଜି ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତି ପଡ଼ିଥିବାରୁ ଦେଶ ଗଠନରେ ତାଙ୍କର ଭୂମିକା କିପରି ଥିଲା ବ୍ୟକ୍ତ କରିଥିଲେ । ଏହାପରେ ମହାବିଦ୍ୟାଳୟରୁ ପ୍ରକାଶ ପାଉଥିବା ବାର୍ଷିକ ପତ୍ରିକା 'ମେଘାସନି'କୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ପରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ଼. ନିରଂଜନ ପାଠୀ ବିବରଣୀ ପାଠ କରିଥିଲେ । ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପର ପ୍ରଶାସକ ନରେନ୍ଦ୍ର ଖମାରି ମେଘାସନ ମହାବିଦ୍ୟାଳୟ ପାଇଁ ସରକାରୀ ଅନୁଦାନ ଯାହା ଆସିଛି ଏହାକୁ ବିନିଯୋଗ କରିବା ପାଇଁ ଉଦଳା ଆଇଟିଡ଼ିଏ କିପରି ଭୂମିକା ନେଇଛି ଅବଗତ କରାଇଥିଲେ । କପ୍ତିପଦା ଉପଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଶାନ୍ତ କୁମାର ବାରିକ, ଶୃଙ୍ଖଳାର ଭୂଷଣ ମେଘାସନ ମହାବିଦ୍ୟାଳୟର ସୌନ୍ଦର୍ଯ୍ୟକୁ କିପରି ଶାଣିତ କରିଛି ଓ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛି ବିସ୍ତୃତ ବର୍ଣ୍ଣନା କରିଥିଲେ ।ଯାହାକି ଥିଲା ଖୁବ୍ ହୃଦୟସ୍ପର୍ଶୀ । ପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଅଧ୍ୟାପିକା ଡ଼. ଶୁଭଦର୍ଶନି ମହାନ୍ତି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ରାଉତ ଅଧ୍ୟକ୍ଷତାର ଦାୟିତ୍ୱ ତୁଲାଇଥିଲେ । ଅଧ୍ୟାପକ ବୃନ୍ଦାବନ ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେବା ପରେ ଉତ୍ସବର ଯବନିକା ପଡ଼ିଥିଲା । ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପରୀକ୍ଷାର୍ଥୀଙ୍କୁ ଅଭିଯୁକ୍ତ ...

ଦିନ ପର୍ଯ୍ୟନ୍ତ କୌଣସି କୋର୍ଟରେ ହାଜର ନକରି ବେଆଇନ ଭାବେ ବ୍ରହ୍ମପୁର ବଡ଼ବଜାର ଥାନାରେ ଅଟକ ରଖାଯାଇଥିବାର ଅଭିଯୋଗ ହୋଇଥିଲା । ଅଟକ ରଖିବାବେଳେ ତାଙ୍କୁ ଅତି ଅମାନୁଷିକ ଭାବେ ମାଡ଼ ମରାଯିବାର ଅଭିଯୋଗ ହୋଇଥିଲା । ଏହି ମାମଲାରେ ହାଇକୋର୍ଟ ପୁଲିସର କାର୍ଯ୍ୟଶୈଳୀ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ, ଯାହା ପରେ ଏଚଆରପିସି ଦ୍ୱାରା ମାମଲା ରୁଜୁ ହୋଇଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୁଲିସ ବିରୁଦ୍ଧରେ ଏଚଆରପିସି ହିଁ ମାମଲା ରୁଜୁ କରିଛି । ଏହି ମାମଲାରେ ରାଜ୍ୟ ମାନବାଧିକାର ସୁରକ୍ଷା ସେଲ୍ (ଏଚଆରପିସି) ଡିଏସପି ଅଶୋକ କୁମାର ମହାପାତ୍ର ଏକ ବିସ୍ତୃତ ତଦନ୍ତ କରିଥିବା ଜଣାପଡ଼ିଛି । ତାଙ୍କ ତଦନ୍ତ ରିପୋର୍ଟ ଅନୁସାରେ, ମୁସ୍ତାକିମଙ୍କୁ ଅଗଷ୍ଟ ୧୨ରୁ ଅଗଷ୍ଟ ୨୩ ତାରିଖ ପର୍ଯ୍ୟନ୍ତ କୌଣସି ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର ନକରି ପ୍ରାୟ ୧୧ ଦିନ ଧରି ବେଆଇନ ଅଟକ ରଖାଯାଇଥିଲା, ଯାହା ସଂପୂର୍ଣ୍ଣ ବେଆଇନ ଓ ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ ଥିଲା ।

### ଦୁର୍ଘଟଣା ବଢୁଛି, ମୁଣ୍ଡ ଗଡୁଛି:...

ଜାତୀୟ ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମରେ ଦୁଘଟଣାର ତଥ୍ୟ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସଡ଼କ ଦୁର୍ଘଟଣାରେ ୨୦୨୪ରେ ୬ ହଜାର ୪୨ ଲୋକଙ୍କ ଜୀବନ ଯାଇଛି । ୨୦୨୪ ତୁଳନାରେ ୨୦୨୫ରେ ଦୁର୍ଘଟଣା କମିଛି । ହେଲେ ଦ୍ରୁତଗତି ଯୋଗୁ ୬୭% ଦୁର୍ଘଟଣା ଘଟୁଛି । ୬% ରଙ୍ଗ୍ ସାଇଡ୍, ୩% ମଦ୍ୟପାନ ଏବଂ ୬% ମୋବାଇଲ ଫୋନ୍ ବ୍ୟବହାର କରି ଦୁର୍ଘଟଣାର ଶିକାର ହୋଇଛନ୍ତି । ତେବେ ଦୁର୍ଘଟଣା ରୋକିବାକୁ ୪ଇ-ନୀତି । ଶିକ୍ଷା, କଡ଼ାକଡ଼ି ନିୟମ, ଇଞ୍ଜିନିୟରିଂ, ଜରୁରୀ ପରିସ୍ଥିତି ଉପରେ ଗୁରୁତ୍ୱ ଦେଇଛନ୍ତି । ଏଥିସହ ପରିବେଶ ପାଇଁ ପ୍ରଦୂଷଣ ନିୟମ ପାଳନ କରିବା ଏବଂ 'ନପହଞ୍ଚିବାଠୁ ଭଲ ବିଳମ୍ବରେ ପହଞ୍ଚିବା' ମନ୍ତ୍ର ଜପିବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ସେପଟେ ଦୁର୍ଘଟଣାଜନିତ ମୃତ୍ୟୁକୁ ନେଇ ପୂର୍ତ୍ତ ବିଭାଗ ଆଡ଼କୁ ଆଙ୍ଗୁଳି ଉଠାଇଛନ୍ତି ପରିବହନ ମନ୍ତ୍ରୀ । ପୂର୍ତ୍ତ ମନ୍ତ୍ରୀଙ୍କୁ ଇଙ୍ଗିତ କରି କହିଛନ୍ତି, ବ୍ଲାକ ସ୍ପଟ୍ ମରାମତି କାମ ପୂର୍ତ୍ତ ବିଭାଗର । ପୂର୍ତ୍ତ ମନ୍ତ୍ରୀ ଯଦି ଆମ ନିର୍ଦ୍ଦେଶ କାର୍ଯ୍ୟାନ୍ୱୟନ ନ କରିବେ ଆମେ ହଇରାଣ ହେବୁ ।

### ବାପାଙ୍କୁ ସାହସ...

ହେଲେ ମନୋବଳ ହାରିନାହାନ୍ତି । ସମର୍ଥନରେ ଥିବା ଯୁବ ନେତୃତ୍ୱଙ୍କ ତାଲିକା ହାତେଇବା ସହ କହିଛନ୍ତି, କିଛି ନୂଆ କରିବାକୁ ଯୁବବର୍ଗଙ୍କୁ ଗଣ୍ଡି ଠାରୁ ଅଲଗା ହେବାକୁ ପଡ଼ିବ । ଓଡ଼ିଶା ବିକଳ୍ପ ଚାହୁଁଛି, ଯୁବବର୍ଗ ରିସ୍କ ନେଇ ଆଗକୁ ବଢ଼ନ୍ତୁ । ସମ୍ବଳ ଓ ସାହସ ଦେଇ ପ୍ରତିବଦଳରେ ଦୃଢ ସଙ୍ଗଠନ ପାଇଁ ସହଯୋଗ ମାଗିଛନ୍ତି ମୋକିମ । ବିକଶିତ ଓଡ଼ିଶା ଗଠନ ପାଇଁ ମୋକିମ ଦେଇଛନ୍ତି ଲଢେଇର ଡାକରା । କଂଗ୍ରେସରେ ଥାଇ ସୁଦ୍ଧା ବାପାଙ୍କ ସହ ଲଢେଇରେ ସାମିଲ ହେବାକୁ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି ଝିଅ ସୋଫିଆ । ସିଧାସଳଖ କହିଛନ୍ତି, ବାପା ଆଗକୁ ବଢିଲେ କେହି ଅଟକାଇପାରିବେନି । କିନ୍ତୁ ପ୍ରଶ୍ନ ଉଠୁଛି, କଟକ-ବାରବାଟୀରେ କାହା ସହିତ ରହିବେ କର୍ମୀ ? ଝିଅ ସୋଫିଆଙ୍କ ପାଇଁ ଆଗକୁ ସୃଷ୍ଟି ହେବନି ତ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ?

# ବ୍ରାହ୍ମଣ ମହାସଭାର ବୈଠକ: ଫେବୃୟାରୀ ମାସରେ ହେବ ବାର୍ଷିକ ଅଧିବେସନ



ବାରିପଦା , ୧୨/୧ (ନି.ପ୍ର): ଓଡିଶା ରାଜ୍ୟ ବ୍ରାହ୍ମଣ ମହାସଭା ମୟୁରଭଞ୍ଜ ଜିଲ୍ଲା ଶାଖାର ଏକ ବୈଠକ ମହାସଭାର ସ୍ଥାୟୀ ସଭାପତି ଡାକ୍ତର ମହାଦେବ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦକ ପଣ୍ଡିତ ଭାଗବତ ପଣ୍ଡା ମହାସଭାର ବିବରଣୀ ପାଠ କରିବା ସହ ମହାସଭାର ମୁଖପତ୍ର ବ୍ରହ୍ମ ସନ୍ଦେଶ ପାଇଁ ଆଗାମୀ ପନ୍ଦର ତାରିଖ ସୁଦ୍ଧା ସମସ୍ତ ଲେଖା ସମ୍ପାଦକଙ୍କ ଠିକଣାରେ ପଠାଇବା ପାଇଁ ନିବେଦନ କରିଥିଲେ. ବୈଠକରେ ସଭ୍ୟ ନୃସିଂହ ଚରଣ ପଣ୍ଡା, ଅଶ୍ୱିନୀ କୁମାର ପଣ୍ଡା, ଦଳଗୋବିନ୍ଦ ଦାଶ, ହୃଦାନନ୍ଦ ଆଚାର୍ଯ୍ୟ, ନରୋତ୍ତମ ପାଣିଗ୍ରାହୀ ପ୍ରମୁଖ ନିଜସ୍ୱ ମତ ପ୍ରଦାନ କରିଥିଲେ । ମହାସଭାର ବାର୍ଷିକ ଅଧିବେସନ ଆଗାମୀ ଫେବୃୟାରୀ ମାସରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ସେହିପରି କୋଷାଧକ୍ଷ ଥିବା ଅଚ୍ୟୁତ ପ୍ରସାଦ ମହାପାତ୍ର ନିଜର ଶାରୀରିକ ଅକ୍ଷମତା ଦର୍ଶାଇବାରୁ ନୂତନଭାବେ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଙ୍କୁ କୋଷାଧକ୍ଷ ପଦରେ ମନୋନୀତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶଶିଭୂଷଣ ମିଶ୍ର, ଆଶୁତୋଷ ଆଚାର୍ଯ୍ୟ, ଭଗବତୀ ଦାଶ, ପ୍ରହଲ୍ଲାଦ ନନ୍ଦ, ଡା. ଦୀପଙ୍କର ମିଶ୍ର, ଦେବବ୍ରତ ପ୍ରହରାଜ, ସିଦ୍ଧେଶ୍ୱର ଶତପଥୀ, ରତ୍ନାକର ତ୍ରିପାଠୀ, ସଚିନ କର, ରବୀନ୍ଦ୍ର ନାରାୟଣ ରଥ, ସାନ୍ଧ୍ୟରାଣୀ ପଣ୍ଡା, ସୌମ୍ୟ ରଞ୍ଜନ ମହାପାତ୍ର, ଅଶ୍ୱିନୀ କୁମାର ତ୍ରିପାଠୀ, ସୁଦର୍ଶନ ଦିବେଦୀ, ସୌମ୍ୟ ଷଡ଼ଙ୍ଗୀ ପ୍ରଦୀପ୍ତ କିଶୋର ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## କେନ୍ଦ୍ରାପଡା ସାଂସଦଙ୍କ ଦୀର୍ଘାୟୁ କାମନା କରି ଦୀପ ଦାନ ଓ ଫଳ ବଂଟନ

କେନ୍ଦ୍ରାପଡା, ୧୨/୧ (ନି.ପ୍ର): କେନ୍ଦ୍ରାପଡାର ଲୋକପ୍ରିୟ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପସଭାପତି ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡାଙ୍କ ପବିତ୍ର ଜୟନ୍ତୀରେ କେନ୍ଦ୍ରାପଡ଼ା ଜିଲ୍ଲା ମହିଳା ମୋର୍ଚ୍ଚା ପକ୍ଷରୁ ବିଜେପି ନେତ୍ରୀ ଡ଼. ଜ୍ୟୋସ୍ନାରାଣୀ ଜେନାଙ୍କ ନେତୃତ୍ୱରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଂଟନ କରିବା ସହ ଦୁଃଖୀ ଜନତାଙ୍କ ସାଥି ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡାଙ୍କ ଦୀର୍ଘ ଜୀବନ କାମନା କରି ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିରରେ ଦୀପ ଦାନ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଉପୀନ କୁମାର ରାଉତ, ମିଟି ମନୋଜି ନାୟକ, ଭରତ ସାହାଣୀ, ହିମାଂଶୁ ଲେଙ୍କା, ପ୍ରଫୁଲ୍ଲ ମଲିକ, ବନ୍ଦନାରାଣୀ ରାଉତ, ରଶ୍ମିତା ସାହୁ, ପ୍ରିୟଙ୍କା ଶତପଥୀ, ପଙ୍କଜିନୀ ସାମଲ, ପଙ୍କଜ ଦାସ, କେଶବ ମିଶ୍ର, ରତୀକାନ୍ତ ଜେନା, କ୍ଷିରୋଦ ଭୋଳ, ସରସ୍ୱତୀ ବେହେରା, ମନୋରଂଜନ ସାମଲ, ପ୍ରଭାତ ସ୍ୱାଇଁ, ଝରଣା ବେହେରା, ରଶ୍ମିତା ମହାନ୍ତି ପ୍ରମୁଖଙ୍କ ସହ ଶତାଧିକ ମହିଳା ମୋର୍ଚ୍ଚାର ନେତ୍ରୀ ଉପସ୍ଥିତ ଥିଲେ ।

# ଓୟୁଜେର ୫୪ ତମ ପ୍ରତିଷ୍ଠା ଦିବସ ପାଳିତ

ବାଲେଶ୍ୱର, ୧୨/୧ (ନି.ପ୍ର): ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସାମ୍ବାଦିକ ମାନେ ଜନସାଧାରଣ ଙ୍କ ସୁଖ ଦୁଃଖରେ କେବଳ ଯେ ସାଥୀ ତାହା ନୁହେଁ ରାଜନୈତିକ ଉତ୍ଥାନ ଓ ପତନ ରେ ରହିଥିବା ସେମାନଙ୍କ ଗୁରୁଦାୟିତ୍ୱ କୁ ଅଣଦେଖା କରାଯାଇ ପାରିବ ନାହିଁ ।ତେଣୁ ସମସ୍ତ ସାମ୍ବାଦିକଙ୍କୁ ସମାଜ ସର୍ବଦା ଅଗ୍ରାଧିକାର ଓ ଗୁରୁତ୍ୱ ଦେଇଥାଏ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରକାଶ କରିଛନ୍ତି । ଗତକାଲି ଜୟଦେବ ଭବନ ରେ ଓଡ଼ିଶା ସାମ୍ବାଦିକ ୟୁନିଅନ ର ୫୪ ତମ ପ୍ରତିଷ୍ଠା ଦିବସରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବସେବା ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଲେ ଯେ, ସମାଜରେ ସାହାରା ଖୋଜୁଥିବା ବ୍ୟକ୍ତି ବା ଅନୁଷ୍ଠାନ ର ଶେଷ ବିଶ୍ୱାସ ଓ ଭରଷା ହେଉଛି ସାମ୍ବାଦିକ । ସାମ୍ବାଦିକ ଙ୍କ ଠାରୁ ନିରାଶା ର ବାଣୀ କେହିକେବେ ଶୁଣିବା ର ଦୃଷ୍ଟାନ୍ତ ନାହିଁ ବୋଲି ସେ କହିଥିଲେ । ସେ କହିଲେ ଯେ, କୌଣସି ପ୍ରକାର ଲୋଭ ଓ ପ୍ରଲୋଭନ କୁ ଅଣ ଦେଖାକରି ଗଭୀର ଆତ୍ମବିଶ୍ୱାସ ଦୃଢ ଇଚ୍ଛାଶକ୍ତି, ସାହସ ଓ ଧୈର୍ଯ୍ୟର ସହିତ ଯିଏ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଏ ସେ ହେଉଛି ସାମ୍ବାଦିକ । ସେଇଥି ପାଇଁ ତ ସାମ୍ବାଦିକ ଜଣକ ଆଗୁଆ ହୋଇ କାର୍ଯ୍ୟ କରିଥାଏ । ଆମ ରାଜ୍ୟ ଓଡ଼ିଶାର ସାମଗ୍ରୀକ ବିକାଶରେ ରହିଥିବା ପ୍ରତିବନ୍ଧକ ଓ ସମସ୍ୟାକୁ ଗୁରୁତ୍ୱ ଦେଇ ସାମ୍ବାଦିକ ମାନେ ସେମାନଙ୍କ ମତାମତ ନିଜସ୍ୱ ଚିନ୍ତାଧାରାରେ ପରିପ୍ରକାଶ କରି ଓଡ଼ିଶାର ବିକାଶ ଧାରାରେ ରାଜ୍ୟ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଶା ବ୍ୟକ୍ତ କରିଥିଲେ । ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଓ ଇତିହାସ ସଂମ୍ପର୍କରେ ଆଗାମୀ ଯୁବ ସମାଜ ମଧ୍ୟରେ ଚିନ୍ତା ଓ ପ୍ରେରଣା ରେ ଅନୁପ୍ରାଣୀତ କରିବାକୁ ମନ୍ତ୍ରୀ ସୁରଜ ସାମ୍ବାଦିକ ମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଆଇନ ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ଯୋଗଦେଇ ଓଡ଼ିଶାର ବିକାଶ ଧାରାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଓୟୁଜେ ସଭାପତି ପ୍ରଶନ୍ନ କୁମାର ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସାଂସଦ ପ୍ରଦୀପ ପୁରୋହିତ, ବିଧାୟକ ଅନନ୍ତ ନାରାୟଣ ଜେନା, ୟୁନିଅନର ବରିଷ୍ଠ ସଦସ୍ୟ ଅକ୍ଷୟ କୁମାର ସାହୁ ସଂପାଦକ କିସାନ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ମଞ୍ଚାସିନ ଥିଲେ ।ଏହି କାର୍ଯ୍ୟକ୍ରମ ରେ ବାଲେଶ୍ୱର ଜିଲ୍ଲା ଶାଖା ରୁ ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ ୨୩ ଜଣ ସଦସ୍ୟ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ରାମନାରାୟଣ ଶତପଥୀ, ଶିଶିର କୁମାର ଦାସ,ଅନାମ ଚରଣ ପଣ୍ଡା, ରବୀନ୍ଦ୍ର କୁମାର ମହାକୁଡ଼, ଚନ୍ଦ୍ର ମୋହନ ମହାପାତ୍ର ,ଉତ୍କଳ ବନ୍ଧୁ ପଣ୍ଡା, ସୋମନାଥ ସାହୁ, ସୁଶାନ୍ତ କୁମାର ବେହେରା ନନ୍ଦକିଶୋର ସାହୁ, ମହେଶ୍ୱର ପ୍ରଧାନ, ସମରେଶ ମଣ୍ଡଳ, କମଳାକାନ୍ତ ନାୟକ, କହ୍ନେଇ ଚରଣ ପ୍ରଧାନ, ତପୋଧନ ବାରିକ, ସଞ୍ଜୟ କୁମାର ବେହେରା, କୈଳାସ ଚନ୍ଦ୍ର ଦାସ,ଅରୂପ କୁମାର ଦାସ, ମନୋଜ କୁମାର ରାୟ, ଶ୍ରିଲେଖା ସାହୁ, ରମାକାନ୍ତ ପଣ୍ଡା ଏମ ଡି ଆରିଫ ଖାନ ପ୍ରମୁଖ ଯୋଗଦେଇଥିଲେ ।

# ଜିଲ୍ଲା ବିଦ୍ୟାଳୟସ୍ତରୀୟ ସ୍କାଉଟସ୍ ଏବଂ ଗାଇଡସ୍ କେମ୍ପୋରୀ ଉଦ୍‌ଯାପିତ




ବାଲେଶ୍ୱର, ୧୨/୧ (ନି.ପ୍ର): ପବ୍ଲିକ ହାଇସ୍କୁଲ ପରିସରରେ ତିନି ଦିନ ଧରି ଚାଲିଥିବା ଜିଲ୍ଲା ବିଦ୍ୟାଳୟ ସ୍ତରୀୟ ସ୍କାଉଟସ୍ ଏବଂ ଗାଇଡସ୍ କେମ୍ପୋରୀ ଉଦଯାପିତ ହୋଇଯାଇଛି । ଏଥିରେ ୧୪୮ ବିଦ୍ୟାଳୟର ୭୩୦ ଜଣ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ସେମାନଙ୍କ ଶାରୀରିକ ଓ ମାନସିକ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ଶିକ୍ଷା ଏବଂ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସ୍କାଉଟସ୍ ଓ ଗାଇଡସ୍ ର ମୁଖ୍ୟ କମିଶନର ଡ. ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଉଦଯାପନ ଉତ୍ସବରେ ପୂର୍ବତନ ଜିଲ୍ଲା ସ୍କାଉଟସ୍ କମିଶନର ନରହରି ଭୂୟାଁ ଓ ପ୍ରଦୀପ କୁମାର ଦାସ ଅତିଥି ଭାବରେ ଯୋଗ ଦେଇ କେମ୍ପୋରୀର ଉପଯୋଗିତା ସମ୍ପର୍କରେ ଉଦବୋଧନ ଦେବା ସହିତ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଲିଡର ଟ୍ରେନର ସୁଦର୍ଶନ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲା ସମ୍ପାଦକ ଚନ୍ଦ୍ରକାନ୍ତ ଘଡ଼ାଇ ଶିବିର ବିବରଣୀ ପାଠ କରିଥିଲେ । ଶିବିରରେ ଅଂଶଗ୍ରହଣ କରିଥିବା ଶିକ୍ଷକ ଓ ପିଲାମାନେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ସିନିୟର୍ ସ୍କାଉଟ ମାଷ୍ଟର ନିତ୍ୟାନନ୍ଦ ପାତ୍ର ଧନ୍ୟବାଦ ଦେଇଥିଲେ ।

## ଜୟଶ୍ରୀରାମ ସେନା ପକ୍ଷରୁ ବନ୍ଧୁମିଳନ



ବେତନଟୀ, ୧୨/୧ (ନି.ପ୍ର): ବେତନଟୀର ଜୟଶ୍ରୀରାମସେନା ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ପାଉଁଶିଆ ବନ୍ଧଠାରେ ରବିବାର ଆୟୋଜିତ ହୋଇଯାଇଛି ଜୟଶ୍ରୀରାମସେନାର ପ୍ରତିଷ୍ଠାତା ତଥା ସଭାପତି ଆଇନଜୀବୀ ସନ୍ଦୀପ କୁମାର ମିଶ୍ର(କାର୍ତ୍ତିକ ନନା)ଙ୍କ ସଂଯୋଜନାରେ ପାଉଁଶିଆ ଠାରେ ପ୍ରାକୃତିକ ପରିବେଶ ମଧ୍ୟରେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ଜୟଶ୍ରୀରାମସେନାର କାର୍ଯ୍ୟକର୍ତ୍ତା ସଦସ୍ୟଙ୍କ ସମେତ ବେତନଟୀର ବୁଦ୍ଧିଜୀବୀ, ସଚେତନ ନାଗରିକ ପ୍ରମୁଖ ମଧ୍ୟ ଯୋଗ ଦେଇଥିଲେ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ମାନ୍ୟବର ଲୋକପ୍ରିୟ ବିଧାୟକ ସନାତନ ବିଜୁଳି ଯୋଗଦେଇଥିବା ବେଳେ ପାଉଁଶିଆ ବନ୍ଧର ଉନ୍ନତୀକରଣ ଏବଂ ରୂପରେଖ ପରିବର୍ତ୍ତନ ଦ୍ୱାରା କିଭଳି ଅଧରୁ ଅଧିକ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରାଯାଇପାରିବ ସେନେଇ ଆଲୋଚନା କରିଥିଲେ । ପରିଚାଳନାରେ ଜୟଶ୍ରୀରାମ ସେନାର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟଗଣ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ । ପ୍ରକୃତିକୋଳରେ ହସଖୁସିରେ ବେଶ୍ କିଛିସମୟ ଅତିବାହିତ କରିବା ସହିତ ଶୃଙ୍ଖଳାର ସହିତ କାର୍ଯ୍ୟକ୍ରମ ସମାପ୍ତକରି ପ୍ରତ୍ୟାବର୍ତ୍ତନ କରିଥିଲେ ।

# ଦୁଇ ବ୍ୟବସାୟୀଙ୍କ ମଧ୍ୟରେ ଗଣ୍ଡଗୋଳରୁ ଛୁରା ମାଡ଼



ଜଳେଶ୍ୱର, ୧୨/୧ (ନି.ପ୍ର): ଜଳେଶ୍ୱର ଥାନା ଅଧିନସ୍ଥ ଜାତୀୟ ରାଜପଥ ର ନନ୍ଦୀକା ବାଇପାସ୍ ନିକଟରେ ମୋବାଇଲରେ ଫଟୋ ଉଠାକୁ ନେଇ କେନ୍ଦ୍ର କରି ଦୁଇ ବ୍ୟବସାୟୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି ।ଗଣ୍ଡଗୋଳ ସମୟରେ ରାଜକିଶୋର ପାତ୍ର(୪୧)ଙ୍କୁ ଛୁରୀ ମାଡ ହୋଇଥିବା ତାଙ୍କ ପତ୍ନୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୁଜାତାଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ସ୍ୱାମୀ ଗତକାଲି ଏକ ସାମଗ୍ରୀ ଦୋକାନକୁ ନେଉଥିବା ସମୟରେ ତାଙ୍କର ପୌଡଶୀ ବ୍ୟବସାୟୀ ରାଜେଶ ପାତ୍ର ନାମକ ରାଜକିଶୋରଙ୍କ ଭିଡିଓକୁ ମୋବାଇଲରେ ଉତ୍ତୋଳନ କରିଥିଲେ । କାହିଁକି ଭିଡିଓ ଉଠାଉଛ ବୋଲି ରାଜକିଶୋର ପଚାରିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ତେବେ ଆଜି ସକାଳେ ପୁଣି ରାଜକିଶୋରଙ୍କ ସହ ରାଜେଶଙ୍କ ମଧ୍ୟରେ ମଧ୍ୟରେ ପୁଣି ଯୁକ୍ତିତର୍କ ହୋଇଥିଲା । ଏହାପରେ ରାଜେଶ ରାଜକିଶୋରଙ୍କୁ ମାଡି ବସିଥିବା ବେଳେ ଏହି ସମୟରେ ଉତ୍ତେଜିତ ହୋଇ ତାଙ୍କ ବାପା ଅଭି ଏକ ଛୁରୀରେ ରାଜକିଶୋର ଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣ ରେ ରାଜକିଶୋର ଗୁରୁତର ହୋଇଥିବା ବେଳେ ତାଙ୍କୁ ପ୍ରଥମେ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲ ଓ ସେଠାରୁ ପୁଣି ବାଲେଶ୍ୱର ସ୍ଥାନାନ୍ତରିତ କରାଯାଇଛି । ଜଳେଶ୍ୱର ପୁଲିସ ଅଭିଯୋଗ ପାଇବା ପରେ ୨୬ ନମ୍ବରର ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ବାସୁଦେବପୁର ବିଜେଡ଼ି ପକ୍ଷରୁ ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ



ବାସୁଦେବପୁର, ୧୨/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କୁମାରପୁର ନିକଟସ୍ଥ କାନ୍ଥି ପୁର ଆଡିଆ ଝାଉଁ ବଣ ଠାରେ ବାସୁଦେବପୁର ବିଜୁ ଜନତା ଦଳ ପକ୍ଷରୁ ମହା ସମାରୋହରେ ଏକ ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ରାଜ ନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତ ରାୟ, ପାରାଦ୍ୱୀପର ପୂର୍ବତନ ବିଧାୟକ ସମ୍ବିତ କୁମାର ରାଉତରାୟ, ପିପିଲିର ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ବାଲେଶ୍ୱରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ଧାମ ନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଚନ୍ଦ୍ର ସାରଥୀ ବେହେରା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । କଳିଙ୍ଗ ବୀର ବିଜୁ ପଟ୍ଟନାୟକଙ୍କ ଆଶୀର୍ବାଦରୁ ଓଡ଼ିଶାରେ ଆଗାମୀ ଦିନରେ ବିଜୁ ଜନତା ଦଳ କ୍ଷମତାକୁ ଆସିବ ଏବଂ କୋଟି କୋଟି ଲୋକ ମାନଙ୍କ ପ୍ରିୟ ନେତା ତଥା ବିଶ୍ୱ ସ୍ତରୀୟ ନେତା ନବୀନ ପଟ୍ଟନାୟକ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବେ ବୋଲି ଅତିଥି ବନ୍ଧୁ ମାନେ ଦୃଢ଼ ସ୍ୱରରେ ମତ ପ୍ରକାଶ କରିଥିଲେ । ବ୍ଲକ୍ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ପଳିତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ବିଜେଡ଼ି ନେତା ଓ କର୍ମୀ ପ୍ରଫୁଲ୍ଲ ବିଶ୍ୱାଳ, କୃଷ୍ଣ ଚନ୍ଦ୍ର ଘଡାଇ, ଅଶୋକ ନାୟକ,ରାଜେନ୍ଦ୍ର ନାରାୟଣ ନାୟକ,ରାଜେନ୍ଦ୍ର ସାହୁ, ନିରଞ୍ଜନ ଦାସ,ଶଶି ଭୂଷଣ ବାରିକ୍, ଉତ୍ତମ ବାରିକ୍, ଶରତ ବାରିକ୍,କାଳନ୍ଦୀ ସାହୁ, ସୁଶାନ୍ତ ସେଠି, ଗୌତମ ସେଠି, ଗିରିଶ ସାମଲ, ଜୟରାମ ବେହେରା, ପବିତ୍ର ରଞ୍ଜନ ପୁହାଣ ଓ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ । ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓରଫ୍ ଜିତୁ ବାବୁ ତାଙ୍କର ଜେଜେ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ ଓ ତାଙ୍କର ବାପା ତଥା ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଙ୍କୁ ସ୍ମରଣ କରି ସମସ୍ତଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଥିଲେ ।

# ଅଗରୱାଲା ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହ ଉଦ୍‌ଯାପିତ



ବାଲେଶ୍ୱର, ୧୨/୧ (ନି.ପ୍ର): ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ଅଗରୱାଲା ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ରାଷ୍ଟ୍ର ନିର୍ମାଣରେ ଛାତ୍ରୀଛାତ୍ରଙ୍କୁ ବ୍ରତୀ ହେବା ପାଇଁ ସେ ପରାମର୍ଶ ଦେଇଥିଲେ । ହୀରକ ଜୟନ୍ତୀ କମିଟିର ସଭାପତି ଉପେନ୍ଦ୍ର ନାଥ ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟବକ୍ତା ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ବିଦ୍ୟାପୀଠର ୬୦ ବର୍ଷ ଇତିହାସରେ ଗୁରୁଜୀ, ଗୁରୁମାଙ୍କ ତ୍ୟାଗ ଓ ସମର୍ପଣ ଭାବ ଅତୁଳନୀୟ ବୋଲି କହିଥିଲେ । ପ୍ରଧାନଶିକ୍ଷକ ରଣିତା ପାତ୍ର ବିବରଣୀ ପାଠ କରିଥିଲେ । ସମ୍ମାନିତ ଅତିଥି ଏଫ୍‌ଏମ୍‌ୟୁ ପ୍ରଫେସର ଦେବାଶିଷ ପାତ୍ର, ଜିଲା ଶିକ୍ଷାଧିକାରୀ ଡ. ବସନ୍ତ କୁମାର ନାୟକ, ମେଡ଼ିକାଲ କ୍ରିୟାନୁଷ୍ଠାନ କମିଟି ସଭାପତି ନିରଞ୍ଜନ ପରିଡ଼ା, ଡ. କୁମାର ଚନ୍ଦ୍ର ମିଶ୍ର, ସମାଜସେବୀ ଦିଲ୍ଲୀପ କୁମାର ସାହୁ, ମାର୍ଗଦର୍ଶକ ତାପସ କୁମାର ନନ୍ଦ, ଅକ୍ଷୟ କୁମାର ତ୍ରିପାଠୀ, ସାଧାରଣ ସମ୍ପାଦକ କ୍ଷୀତିଶ କୁମାର ଜେନା, ଡା. ଶୀତିକଣ୍ଠ ସାହୁ, ଡ. ଶରତ ଚନ୍ଦ୍ର ମିଶ୍ର, ପ୍ରତିଷ୍ଠାତା ସମ୍ପାଦକ ରାଧାକୃଷ୍ଣ ଜେନା, ବିଇଓ ଯଜ୍ଞେଶ୍ୱର ଜେନା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଚରିତ୍ରବାନ ଓ ଶୃଙ୍ଖଳିତ ହେବାକୁ ଉପଦେଶ ଦେଇଥିଲେ । ସୁଜାତା ନାୟକ ମଞ୍ଚ ପରିଚାଳନା, ପ୍ରାଧ୍ୟାପିକା ଆରାଧନା ନାୟକ ସ୍ୱାଗତ ଭାଷଣ ଓ ଅକ୍ଷୟ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ । ଶେଷରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୁରଜ ପ୍ରତିଭାବାନ୍ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରିଥିଲେ ।

## କର୍ତ୍ତବ୍ୟନିଷ୍ଠ ପ୍ରଧାନଶିକ୍ଷକଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହୃତ

ବାଲିଆପାଳ , ୧୨/୧ (ନି.ପ୍ର): ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଫଳକ ଭାଙ୍ଗି ଛାତ୍ର ମୃତ୍ୟୁ ଭଳି ଘଟିଥିବା ଅଭାବନୀୟ ଘଟଣାକୁ କେନ୍ଦ୍ର କରି ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ନିଲମ୍ବିତ କରାଯାଇଥିଲା। ଯାହାକୁ ନେଇ ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୂଚନା ଦେଇଥିଲା। ତେବେ ଆଜି ଅପରାହ୍ନରେ ଶିକ୍ଷକ ସଂଘର କର୍ମକର୍ତ୍ତା ମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନାଙ୍କୁ ଭେଟି କୌଣସି କାରଣ ନଥାଇ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ପାଇଁ ଚାପ ସୃଷ୍ଟି କରିବା ସହିତ ତଦନ୍ତ କରି ପ୍ରକୃତ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ନିଲମ୍ବିତ ପ୍ରଧାନ ଶିକ୍ଷକ ଗୋପାଳ ପଣ୍ଡିତ ଜଣେ କର୍ତ୍ତବ୍ୟ ନିଷ୍ଠ ଏବଂ ଛାତ୍ର ବତ୍ସଳ ପ୍ରଧାନ ଶିକ୍ଷକ ଭାବରେ ସମ୍ପୂର୍ଣ୍ଣ ବାଲିଆପାଳ ବ୍ଲକରେ ପରିଚିତ। କୌଣସି କାରଣ ନଥାଇ ଜଣେ କର୍ତ୍ତବ୍ୟ ନିଷ୍ଠ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରିବା ଦ୍ୱାରା ଦୀର୍ଘ ୭୨ଘଣ୍ଟା ଧରି ସେ ମାନସିକ ଯନ୍ତ୍ରଣା ଭୋଗୁଥିବା ନେଇ ଶିକ୍ଷକ ସଂଘର କର୍ମକର୍ତ୍ତା ମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେଣୁ ତାଙ୍କ ନିଲମ୍ବନ ଆଦେଶକୁ ଯଥାଶୀଘ୍ର ପ୍ରତ୍ୟାହାର କରିବା ପାଇଁ ଶିକ୍ଷକ ସଂଘ ଦାବି କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ୭୨ଘଣ୍ଟା ପରେ ପ୍ରଧାନ ଶିକ୍ଷକ ଗୋପାଳ ପଣ୍ଡିତଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଥିବା ଜଣାପଡ଼ିଛି। ନିଲମ୍ବନ ଆଦେଶ ପ୍ରତ୍ୟାହାର ପରେ ଶିକ୍ଷକ ସଂଘର କର୍ମକର୍ତ୍ତା ମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ କୃତଜ୍ଞତା ଜଣାଇବା ସହିତ ପ୍ରକୃତ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରିଛନ୍ତି।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାର ଉଦ୍‌ଯାପନୀ ଉତ୍ସବ




ଭଦ୍ରକ, ୧୨/୧ (ନି.ପ୍ର): ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାର ଉଦ୍‌ଯାପନୀ ଉତ୍ସବ ଆଜି ଭଦ୍ରକ ସ୍ଥିତ ନେହେରୁ ଷ୍ଟାଡିୟମରେ ଆୟୋଜିତ ହୋଇଯାଇଛି।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭାଣ୍ଡାରୀପୋଖରୀ ବିଧାୟକ ଶ୍ରୀଯୁକ୍ତ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଗ୍ରାମୀଣ ଅର୍ଥନୀତିର ମୁଖ୍ୟ ସ୍ରୋତଧାରା ବୋଲି ଉଲ୍ଲେଖ କରିଥିଲେ। ସେ ଯୁବକ-ଯୁବତୀମାନଙ୍କୁ ଚାକିରି ପଛରେ ନ ଧାଇଁ ମାଛ ଓ ପଶୁପାଳନକୁ ଜୀବିକାର ମାଧ୍ୟମ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟ ବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ଦେଶୀ ଗାଈ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ ଯୋଗଦେଇ ଉନ୍ନତ ଓ ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟ ଓ ପଶୁପାଳନ କରିବା ପାଇଁ ଚାଷୀମାନଙ୍କୁ ପ୍ରେରିତ କରିଥିଲେ। ମେଳାରେ ବୈଜ୍ଞାନିକ ତଥା ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଡ଼. ଅମିତାଭ ପଣ୍ଡା ଓ ଡ଼. ଭବାନୀ ପ୍ରସାଦ ମହାପାତ୍ର ଉପସ୍ଥିତ ରହି ଚାଷୀମାନଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ।ଏହି ମେଳାରେ ଆଜି ୫୦୦ରୁ ଅଧିକ ଚାଯୋଗଦେଇ ବିଭିନ୍ନ ଷ୍ଟଲ୍ ପରିଦର୍ଶନ କରି ନୂତନ ଜ୍ଞାନ ଓ କୌଶଳ ଅର୍ଜନ କରିଥିଲେ। ମେଳା ଅବସରରେ ସର୍ବଶ୍ରେଷ୍ଠ ୪ ଜଣ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ପଶୁଚିକିତ୍ସାଧିକାରୀ ଡ଼. ବିଜୟ କେତନ ପଟ୍ଟନାୟକ, ଡ଼. ଜ୍ୟୋତି ରଞ୍ଜନ ମିଶ୍ର, ଡ଼. ଅରୁଣ କୁମାର ମଲ୍ଲିକ, ଉପଖଣ୍ଡ ପଶୁ ଚିକିତ୍ସାଧିକାରୀ ଡ଼. ସୁନୀଲ କୁମାର ଭୂୟାଁ ଓ ତିହିଡ଼ି ବ୍ଲକ ପଶୁ ଚିକିତ୍ସାଧିକାରୀ ଡ଼. ନିରାକାର ଜେନା ପରିଚାଳନା କରିଥିଲେ। ଜିଲ୍ଲା ମୁଖ୍ୟ ପଶୁଚିକିତ୍ସାଧିକାରୀ ଡ଼. ହୃଷୀକେଶ ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ମାଛ ଅଧିକାରୀ ଶ୍ରୀ ଅମର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ୩୩ତମ ବାର୍ଷିକ ଉତ୍ସବ ପାଳିତ

ପାରାଦୀପ, ୧୨/୧ (ନି.ପ୍ର): ପାରାଦୀପସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩୩ତମ ବାର୍ଷିକ ଉତ୍ସବ ସୋମବାର ଦିନ ସନ୍ଧ୍ୟାରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ସାଂସଦ ଡ. ବିଭୂପ୍ରସାଦ ତରାଇ, ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଶିକ୍ଷା ବିକାଶ ସମିତ ପୂର୍ବ ସମ୍ପାଗ କୋଷାଧକ୍ଷ ରବିନ୍ଦ୍ର କୁମାର ଦାସ, ମୁଖ୍ୟବକ୍ତା ଭାବେ ଶିକ୍ଷାବିକାଶ ସମିତି ପରିଚାଳନା ସମିତି ସଭାପତି ସତ୍ୟନାରାୟଣ ପଟ୍ଟନାୟକ ଯୋଗ ଦେଇଥିଲେ । ଉତ୍ସବରେ ସଭାପତିତ୍ୱ କରିଥିଲେ




ପରିଚାଳନା ସମିତି ସଭାପତି ନିରଂଜନ ଖୁଣ୍ଟିଆ । ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସମ୍ପାଦକ ଦିଗମ୍ବର ଖୁଣ୍ଟିଆ । ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ବିଦ୍ୟାମନ୍ଦରି ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡା । କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସହପ୍ରଧାନ ଆଚାର୍ଯ୍ୟା ମମତା କର । ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଆଚାର୍ଯ୍ୟା ସସ୍ମିତା ଦାଶ ।ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଉପସଭାପତି ରଞ୍ଜନ କୁମାର ଧଳ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମଟରସାଇକେଲ ଧକ୍କାରେ ଯୁବକ ମୃତ

ବସ୍ତା , ୧୨/୧ (ନି.ପ୍ର): ୬୦ ନମ୍ବର ଜାତୀୟ ରାଜପଥ ହଳଦୀପଦା ନିକଟ ହନୁମାନ ମନ୍ଦିର ନିକଟରେ ରାସ୍ତା ପାରାଉ ଥିବା ସମୟ ରେ ବାଲେଶ୍ୱର ରୁ ଜଳେଶ୍ୱର ଅଭିମୁଖେ ଆସୁଥିବା ମୋଟର ସାଇକେଲ ଯୁବକ କୁ ଧକ୍କା ଦେଇଥିଲା ଫଳରେ ଉଭୟ ଯୁବକ ଓ ଗାଡ଼ିରେ ଥିବା ଦୁଇ ଛିଟିକି ହୋଇ ରାସ୍ତା ଉପରେ ପଡି ଯାଇଥିଲେ । ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇ ଦେଇ ଥିଲେ । ଖବର ପ୍ରସାର ହେବା ପର୍ଯ୍ୟନ୍ତ ଯୁବକ ଙ୍କ ପରିଚୟ ମିଳି ପାରି ନାହିଁ।

## ଗୌର ରାଧାକ୍ରାନ୍ତ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ଖଇରା, ୧୨/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ପାଣିସାଉଁଳିସ୍ଥିତ ଶ୍ରୀ ଗୌର ରାଧାକ୍ରାନ୍ତ ଶିକ୍ଷାକେନ୍ଦ୍ରର ୧୫ତମ ବାର୍ଷିକୋତ୍ସବ ରବିବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ବାର୍ଷୀକ ଉତ୍ସବରେ ଆକର୍ଷଣୀୟ କାର୍ଯ୍ୟକ୍ରମ ଭାବେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନାଟକ ଶ୍ରୀ ଚୈତନ୍ୟର ପ୍ରତ୍ୟେକଟି ଦୃଶ୍ୟ ମନରେ ସାଇତି ରଖିବା ଭଳି ଥିଲା । ତ୍ରୀଦଣ୍ଡୀ ସ୍ୱାମୀ ବିଷ୍ଣୁପାଦ ଶ୍ରୀଲ ଭକ୍ତିବନ୍ଧୁ ମହାରାଜ ଉତ୍ସବକୁ ଉଦଘାଟନ କରିଥିଲେ । ପ୍ରାରମ୍ଭରେ ଶରତ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବିଇଓ ନାରାୟଣ ଦାସ ମୁଖ୍ୟଅତିଥି,ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ଅଭୟ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶିକ୍ଷକ ହେମନ୍ତ କୁମାର ଶଙ୍ଖୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାବା ଲଙ୍କେଶ୍ୱର ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ
### ପ୍ରଥମ ସେମିରେ ବାଲେଶ୍ୱର ଆଦର୍ଶ କ୍ଲବ ବିଜୟୀ



ଖଇରା, ୧୨/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଚାଲିଥିବା ବାବା ଲଙ୍କେଶ୍ୱର ଆନ୍ତଜିଲା କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ରେ ବାଲେଶ୍ୱର ଆଦର୍ଶ କ୍ଲବ ଭଦ୍ରକର ସୂର୍ଯ୍ୟଶିଖା କ୍ଲବକୁ ୧୯୧ରନର ବିଶାଳ ସ୍କୋର ବ୍ୟବଧାନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଆଦର୍ଶ କ୍ଲବ ରାଉଳ ଗୁପ୍ତାଙ୍କ ଧୂଆଁଧାର ବ୍ୟାଟିଂ ବଳରେ ନିର୍ଦ୍ଧାରିତ ୨୦ଓଭରରେ ୨୪୨ ରନ ସଂଗ୍ରହ କରିଥିଲା । ୨୪୩ ରନ ର ଲକ୍ଷ ନେଇ ପଡିଆକୁ ଓହ୍ଲାଇଥିବା ସୂର୍ଯ୍ୟଶିଖାର ଦ୍ରୁତ ଉଇକେଟ ପତନ ଯୋଗୁଁ ୧୦.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ମାତ୍ର ୫୧ରନ କରି ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଥିଲା । ଓସିଏ ପ୍ୟାନେଲ ଅମ୍ପାୟାର ସୁଧାଂଶୁ ଲେଙ୍କା ଏବଂ ରାଜୀବ ପାତ୍ର ମ୍ୟାଚ ପରିଚାଳନା କରିଥିଲେ । କମିଟି ସଭାପତି ଅଭିମନ୍ୟୁ ରାଉଳ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ବାଲେଶ୍ୱର ର ବିଜେଡି ଏମପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର,ପୂର୍ବତନ ବିଧାୟକ ସ୍ୱରୂପ ଦାସ ଓ ସୁଧାଂଶୁ ଶେଖର ପରିଡା,ବିଶ୍ୱଭୂଷଣ ପ୍ରଧାନ,ରବିନ୍ଦ୍ର ମହାନ୍ତି,ବରିଷ୍ଠ ସଦସ୍ୟ ଅରୁଷ ମହାକୁଡ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଘୋଷିତ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ । ସୁଶାନ୍ତ ମହାପାତ୍ର ଅତିଥି ପରିଚୟ ଓ ଶୁଭ ସୁନ୍ଦର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଷ୍ଟ୍ରୀୟ ଯୁବ ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨/୧ (ନି.ପ୍ର): ରାଷ୍ଟ୍ରୀୟ ଯୁବ ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତୀୟ ଯୁବଶକ୍ତିର ସଶକ୍ତ ପ୍ରେରଣାସ୍ରୋତ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିବସ ଅବସରରେ ମୁଁ ତାଙ୍କୁ ଆଦରପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଉଛି । ତାଙ୍କର ଜୀବନ ଓ କାର୍ଯ୍ୟ ବିକଶିତ ଭାରତର ସଂକଳ୍ପକୁ ନିରନ୍ତର ନୂତନ ଉର୍ଜାରେ ପ୍ରେରିତ କରୁଛି। ଏହି ରାଷ୍ଟ୍ରୀୟ ଯୁବ ଦିବସ ଆମ ଯୁବ ନାଗରିକମାନଙ୍କ ମଧ୍ୟରେ ନୂତନ ଶକ୍ତି, ଉତ୍ସାହ ଓ ଆତ୍ମବିଶ୍ୱାସକୁ ଜାଗ୍ରତ କରୁ—ଏହି କାମନା କରୁଛି।

## ବୈଶିଙ୍ଗା ଥାନା ଅଞ୍ଚଳରୁ ବଡ ଧରଣର ଡକାୟତି: ପୋଲିସ ହାତ ଶୂନ

ବୈଶିଙ୍ଗା , ୧୨/୧ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା ପଞ୍ଚାୟତର ଦୁର୍ଗାପୁର (ଗଣେଶ୍ୱରପୁର) ଗ୍ରାମର ବସନ୍ତ ସେନାପତି ଙ୍କ ଘରୁ ପ୍ରାୟ ୫୦ /୬୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା, ରୁପା ଅଳଙ୍କାର ସମେତ ନଗଦ ଟଙ୍କା ଚୋରୀ ହୋଇଥିବା ଖବର ଲୋକ ଙ୍କ ମନରେ ଭୟ ସୃଷ୍ଟି କରିଛି । ପ୍ରାପ୍ତ ସୂଚନା ମୁତାବକ ଗତ ଶନିବାର ସନ୍ଧ୍ୟା ୭ ଘଟିକା ସମୟରେ ଦୁର୍ଗାପୁର (ଗଣେଶ୍ୱରପୁର ) ଗ୍ରାମର ବିକର୍ତ୍ତନ ସେନାପତି ଙ୍କ ପୁତ୍ର ବସନ୍ତ ଏବଂ ତାଙ୍କ ସ୍ତ୍ରୀ ଉଭୟେ ଶ୍ୱଶୁର ଘରକୁ ଯାଇଥିଲେ । ଆଜି ସକାଳେ ଆସି ଦେଖନ୍ତି ତ ଚୋରମାନେ ପୁରା କଳାକନା ବୁଲାଇ ଦେଇଛନ୍ତି । ଏକାଧିକ ଚୋର ରବିବାର ରାତିରେ ବସନ୍ତଙ୍କ ମୁଖ୍ୟ ଦ୍ୱାର ର ତାଲା ଭାଙ୍ଗିବା ସହିତ ଭିତର ଘରର ସବୁ କବାଟ କୁ ଭାଙ୍ଗି ସମସ୍ତ ଆସବାବପତ୍ର ଏଣେ ତେଣେ ଫିଙ୍ଗି ଦେଇଥିଲେ। ଏହାପରେ କୋଲାପସ୍ ଗେଟ୍ ଭାଙ୍ଗି ଶୋଇବା ଘରର ଗୋଦରେଜ ଆଲମିରା କୁ ଭାଙ୍ଗି ପ୍ରାୟ ୪କ୍ୱିଣ୍ଟ ଗ୍ରାମର ବିଭିନ୍ନ କିସମର ସୁନା ଅଳଙ୍କାର, ୨୦୦ ଗ୍ରାମ ଓଜନର ରୂପା ଅଳଙ୍କାର ଏବଂ ନଗଦ ୧୭ ହଜାର ଟଙ୍କା ଆନୁମାନିକ ୬କ୍ୱିଣ୍ଟ ଲକ୍ଷ ମୂଲ୍ୟର ଗହଣା ଚୋରୀ କରି ନେଇଥିବା ଅଭିଯୋଗ ହୋଇଛି । ପୂର୍ବାହ୍ନରେ ଶିକ୍ଷକ ବସନ୍ତ ସେନାପତି ବୈଶିଙ୍ଗା ଥାନାରେ ଅଭିଯୋଗ କରିବା ପରେ ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ କରି ଫେରି ଆସିଥିଲେ । ପୁଲିସ ତରଫରୁ ସାଇଣ୍ଟିଫିକ ଟିମ୍ ସହିତ ସନ୍ଧାନୀ କୁକୁରର ସାହାଯ୍ୟ ନିଆ ଯାଇ ଥିଲା । କୁକୁର ପହଞ୍ଚି ଘଟଣା ସ୍ଥଳ ନିକଟରୁ ଖୋଦି ଖୋଜି ୩କ୍ୱିଣ୍ଟ ମିଟର ରାସ୍ତା ୧୮ନଂ ଜାତୀୟ ରାଜପଥ ନିକଟରେ ପହଞ୍ଚି ଆଉ ଆଗେଇ ପାରି ନ ଥିଲା । ଗ୍ରାମବାସୀ ଙ୍କ ଅଭିଯୋଗ ଥିଲା ନିକଟସ୍ଥ ପଦ୍ମନାଭପୁର ଟୋଲପ୍ଲାଜା କୁ ବାଇପାସ କରି ଶହ ଶହ ମାଲବାହୀ ଟ୍ରକ, କାର , ପିକଅପ ଆଦି ଏହି ରାସ୍ତାରେ ରାତି ସାରା ବିକଟାଳ ଶବ୍ଦ ସହିତ ଚଳପ୍ରଚଳ କରୁଥିବାରୁ ରାସ୍ତା ପାର୍ଶ୍ୱବର୍ତ୍ତୀ ଘରର ଲୋକମାନେ ଟାଟି କବାଟ ଦେଇ ଶୋଇ ଯାଉଛନ୍ତି । ସେଥିପାଇଁ ଏହି ରାସ୍ତାରେ ଚୋରୀ, ଡକାୟତି, ଛିନ ତାଇ ଓ ରାହାଜାନି ଆଦି ବଢ଼ି ଚାଲିଛି । ଏସବୁ କୁ ରୋକିବାରେ ବୈଶିଙ୍ଗା ପୁଲିସ ପୁରା ବିଫଳ ବୋଲି ଚର୍ଚ୍ଚା ହେଉଛି । ଚୋରୀ ଡକାୟତି କୁ ରୋକିବା ପାଇଁ ବିଭିନ୍ନ ସ୍ଥାନରେ ସିସି ଟିଭି କ୍ୟାମେରା ଲଗାଯାଇଥିଲେ ମଧ୍ୟ ଗତ ସେପ୍ଟେମ୍ବର ମାସଠାରୁ ଏସବୁ ଅଚଳ ହୋଇ ପଡିଛି । ଦୁର୍ବୃତ୍ତ ମାନଙ୍କୁ ଏ ସବୁ ବୋଧହୁଏ ଜଣାଅଛି । ଏଣୁ ସେମାନେ ଅନାୟାସରେ ଏଭଳି ଘଟଣା ଘଟାଇ ଚାଲିଥିବାର ଆଶା କରାଯାଏ । ପୁଲିସ ଏଭଳି ଘଟଣା ପ୍ରତି ସଚେତନ ନ ହେଲେ ସାଧାରଣଙ୍କ ଧନ ଜୀବନ ବିପନ୍ନ ହୋଇ ପଡିବ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ଚର୍ଚ୍ଚା ହେଉଛି ।

## ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବିବେକାନନ୍ଦ ଜୟନ୍ତୀ ଓ ରାଷ୍ଟ୍ରୀୟ ଯୁବଦିବସ ପାଳିତ

ନୀଳଗିରି , ୧୨/୧ (ନି.ପ୍ର): ଭାରତୀୟ ଯୁବଶକ୍ତିଙ୍କ ପ୍ରେରଣାରଉତ୍ସ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଯୁବଦିବସ ଅବସରରେ ନୀଳଗିରି ନିର୍ବାଚନ ମଣ୍ଡଳୀର ମିତ୍ରପୁରଠାରେ ଥିବା 'ଅମ୍ବିକା ଇନଷ୍ଟିଚ୍ୟୁଟ'ରେ ବିଜେପି ଯୁବମୋର୍ଚ୍ଚା,ନୀଳଗିରି ଦ୍ୱାରା ରାଷ୍ଟ୍ରୀୟ ଯୁବଦିବସ ପାଳନ ହୋଇଅଛି ।ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ଡ଼. ପ୍ରକାଶ ଚନ୍ଦ୍ର ମହାପାତ୍ର ଏବଂ ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ଦେବାଶିଷ ଆଚାର୍ଯ୍ୟ ଅତିଥିଭାବେ ଯୋଗ ଦେଇଥିଲେ ।ଦେବାଶିଷ



ଆଚାର୍ଯ୍ୟ ଯୁବପ୍ରତିଭାମାନଙ୍କ ସହ ସାମିଲହୋଇ ଯୁବଶକ୍ତି ରାଷ୍ଟ୍ର ନିର୍ମାଣରେ ଭାଗିଦାର ହେବାସହ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଯୁବବର୍ଗ ରାଷ୍ଟ୍ରସେବାରେ ସମର୍ପିତ ହେବାପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ 'ଅମ୍ବିକା ଇନଷ୍ଟିଚ୍ୟୁଟ'ର ମୁଖ୍ୟ ସୁଧାଂଶୁ ଦାସ, ଛାତ୍ରନେତୃତ୍ୱ ଗୋପୀବଲ୍ଲଭ ରାଉତ, ବିଜେପି ଯୁବମୋର୍ଚ୍ଚା ସଦସ୍ୟ ଉମାକାନ୍ତ ଦାସ, ଦେବରଞ୍ଜନ ସ, ଆଲୋକ ବାରିକ, ଦିବ୍ୟଜ୍ୟୋତି ପ୍ରମୁଖ ଉପସ୍ଥିତ ଥିଲେ।

## କବି ବ୍ରଜନାଥ ରଥଙ୍କ ୯୧ତମ ଜୟନ୍ତୀ ସମାରୋହ- ଉନବିଂଶ ବିଶ୍ୱତାରା ଗବେଷଣା ଗ୍ରନ୍ଥାଗାରର ବାର୍ଷିକ ଉତ୍ସବ ଓ ସାରସ୍ୱତ ସମ୍ବର୍ଦ୍ଧନା

ବାଲେଶ୍ୱର, ୧୨/୧ (ନି.ପ୍ର): ପ୍ରଥିତଯଶା କବି ଡ଼ଃ ବ୍ରଜନାଥ ରଥଙ୍କ ୯୧ତମ ଜୟନ୍ତୀ ସମାରୋହ ଓ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡିଶାର ଅନନ୍ୟ ଗବେଷଣା ଗ୍ରନ୍ଥାଗାରର ଉନବିଂଶ ବାର୍ଷିକ ଉତ୍ସବ କବିଙ୍କର ବାସସ୍ଥାନ ବ୍ରଜଭୂମିରେ ପାଳିତ ହୋଇଯାଇଛି। ପୂର୍ବାହ୍ନ ୧୦ ଘଟିକାରେ କବି ଡ଼ଃ କାଳିକିଙ୍କର'ଙ୍କର ସଂଯୋଜନାରେ କବି ବ୍ରଜନାଥ ରଥଙ୍କର କାଳଜୟୀ କବିତାରୁ କିଛି କବିତା ବାଲେଶ୍ୱରର କବିମାନେ ଆବୃତ୍ତି କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଦିନ ୧୧ ଘଟିକାରେ କବି ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ପୁଷ୍ପଲତା ଦେବୀଙ୍କ ତରଫରୁ ବିଶିଷ୍ଟ ଗବେଶିକା ଡ଼ଃ ନିବେଦିତା ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥୀ ଭାବରେ ବିଶିଷ୍ଟ ଗବେଷକ ଓ ଲେଖକ ଶ୍ରୀକାନ୍ତ ଚରଣ ପାତ୍ର ଯୋଗ ଦେଇଥିଲେ । ପ୍ରାରମ୍ଭରେ ମନସ୍ୱିନୀ ଦେବୀଙ୍କ ରଚନାରୁ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ବହ୍ନିମାନ ରଥ । ଇଂ ହୃଷିକେଶ ସାହୁ ମଞ୍ଚ ଆହ୍ୱାନ କରିଥିବାବେଳେ କବି ଡ଼ଃ କାଳିକିଙ୍କର ଅତିଥୀ ପରିଚୟ ଓ ସ୍ୱାଗତ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ତ୍ରୈମାସିକ ସାହିତ୍ୟ ପତ୍ରିକା ସ୍ୱପ୍ନଦୀପର ତୃତୀୟ ବର୍ଷର ଦ୍ୱିତୀୟ ସଂଖ୍ୟା ସହ କବି ତଥା ଲେଖକ ଡ଼ କାଳିକିଙ୍କରଙ୍କର ସପ୍ତମ ଗଳ୍ପ ସଂକଳନ ' ବୋଝ ବାହାକମାନେ' ଓ ଚତୁର୍ଥ ଶିଶୁ କବିତା ସଂକଳନ' ମମତାରେ ବନ୍ଧା ସାରା ଦୁନିଆ' କୁ ଅତିଥୀମାନେ ଉନ୍ମୋଚନ କରିଥିଲେ । ଏ ବର୍ଷର ପ୍ରତିଷ୍ଠିତ କବି ବ୍ରଜନାଥ ରଥ ସାରସ୍ୱତ ସମ୍ମାନ ବିଶିଷ୍ଟ ଲେଖକ ଡ଼ଃ ପ୍ରଫୁଲ୍ଲ କୁମାର ତ୍ରିପାଠୀ, କବି ବ୍ରଜନାଥ ରଥ ସ୍ମୃତି ସମ୍ମାନ ବିଶିଷ୍ଟ କବି ଡ଼ଃ ବାସୁଦେବ ସୁନାନୀ, କବି ବ୍ରଜନାଥ ରଥ ସ୍ମୃତି ସମ୍ବର୍ଦ୍ଧନା ବିଶିଷ୍ଟ ବଙ୍ଗଳା ଲେଖକ ଓ ଅନୁବାଦକ ଓ କାଳୀପଦ ପ୍ରଧାନ ଓ କବି ବ୍ରଜନାଥ ରଥ ସମ୍ବର୍ଦ୍ଧନା କବିଙ୍କର ବିଶ୍ୱଶ୍ରୀ ପ୍ରେସର ଦୀର୍ଘ ବର୍ଷର ସହଯୋଗୀ ଶ୍ରୀଯୁକ୍ତ ଲକ୍ଷ୍ମଣ ଚନ୍ଦ୍ର ବର୍ଦ୍ଧନଙ୍କୁ ମୁଖ୍ୟ ଅତିଥି ଡ଼ଃ ଶ୍ରୀକାନ୍ତ ଚରଣ ପାତ୍ର, ସଭାପତି ଡ଼ଃ ନିବେଦିତା ମହାନ୍ତି ଓ ମୁଖ୍ୟ ଟ୍ରଷ୍ଟି ପୁଷ୍ପଲତା ଦେବୀ ପ୍ରଦାନ କରିଥିଲେ । ଶ୍ରୀମତୀ ଅନିତା ରଥ, ଶ୍ରୀମତୀ ଅନୁସୂୟା ରଥ, ଡ଼ଃ ମୃତ୍ୟୁଞ୍ଜୟ ମିଶ୍ର ଓ ମନସ୍ୱିନୀ ଦେବୀ ମାନପତ୍ର ପଠନ କରିଥିଲେ । ଏହି ସମ୍ମାନଜନକ ସାରସ୍ୱତ ସ୍ୱୀକୃତି ଗ୍ରହଣ କରିଥିବା ପ୍ରତିଭାଙ୍କୁ ମାନପତ୍ର ସହ ସମ୍ମାନ ରାଶି ତଥା ଅଙ୍ଗବସ୍ତ୍ର




ଆଦି ପ୍ରଦାନ କରାଯାଇଥିଲା । ସାରସ୍ୱତ ସମ୍ମାନ ଓ ସମ୍ବର୍ଦ୍ଧନାର ଉତ୍ତରରେ ଡ଼ଃ ପ୍ରଫୁଲ୍ଲ କୁମାର ତ୍ରିପାଠୀ କହିଲେ ଯେ କବି ବ୍ରଜନାଥ ରଥ ଓଡ଼ିଆ ସାହିତ୍ୟର ଜଣେ କାଳଜୟୀ ସ୍ରଷ୍ଟା । ଡ଼ା ବାସୁଦେବ ସୁନାନୀ, ଡ଼ଃ କାଳୀପଦ ପ୍ରଧାନ ଓ ଶ୍ରୀଯୁକ୍ତ ଲକ୍ଷ୍ମଣ ଚନ୍ଦ୍ର ବର୍ଦ୍ଧନ କହିଲେ ଯେ ବ୍ରଜବାବୁଙ୍କ ସାହିତ୍ୟ ହେଉଛି ସତ୍ୟ, ସ୍ୱାଭିମାନ ଓ ପ୍ରେରଣାର ସାହିତ୍ୟ । ମୁଖ୍ୟ ଅତିଥୀ ଡ଼ଃ ଶ୍ରୀକାନ୍ତ ଚରଣ ପାତ୍ର କହିଲେ ଯେ କବି ବ୍ରଜନାଥ ରଥ ଥିଲେ ମୋର ପଥ ପ୍ରଦର୍ଶକ ଓ ପ୍ରେରଣାଦାତା । ସଭାପତି ଡ଼ଃ ନିବେଦିତା ମହାନ୍ତି କହିଲେ ଯେ ମୋର ପିତୃପୁରୁଷଙ୍କର ଭୂମି ଫକୀର ମୋହନଙ୍କର ଶାନ୍ତିକାନନ ପରି କବି ବ୍ରଜନାଥ ରଥଙ୍କର ଏ ବ୍ରଜଭୂମି ମୋ ପାଇଁ ପୁଣ୍ୟଭୂମି । ବିଶ୍ୱତାରା ଓଡ଼ିଆ ଗବେଷଣା ଗ୍ରନ୍ଥାଗାର ପ୍ରତିଷ୍ଠା କରି କବି ଓଡ଼ିଆ ସାହିତ୍ୟ ଜଗତର ଏକ ଦୀଗବାରେଣି ସୃଷ୍ଟି କରି ଯାଇଛନ୍ତି। ଶେଷରେ କବିଙ୍କର କନିଷ୍ଠପୁତ୍ର ବ୍ରହ୍ମନାଥ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଡ଼ସାହି କଲେଜରେ ଆତ୍ମସୁରକ୍ଷା କୌଶଳ ଶିବିର

ବଡସାହି , ୧୨/୧ (ନି.ପ୍ର): ବଡ଼ସାହି ମହାବିଦ୍ୟାଳୟ ରେ ମହିଳା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ରଞ୍ଜନ କୁମାର ଦାସ ଶିବିରକୁ ଉଦ୍ଘାଟନ କରିଥିଲେ। ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି ୮ ଦିନିଆ ଶିବିରରେ ମୋଟ ୮୬ ଜଣ ଶିବିରାଥିଙ୍କୁ ନେଇ ସଂଯୋଜିକା ଅଧାପିକା ସନ୍ଧ୍ୟାରାଣୀ ଦାସ ତତ୍ୱବଧାନ ରେ ଆୟୋଜିତ ହୋଇଯାଇଅଛି। ସମ୍ମାନିତ ଅତିଥି ଭାବରେ ପ୍ରଶାସନିକ ଅଧିକାରୀ ଡ ଜୀବନ କୁମାର ପଣ୍ଡିତ ଓ ଓଡ଼ିଆ ବିଭାଗର ମୁଖ୍ୟା ଡ ରିତୁ ଲତା ବିଶ୍ୱାଳ ଯୋଗଦେଇ +୩ ପ୍ରଥମ ବର୍ଷର କଳା, ବିଜ୍ଞାନ, ବାଣିଜ୍ୟର ଛାତ୍ରୀଙ୍କୁ ଶାରୀରିକ ଓ ବୌଦ୍ଧିକ ସ୍ତରରେ ସଶକ୍ତ ହେବା ପାଇଁ ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରିଥିଲେ। ଟ୍ରେନର ରଞ୍ଜିତା ସିଂ ଉପସ୍ଥିତ ରହି ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା କୌଶଳ ଶିଖାଇଥିଲେ। ଇଁରାଜୀ ବିଭାଗର ଅଧାପକ ପାର୍ଥ ସରାହି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏଥି ସହିତ ଅଧାପକ ଅନ୍ତର୍ଯ୍ୟାମୀ ବେରିଆ, ଅଧାପକ ସତ୍ୟବାନ୍ ଗୋଚ୍ଛାୟତ, ଅତିଥି ଅଧାପିକା କ୍ରୀଷ୍ଟା ବେହେରା, ଗୀତିସ୍ମିତା ବେହେରା, ମୀରାକିଲ ସାମନ୍ତରାୟ, ମୁଖ୍ୟ କିରାଣୀ ସୁବାଷ ଚନ୍ଦ୍ର ବେହେରା, ଅଣ ଶିକ୍ଷକ କର୍ମଚାରୀ ସତ୍ୟ ମହାନ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସୂଚାରୁ ରୂପେ ସମ୍ପାଦନା କରିବାରେ ସହଯୋଗ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida